
ବାହାହେବେ ୪୫ ବର୍ଷୀୟା ଭେନସ୍
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 118 | ଭାଗ ୩୩ | ସଂଖ୍ୟା ୧୧୮ | Bhubaneswar | Saturday 19 July 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୧୯ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ଭର୍ତ୍ତୃହରି

## କଟକକୁ ମିଳିବ ନୂଆ ରୂପ



**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଆଜି କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ କଟକ ସହରର ଓଏମପି ଅଞ୍ଚଳରେ ଭେଣ୍ଡିଂ ଜୋନ, ଏକ ବୃହତ୍ କନ୍‌ଭେନସନ ସେଣ୍ଟର ସ୍ଥାପନ, ରାଣୀହାଟ ଅଞ୍ଚଳର ଉନ୍ନତିକରଣ, ପ୍ରେସ ଛକ ଅଞ୍ଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡ଼ା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଓ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡ଼ମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା ଓ ଉପଖଣ୍ଡସ୍ତରୀୟ ଶୀତଳଭଣ୍ଡାର ନିର୍ମାଣ ବିଷୟରେ ଶ୍ରୀ ମହତାବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଓ ଏହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ର ବନେଇବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

### ଏଫ୍‌ଏମ୍ କଲେଜ ପୀଡ଼ିତାଙ୍କ ଆତ୍ମାହୁତି ମାମଲା

# କଲେଜରେ ଘାଣ୍ଟୁଛି ୩ ଟିମ୍

### ୭ ଛାତ୍ରଛାତ୍ରୀ ତଦନ୍ତ ପରିସରଭୁକ୍ତ

### ପୀଡ଼ିତାଙ୍କ ଘରେ ପହଞ୍ଚିଲା କ୍ରାଇମ୍ ବ୍ରାଞ୍ଚ୍

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ କଲେଜର ଇଣ୍ଟିଗ୍ରେଟେଡ୍ ବିଇଡିର ଦ୍ୱିତୀୟ ବର୍ଷ ଛାତ୍ରୀ ଗତ ସୋମବାର ମୃତ୍ୟୁବରଣ କରିଥିବା ବେଳେ ଏହି ଘଟଣାରେ ଆଜି ତଦନ୍ତକୁ ଅଧିକ ଜୋର୍‌ଦାର କରାଯାଇଛି। ଗତକାଲି କ୍ରାଇମ୍ ବ୍ରାଞ୍ଚର ଏକ ଟିମ୍ କଲେଜରେ ପହଞ୍ଚି ତନାଘନା କରିବା ସହ ଏସ୍‌ସିବିରେ ପହଞ୍ଚି ଆହତ ଜ୍ୟୋତିରଞ୍ଜନ ବିଶ୍ୱାଳଙ୍କୁ ପଚରାଉଚରା କରିଥିଲା। ଏହି କ୍ରମରେ ଆଜି କଲେଜରେ ଏକକାଳୀନ ୩ଟି ଟିମ୍ ପହଞ୍ଚି ତଦନ୍ତକୁ ଅଧିକ ବ୍ୟାପକ କରିଛନ୍ତି। ଗୋଟିଏ ପଟେ ଦିଲ୍ଲୀରୁ ୟୁଜିସିର ୫ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଲେଜରେ ପହଞ୍ଚି ତନାଘନା କରିଥିବା ବେଳେ କ୍ରାଇମ୍ ବ୍ରାଞ୍ଚ୍ ମଧ୍ୟ କ୍ରମାଗତ ଦ୍ୱିତୀୟ ଦିନରେ ତଦନ୍ତ କରିଛି। ଏହାଛଡ଼ା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକଙ୍କ ନେତୃତ୍ୱାଧୀନ ୩ଜଣିଆ ତଦନ୍ତ କମିଟି ମଧ୍ୟ ପଚରାଉଚରା କରି ବ୍ୟାପକ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ୟୁଜିସିର ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପାଖାପାଖି ୫ ଘଣ୍ଟା ଧରି ତଦନ୍ତ କରି ଫେରିଯାଇଥିବା ବେଳେ କମିଟି କଲେଜର ମୋଟ ୭ ଜଣ ଛାତ୍ରଛାତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ଏମାନଙ୍କ ମଧ୍ୟରେ ୫ ଜଣ ଛାତ୍ର ଓ ଜଣ ଛାତ୍ର ରହିଛନ୍ତି। ଅବଶ୍ୟ ଟିମ୍ ଦୀର୍ଘ ସମୟ ଧରି ତଦନ୍ତ କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନଥିବାରୁ ପୁଣି ଆସନ୍ତାକାଲି ଟିମ୍ ତଦନ୍ତ କରିବ। ଆସନ୍ତାକାଲି ଟିମ୍‌ର ସଦସ୍ୟମାନେ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସଦସ୍ୟମାନଙ୍କୁ ପଚରାଉଚରା କରିବ ବୋଲି ଟିମ୍‌ର ନେତୃତ୍ୱ ନେଉଥିବା ପ୍ରଫେସର କୁମାର ମିତ୍ତଲ ଓ ଅନ୍ୟତମ ସଦସ୍ୟା ପ୍ରଫେସର ମା ଯାଦବ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ➪ପୃଷ୍ଠା-୬



### ଉଚ୍ଚଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ

## କ୍ୟାମ୍ପସ୍‌ରେ ସହାୟତା ନମ୍ବର ୧୮୧ ପ୍ରଦର୍ଶନ କର

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ (ପୋଶ୍ ଆଇନ, ୨୦୧୨୩) ଏବଂ ଏ ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ➪ପୃଷ୍ଠା-୬

**ପୋଶ୍ ଆଇନ-୨୦୧୩ ନେଇ କର୍ମଶାଳା ଜରୁରୀ**

## ଜିନ୍ଦଲ ଷ୍ଟିଲରେ ଗ୍ୟାସ ବିସ୍ଫୋରଣ: ୯ ଶ୍ରମିକ ଗୁରୁତର



**ଅନୁଗୁଳ,୧୮।୭(ସଂଚାର ବ୍ୟୁରୋ):** ଅନୁଗୁଳସ୍ଥିତ ଜିନ୍ଦଲ ଷ୍ଟିଲ୍ ଷ୍ଟିଲ୍ ଆଣ୍ଡ୍ ପାୱାର୍ (ଜେଏସ୍‌ପିଏଲ୍)ରେ ଆଜି ଏକ ବଡ଼ ଧରଣର ଅଘଟଣ ଘଟିଛି। ଗ୍ୟାସ୍ ବିସ୍ଫୋରଣ ହେବା ଫଳରେ କାର୍ଯ୍ୟରତ ୯ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଜିନ୍ଦଲ ଏମ୍‌ଏସ୍‌ପିର ଏଚ୍‌ଟିସି ସାଇଟର ପ୍ଲେଟ ମିଲ୍‌ରେ କାମ ଚାଲିଥିବା ସମୟରେ ଅଚାନକ ଗ୍ୟାସ ଲିକ୍ ହେବାରୁ ଏପରି ବିସ୍ଫୋରଣ ହୋଇଛି। ଏଥିରେ ଆହତ ହୋଇଥିବା ଶ୍ରମିକମାନଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି।

# ବିଜେଡିକୁ ଅସ୍ଥିର କରିଛି ରାଜ୍ୟସଭା ଗଣିତ



- ଚତୁର୍ଥ ପ୍ରାର୍ଥୀକୁ ନେଇ ଦଳରେ ବିବାଦ
- ନବୀନ ନିବାସ ନିଷ୍ପତ୍ତିକୁ ମାନିବାକୁ ନେତା ନାରାଜ
- ବିଜେପିକୁ ସମର୍ଥନ କରିବାକୁ ପଡିଲେ ଭାଙ୍ଗିବ ଦଳ

**ଭୁବନେଶ୍ୱର,୧୮।୭ (ସଂଚାର ବ୍ୟୁରୋ):** ଆସନ୍ତା ରାଜ୍ୟସଭା ନିର୍ବାଚନ ବିଜେଡି ରାଜନୀତିକୁ ନୂଆ ମୋଡ ଦେବ। ଦଳର ଭବିଷ୍ୟତ ନିର୍ଦ୍ଧାରଣ କରିବା ସହ କିଛି ନେତାଙ୍କ ରାଜନୈତିକ ଭାଗ୍ୟଚକ୍ରରେ ବିରାଟ ପରିବର୍ତ୍ତନ ହେବ। କାରଣ ଆସନ୍ତା ୨୦୨୬ ରାଜ୍ୟସଭା ନିର୍ବାଚନରେ ବିଜେଡିର ଆଭିମୁଖ୍ୟ ଉପରେ ସବୁ କିଛି ନିର୍ଭର କରୁଛି। ସମାନ୍ତରାଳ ଭାବେ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଚୟନର ମଧ୍ୟ ଏକ ସଙ୍କେତ ଦେବ। ୨୦୨୬ ଏପ୍ରିଲ ୨ ତାରିଖରେ ରାଜ୍ୟର ୪ ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ସୁଜିତ କୁମାର, ମହତା ମହନ୍ତ, ମୁନ୍ନା ଖାଁ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ସରିବ। ଏହି ୪ ଆସନ ପୂର୍ବରୁ ଯଦିଓ ବିଜେଡି ହାତରେ ଥିଲା, ନିର୍ବାଚନ ପରେ କିନ୍ତୁ ମମତା ମହନ୍ତ ଓ ସୁଜିତ କୁମାର ବିଜେଡିରୁ ଇସ୍ତଫା ଦେଇ ଉପନିର୍ବାଚନ ପୁଣି ଥରେ ବିଜେପିରୁ ଜିତିଛନ୍ତି। ତେଣୁ ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଓ ବିଜେପି ଦୁଇଟି ଆସନ ସହଜରେ ଅକ୍ତିଆର କରିବେ। ହେଲେ ଚତୁର୍ଥ ଆସନରୁ କିଏ ପ୍ରାର୍ଥୀ ହେବ ଏବଂ କାହାର ସମର୍ଥନ ପାଇବ ତାହା ହିଁ ନିର୍ଦ୍ଧାରଣ କରିବ ବିଜେଡିର ➪ପୃଷ୍ଠା-୬

### କର୍ତ୍ତବ୍ୟ ଭୁଲିଗଲେ ପୁଲିସ୍ ବାବୁ

# ଟ୍ରଲିରେ ଝିଅ ଶବ ବୋହିଲା ବାପା



- ସୋସିଆଲ୍ ମିଡିଆରେ ଫଟୋ ଭାଇରାଲ୍
- ତଥାପି ଆସିନି ପୁଲିସ୍ ପ୍ରତିକ୍ରିୟା

**ବାଲିଆପାଳ,୧୮।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଗରିବଗୁରୁବାଙ୍କ ସକାଶେ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛନ୍ତି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକଗୁଡ଼ିଏ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। କିନ୍ତୁ ଏବେ ବି ଗରିବଗୁରୁବାଙ୍କ ପାଇଁ ଏହିସବୁ ବ୍ୟବସ୍ଥା ଅପହଞ୍ଚ ହୋଇ ରହିଛି। ଗରିବଗୁରୁବା ସ୍ୱଜନଙ୍କ ମୃତଦେହ ପରିବହନ ସକାଶେ ଅକ୍ଷମ ଥିବାରୁ ସେମାନଙ୍କ ସକାଶେ ସରକାରଙ୍କ ପକ୍ଷରୁ ମହାପ୍ରୟାଣ ଯୋଜନା ଲାଗୁ କରାଯାଇଛି। କିନ୍ତୁ ଏହି ଯୋଜନାର ଫାଇଦା ଯେ ସମାଜର ନିମ୍ନ ଶ୍ରେଣୀ ଲୋକେ ପାଉନାହାନ୍ତି, ଏହା ପୁଣି ଥରେ ପ୍ରମାଣିତ ହୋଇଛି। କାରଣ ଆଜି ବାଲିଆପାଳ ଡାକ୍ତରଖାନାରେ ଜଣେ ଗରିବ ଆଦିବାସୀ ନିଜ ଝିଅର ମୃତଦେହକୁ ବ୍ୟବଚ୍ଛେଦ ସକାଶେ ଡାକ୍ତରଖାନା ନେବା ପାଇଁ ମହାପ୍ରୟାଣ ଗାଡ଼ିର ସୁବିଧା ପାଇନଥିଲେ। ତାଙ୍କ ପ୍ରତି ନା ପୁଲିସ୍ ନା ସ୍ଥାନୀୟ ପ୍ରଶାସନ କେହି ବି ନଜର ଦେଇଥିଲେ। ଫଳରେ ସେ ଅନ୍ୟୋନୋପାୟ ହୋଇ ଜଣଙ୍କଠାରୁ ଟ୍ରଲି ମାଗି ନିଜ ଝିଅ ମୃତଦେହକୁ ଡାକ୍ତରଖାନାକୁ ଆଣିବା ଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପୁଣିଥରେ ଶବକୁ ଅସମ୍ମାନ କରାଯାଇଛି। ମିଳିଥିବା ସୂଚନାନୁସାରେ, ବାଲିଆପାଳର ଦେଉଳା ପଞ୍ଚାୟତ ଅନ୍ତର୍ଗତ ବିନ୍ଧାଣି ସାହି ଗ୍ରାମର ମଧୁ ବିନ୍ଧାଣିଙ୍କ ➪ପୃଷ୍ଠା-୬

### ବଡ଼ ଧରଣର ଏନ୍‌କାଉଣ୍ଟର

## ଟଳିଲେ ୬ ମାଓବାଦୀ



ଏକେ-୪୭ ଓ ଏସ୍‌ଏଲ୍‌ଆର୍ ରାଇଫଲ୍ ଉଦ୍ଧାର

**ମାଲକାନଗିରି,୧୮।୭(ସଂଚାର ବ୍ୟୁରୋ):** ଛତିଶଗଡ଼ ନାରାୟଣପୁର ଜିଲ୍ଲା ଅବୁଝମାଡ଼ରେ ସୁରକ୍ଷାକର୍ମୀମାନେ ନକ୍ସଲ ଦମନ ଅଭିଯାନ ଚଳାଇଥିବା ବେଳେ ଆଜି ୬ ଜଣ ମାଓବାଦୀ ନିପାତ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟର୍ ସମୟରେ ଏହି ମାଓବାଦୀମାନେ ଟଳିପଡ଼ିଥିଲେ। ଆଜି ସୁରକ୍ଷାକର୍ମୀମାନେ ସମସ୍ତ ୬ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଏନେଇ ବସ୍ତର ଆଇଜି ସୂଚନା ଦେଇଛନ୍ତି। ଏଥିସହ ସୁରକ୍ଷାକର୍ମୀମାନେ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ମଧ୍ୟ ଜବତ କରିଛନ୍ତି। ଜବତ ଅସ୍ତ୍ରଶସ୍ତ୍ରରେ ଅତ୍ୟାଧୁନିକ ଏକେ-୪୭ ଓ ଏସ୍‌ଏଲ୍‌ଆର୍ ରାଇଫଲ୍ ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଧିକ ମାଓବାଦୀ ଥିବା ସନ୍ଦେହରେ ସୁରକ୍ଷାକର୍ମୀମାନେ ➪ପୃଷ୍ଠା-୬

### କୋଏମ୍ବାଟୁର ଗସ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ମାତୃଶକ୍ତିଙ୍କ ଜୀବନଶୈଳୀ ବଦଳିବା ଜରୁରୀ

- କେପିଆର୍ ମିଲ୍ ବୁଲି ଦେଖିଲେ
- ଓଡ଼ିଆ ମହିଳା କର୍ମଚାରୀଙ୍କ ଅଭିଜ୍ଞତା ଶୁଣିଲେ



**କୋଏମ୍ବାଟୁର,୧୮।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାମିଲନାଡୁର କୋଏମ୍ବାଟୁର ଗସ୍ତରେ ଥିବା ବେଳେ ଆସନ୍ତାକାଲି ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ଏହାର ଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଆଜି ଏଠାକାର ଅଗ୍ରଣୀ ପୋଷାକ ଉତ୍ପାଦନକାରୀ କମ୍ପାନୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଗସ୍ତକାଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ମିଲରେ କାମ କରୁଥିବା ମହିଳା କର୍ମଚାରୀମାନଙ୍କୁ ଭେଟି ସେମାନଙ୍କ ଅଭଜ୍ଞତା ଶୁଣିଥିଲେ। ସେ କହିଥିଲେ ଯେ କେପିଆର ମିଲ୍ ନବସୃଜନ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଓ ଭବିଷ୍ୟତ-କେନ୍ଦ୍ରିତ ଆଭିମୁଖ୍ୟ ଦ୍ୱାରା ଚାଳିତ ବୟନ କ୍ଷେତ୍ରରେ ଏକ ଅବିଶ୍ୱସନୀୟ ଛାପ ଛାଡ଼ିଛି। ମାତୃଶକ୍ତିଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଜରୁରୀ। ଓଡ଼ିଶା ସମେତ ବହୁସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ଦେଇ ଏହି କମ୍ପାନୀ ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି। ଏହାଦ୍ୱାରା ମହିଳା କର୍ମଚାରୀମାନେ ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଶିକ୍ଷା ମାଧ୍ୟମରେ ଏକ ନୂଆ ଐତିହ୍ୟ ସୃଷ୍ଟି କରିପାରିଛନ୍ତି। କେପିଆର ମିଲ୍ ଲିମିଟେଡ୍ ଜନସାଧାରଣ ଏବଂ ଅର୍ଥନୀତିରେ ପୁଞ୍ଜିନିବେଶ କରିବାର ପରିଭାଷାକୁ ବଦଳାଇଛି। ➪ପୃଷ୍ଠା-୬



### କାନ ଡେରିଥା

ଏବେ ଯେଉଁମାନେ ଗର୍ଜନ କରିଲେ
ସେବେ ସେ କୁଆଡେ ଥିଲେ
ଇତିଶ୍ରୀ ମମିତା ପରି ବେଳେ ପରା
ମୁହଁ ଲୁଚାଇ ବୁଲିଲେ
ଏବେ ରାଜନୀତି କଲେ...
ପୂର୍ବ ସରକାରେ ଦଣ୍ଡ ହୋଇଥିଲେ
ଏବେ ସେ ତରନ୍ତେ ଭଲେ।।

■ ଦେବାଶିଷ

# ବିଜେବି ବି ଚାପିଥିଲା ଛାତ୍ରୀ ନିର୍ଯାତନା ଘଟଣା

**ଆରୋପୀ ଅଧ୍ୟାପକଙ୍କୁ ବିଭାଗରେ ଥଇଥାନ**

**ସାକ୍ଷୀ ଅଧ୍ୟକ୍ଷାଙ୍କୁ ଏବେ ଏଫ୍‌ଏମ୍ କଲେଜ ତଦନ୍ତ ଦାୟିତ୍ୱ**




**ଭୁବନେଶ୍ୱର,୧୮।୭ (ସଂଚାର ବ୍ୟୁରୋ):** ଅଳ୍ପଦିନ ତଳେ ରାଜ୍ୟ ରାଜଧାନୀରେ ଥିବା ବିଜେବି କଲେଜରେ ବି ହୋଇଥିଲା ଛାତ୍ରୀ ନିର୍ଯାତନା ଘଟଣା। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନା ଘଟଣାର ତଦନ୍ତ ହେବା ସହ ଆରୋପୀ ଅଧ୍ୟାପକଙ୍କୁ ସରକାର ବିଭାଗକୁ ବଦଳି କରିନେଇଛନ୍ତି। ଅଧ୍ୟାପକ ସେଠାରେ ଅଫିସର ସାଜିଥିବା ବେଳେ ଏହା ତାଙ୍କ ପାଇଁ ପୁରସ୍କାର ବୋଲି କୁହାଯାଉଛି। ତେବେ ଏହି ଘଟଣାର ମୂକସାକ୍ଷୀ ଥିବା କଲେଜ ଅଧ୍ୟକ୍ଷା ଏବେ ବାଲେଶ୍ୱର ଫକୀର ମୋହନ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କରୁଛନ୍ତି। ବିଜେବି କଲେଜରେ ଏହି ଘଟଣାଟି ଘଟିଥିଲା ଗତବର୍ଷ ଡିସେମ୍ବରରେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ ଥିବା ଅଧ୍ୟାପକ ଜଣଙ୍କ କିଛିଦିନ ପାଇଁ ଇଗ୍ନୋର ସଂଯୋଜକ ହୋଇଥିଲେ। କିଛିଦନ ଇଗ୍ନୋ ଦାୟିତ୍ୱରେ ରହିବା ପରେ ସେଠାରୁ ବିଦା ହୋଇଥିଲେ ସେ। କିନ୍ତୁ ପରେ ଅନୁରୋଧ କରି ଇଗ୍ନୋ ପରୀକ୍ଷାରେ ନିଜର ଡ୍ୟୁଟି ପକାଇଥିଲେ। ୨୦୨୪ ଡିସେମ୍ବରରେ ଇଗ୍ନୋ ପରୀକ୍ଷା ଦେଉଥିବା ଜନୈକା ଛାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିଲେ ଉକ୍ତ ଅଧ୍ୟାପକ ଜଣଙ୍କ। ଥରେ ଦୁଇ ଥର ଅସଦାଚରଣ ପର୍ଯ୍ୟନ୍ତ ଛାତ୍ରୀ ଏହାକୁ ଅଜାଣତରେ ଘଟିଥିବା ଘଟଣା ବୋଲି ଭାବି ନେଇଥିଲେ। ହେଲେ ଅଧ୍ୟାପକ ଜଣଙ୍କ ଏହାକୁ ଏକ ସୁଯୋଗ ଭାବିନେଇ ଅସଦାଚରଣ କରିବାରୁ ଛାତ୍ରୀ ଜଣଙ୍କ ଏ ବିଷୟରେ ଘର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ପିତା ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ ହୋଇଥିବାରୁ ସିଧା ଝିଅକୁ ଧରି ଆସି କଲେଜରେ ପହଞ୍ଚିଥିଲେ । ଘଟଣା ଯେଭଳି ପ୍ରଘଟ ନହେବ ସେଥିପ୍ରତି ତତ୍କାଳୀନ ଅଧ୍ୟକ୍ଷା ଧ୍ୟାନ ଦେବା ସହିତ ଆରୋପି ଅଧ୍ୟାପକଙ୍କୁ ଡକାଇ ➪ପୃଷ୍ଠା-୬


## ସହସମ୍ପାଦକ ଆବଶ୍ୟକ

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

ଦୈନିକ ଖବରକାଗଜ 'ସଂଚାର'ର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପାଇଁ ଅଭିଜ୍ଞ ସହସମ୍ପାଦକ ଆବଶ୍ୟକ। ସାମ୍ବାଦିକତା କ୍ଷେତ୍ରରେ ସର୍ବନିମ୍ନ ୫ ବର୍ଷର ଅଭିଜ୍ଞତା ସହ କମ୍ପ୍ୟୁଟର ଜ୍ଞାନ ଜରୁରୀ।



ଯୋଗାଯୋଗ: ପ୍ଲଟ୍ ନଂ.୩୧୨, ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୨୨୭୭୭୭
email: sancharodisha@gmail.com

# ବନ୍ୟା ପାଣି ଘେରରେ ୨୦ରୁ ଅଧିକ ଗାଁ

## ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଧାୟକ

## ତୁରନ୍ତ ରିଲିଫ ଯୋଗାଇଦେବାକୁ ଦାବି



**ରାଜନଗର,୧୮।୭ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରେ ବନ୍ୟା ପରିସ୍ଥିତି ଦିନକୁ ଦିନ ଉଦବେଗ ଜନକ ହେବାରେ ଲାଗିଛି। ୪ଗୋଟି ପଞ୍ଚାୟତରେ ଥିବା ଗାଁ ଓ ଚାଷଜମିରେ ବନ୍ୟା ଜଳ ଲହଡି ଭାଙ୍ଗୁଛି। ବନ୍ୟା ବିପନ୍ନଙ୍କ ଦୁର୍ଦଶା ବଢାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଦୈନିକ ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦଶା ବଢିବାରେ ଲାଗିଛି। ୨୦ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି। ବିଶେଷ କରି ନଗଦ ଗାଁର ୩୦୦ ପରିବାର ୮ ଦିନ ହେଲା ପାଣି ଘେରରେ ଅଛନ୍ତି। ପ୍ରଶାସନ ପକ୍ଷରୁ ଆଜି ଯାଏଁ ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ।

ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ଲକର ବନ୍ଧପଡ଼ା, ଫିରିକିଡାଣ୍ଡି, ଚକିବାଙ୍କ, ଓସ୍ତିଆ, ନଗଡ଼, ବାନ୍ଧପାଟଣା, ତଳ ଓସ୍ତିଆ ପ୍ରଭୃତି ଗାଁର ବନ୍ୟା ବିପନ୍ନଙ୍କ ଦୁର୍ଦଶା ଦେଖିବା ସହ ତୁରନ୍ତ ସେମାନଙ୍କୁ ୭ଦିନ ପାଇଁ ରିଲିଫ ଯୋଗାଇ ଦେବା ସହିତ ଗୋ ଖାଦ୍ୟ, ପାଣି ପାଉଚ ଏବଂ ଔଷଧ ଯୋଗାଇଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାୟକ ଶ୍ରୀସାହୁଙ୍କ ସହିତ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁ କ୍ରିଷ୍ଟ ଦାସ, ବିଡ଼ିଓ ଅନିରୁଦ୍ଧ ବେହେରା, ସରପଞ୍ଚ ବୈଦେହୀ ଦାସ, ବିଜୟ ନାୟକ, ବୈବର୍ତ୍ତ ବିଶ୍ୱାଳ ପ୍ରମୁଖ ବନ୍ୟା ଗସ୍ତ କରି ବିପନ୍ନଙ୍କ ସହିତ ଆଲୋଚନା କରିଥିଲେ।

# ବନ୍ୟାରେ ଜନଜୀବନ ଅସ୍ତବ୍ୟସ୍ତ

## ଯାତାୟାତ, ବିଦ୍ୟୁତ, ପାନୀୟଜଳ ବିପର୍ଯ୍ୟସ୍ତ

## ଏବେବି ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ

## ବନ୍ୟା ସ୍ଥିତି ଦେଖିଲେ ବିଧାୟକ ଧ୍ରୁବ ସାହୁ



**ପଟ୍ଟାମୁଣ୍ଡାଇ,୧୮।୭ (ସଂଚାର ବ୍ୟୁରୋ):** ଦୀର୍ଘ ୧ସପ୍ତାହରୁ ଅଧିକ ସମୟ ହେବ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ଲାଗି ରହିଛି । ଗତ ୨/୩ ଦିନ ହେବ ବ୍ରାହ୍ମଣୀ ବୈତରଣୀ ଓ କାଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ପ୍ରତି ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଥିଲେ ମଧ ଯାତାୟାତ, ବିଦ୍ୟୁତ ଓ ପାନୀୟ ଜଳ ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଲୋକମାନଙ୍କ ଦୁର୍ଦଶା ବୃଦ୍ଧି ପାଇଛି । ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୯ଟି ୱାର୍ଡ ପ୍ରଭାବିତ ହୋଇଥିବାବେଳେ ୧୧ହଜାର ଲୋକ ବିପନ୍ନ ହୋଇଛନ୍ତି । ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ବିପନ୍ନ ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା,କଷଣଅଷ୍ଟା, ବାଲିପଡ଼ା, ନୂଆଗାଁ କାକୁଡି ପଲ୍ଲୀ ସମେତ ବ୍ଲକର ବାଛରା ପଂଚାୟତର ମଣ୍ଡପଡା ବାଛରା ଗ୍ରାମକୁ ବୋଟ ଯୋଗେ ଯାଇ ବନ୍ୟା ସ୍ଥିତି ଓ ବିପନ୍ନ ଲୋକ ମାନଙ୍କ ଅବସ୍ଥା ଅନୁଧାନ କରିଥିଲେ । ବିଧାୟକ ଶ୍ରୀସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ବିପନ୍ନ ୯ଟି ୱାର୍ଡର ଲୋକମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଂଚାୟତରେ ସ୍ଥିତି ବେହାଲ ହୋଇଛି । ବିଦ୍ୟୁତ ନଥିବାରୁ ଘନ ଅନ୍ଧକାର ମଧରେ ସ୍ଥିତି ସଂଗୀନ ହୋଇପଡିଛି। ଦୀର୍ଘ ଦିନ ହେବ ବନ୍ୟା ଘେରରେ ରହି ନାହିଁ ନଥିବା ଦୁର୍ଦଶା ଭୋଗ କରୁଥିବା ଲୋକ ମାନଙ୍କୁ ଅବିଳମ୍ବେ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବର୍ଷିଆନ ସମାଜ ସେବୀ ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଚରଣ ଆଚାର୍ଯ୍ୟ ସରକାରଙ୍କ ଠାରେ ଦାବୀ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ଏବେବି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି।

ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧରେ ଘୋର ଆତଙ୍କ ସୃଷ୍ଟି ହୋଇଛି । ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ବନ୍ୟାଞ୍ଚଳର ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଥଣ୍ଡା, ଜ୍ୱର ବ୍ୟାପିବାରେ ଲାଗିଛି ।

## କ୍ଷୋଭ ପ୍ରକାଶ କଲେ ବିଧାୟକ

# ପ୍ରଶାସନର ଉଦାସୀନତା ଯୋଗୁ ଦୁର୍ଦ୍ଦଶା ଭୋଗୁଛନ୍ତି ବନ୍ୟା ପୀଡ଼ିତ




**ଆଳି,୧୮।୭ (ସଂଚାର ବ୍ୟୁରୋ):** ଗତକାଲି ବିଧାୟକ ଆଳି ବ୍ଲକରେ ବନ୍ୟାର ସ୍ଥିତି ପରଖିବା ପରେ ସାମ୍ବାଦିକ ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ ପ୍ରତାପ କେଶୋରୀ ଦେବ । ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ଗତ ଚାରି ଦିନ ହେବ ୧୭ ପଞ୍ଚାୟତର ୬୫ ହଜାର ଲୋକ ପାଣି ଘେରରେ ରହିଛନ୍ତି । ବନ୍ୟା ପୀଡ଼ିତଙ୍କ ନିକଟରେ ଏଯାଏଁ ପ୍ରଶାସନ କିମ୍ବା କୌଣସି ଶାସକ ଦଳ ନେତା ପହଞ୍ଚି ନାହାନ୍ତି । ଏଯାଏଁ ରିଲିଫ୍ ସାମଗ୍ରୀ ପହଞ୍ଚି ନାହିଁ । ଯାହା ଆଳି ବ୍ଲକ୍ ପ୍ରଶାସନର ଉଦାସୀନତା ଜଳ ଜଳ କରି ବାରି ହୋଉଥିବା କହିଛନ୍ତି ଆଳିର ବିଧାୟକ ପ୍ରତାପ କେଶରୀ ଦେବ। ଅନ୍ୟ ପଟେ ବନ୍ୟା ଯୋଗୁଁ ମାନପୁର-ଗୋବିନ୍ଦପୁର ରାସ୍ତାର ଡିମିରିପାଳ ନିକଟରେ ରାସ୍ତାରେ ୬ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହୋଇ ଧୋୟାଞ୍ଚଳର ୧୦ ପଞ୍ଚାୟତ ଆଳି ସହିତ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଛି।

ସେହିପରି ଏକମାଣିଆ, କୋଳଡିଅ, ବାଳକାଟି ନରେନ୍ଦ୍ରପୁର, ପତ୍ରପୁର ପଦୀନପାଳ ଆଦି ପଞ୍ଚାୟତରେ ସମଦଶା ଯାହାକି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେଠାରେ ପ୍ରଶାସନ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା ହୋଇନାହିଁ। ବନ୍ୟାରେ ଲୋକମାନେ ଜଳବନ୍ଦୀ ହୋଇ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ରିଲିଫ୍ ମଧ ଯୋଗାଇ ଦିଆଯାଉନି । ତୁରନ୍ତ ରାଜ୍ୟ ସରକାର

### ବନ୍ୟାଞ୍ଚଳ ଘୋଷଣା ଦାବି

ଆଳି ବ୍ଲକକୁ ଯଥା ଶୀଘ୍ର ବନ୍ୟାଞ୍ଚଳ ଘୋଷଣା କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଓ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅନୁରୋଧ କରିବା ସହ ଚେତାବନୀ ଦେଇଛନ୍ତି ବିଧାୟକ ପ୍ରତାପ କେଶୋରି ଦେବ । ଏହି ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି ଯୋଗ ଦେଇଥିଲେ ।

# ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା

**ରାଜନଗର,୧୮।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ର ଧୋୟା ଅଞ୍ଚଳ ବିଶେଷ କରି ବନ୍ଧପଡ଼ା ପଞ୍ଚାୟତ ର ଦାଣ୍ଡି, ସଭପଡା, ଗୋବିନ୍ଦପୁର, ଟାଙ୍ଗନ ଠେଲା, ଓସ୍ତିଆ, ବେଲପାଳ ଚନ୍ଦନପୁର, ରାଜପୁର ପ୍ରଭୃତି ଗାଁ ପାଣିଘେରରେ ରହିଥିବା ଲୋକଙ୍କୁ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଥଣ୍ଡା ଜ୍ୱର, କାଶ, ଝାଡାବାନ୍ତି ପାଇଁ ଆବଶ୍ୟକ ଔଷଧ ବଣ୍ଟନ ସହିତ ବନ୍ୟା ସମୟରେ ଗର୍ଭବତୀ ମହିଳା, ଶିଶୁମାନଙ୍କର ଯତ୍ନନେବା କୁ ପରାମର୍ଶ ଦିଆଯାଉଛି।ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ରଶ୍ମିରଞ୍ଜନ ମହାନ୍ତି, ଡ଼ା ମନୋରଞ୍ଜନ ନାଥ, ଡ଼ା ଟି ଟି ମିଶ୍ର ଟାଙ୍ଗଣଠେଲା ଓ ଚନ୍ଦନପୁର, ରାଜପୁର ଗାଁ ରେ ପହଞ୍ଚି ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ନଳକୂପ ପାଣି ବ୍ୟବହାର କରିବା ପୂର୍ବରୁ ବିଶୋଧନକରି ପାଣି ପିଇବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଓ ଆଶା କର୍ମୀମାନେ ପ୍ରତ୍ୟକ୍ଷ ସହଯୋଗ କରୁଛନ୍ତି। ଏଥିରେ ବିପିଏମ ଶ୍ରୀକାନ୍ତ ଦାସ, ହିମାଂଶୁ ଶେଖର ଦାସପ୍ରମୁଖ ସହଯୋଗ କରିଥିଲେ।



## ● ନିମ୍ନମାନର ମଧ୍ୟାହ୍ନ ଭୋଜନ

# ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧାହ୍ନ ଭୋଜନ ପରସା ଯାଉଛି। ମଧାହ୍ନ ଭୋଜନରେ ଯେଉଁ ସୋୟାବିନ ପଡୁଛି ତାହା ମଧ ଅତ୍ୟନ୍ତ ନିମ୍ନମାନର। ସେହିପରି ଛାତ୍ରଛାତ୍ରୀଙ୍କୁ ଯେଉଁ ବାଦାମଲଡୁ ଦିଆଯାଉଛି ତାହାର ମାନ ମଧ ସଠିକ ନାହିଁ । କେବଳ ସେତିକି ନୁହେଁ ଛାତ୍ରଛାତ୍ରୀଙ୍କୁ ପିଇବା ପାଇଁ ଯେଉଁ ପାନୀୟ ଜଳ ଦିଆଯାଉଛି ତାହା ମଧ ସଂକ୍ରମିତ । ଏହାକୁ କେନ୍ଦ୍ରକରି କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପତ୍ରସଂଖ୍ୟା - ୬୩୫୩ତା ୧୭.୦୭.୨୦୨୫ରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଆସନ୍ତା ୨୧ତାରିଖ ମଧରେ ଜବାବ ରଖିବାକୁ ଚିଠିରେ ଉଲ୍ଲେଖ ରହିଛି । ଯଦି ପ୍ରଧାନ ଶିକ୍ଷକ ନୋଟିସର ଉର ଦେବାରେ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି ।

# ୟୁଟିଆଇ ସଙ୍ଘ ପକ୍ଷରୁ ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ



**କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ପବିତ୍ର ମୋହନ ବାରିକ ଆନୁଷ୍ଠାନିକ ରୂପେ ଜିଲ୍ଲା କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । କିଛି ମାସ ତଳେ ଶିକ୍ଷାଧିକାରୀ ଭାବେ ବସନ୍ତ କୁମାର ନାୟକ ଉକ୍ତ ପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ଶ୍ରୀ ବାରିକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରି ଥିବାରୁ ଜିଲ୍ଲା ମିଳିତ ଶିକ୍ଷକ ଓ କର୍ମଚାରୀ(ୟୁଟିଆଇ) ସଂଘ ପକ୍ଷରୁ ତାଙ୍କୁ ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଥିଲା । ଜିଲ୍ଲା ସଂଘ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ସଂଘର ଉପଦେଷ୍ଟା ଉପେନ୍ଦ୍ର କୁମାର ସ୍ୱାଇଁ , ଗୋପାଳ କୃଷ୍ଣ ପୃଷ୍ଟି, ଶିକ୍ଷକ ନେତା ଅଜୟ କୁମାର ନାୟକ, ଉପେନ୍ଦ୍ର କୁମାର ସାହୁ, ଗଣେଶ ଚନ୍ଦ୍ର ରାଉତ ଏବଂ ସନ୍ତୋଷ କୁମାର କୁଣ୍ଡ ପ୍ରମୂଖ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଆଦି ଦେଇ ସ୍ୱାଗତ କରିଥିଲେ । ଇତ୍ୟବସରରେ ୟୁଟିଆ ସଂଘର ଉପଦେଷ୍ଟା କସ୍ତୁରୀ ଚରଣ ସ୍ୱାଇଁ, ହେମନ୍ତ ଜେନା, ବିଜୟ କୁମାର ସାମଲ, ସଭାପତି ମହେନ୍ଦ୍ର କୁମାର ମଲ୍ଲିକ ଏବଂ ପରିବେଶବିତ୍ ତଥା ପୂର୍ବତନ ଶିକ୍ଷା ଅଧିକାରୀ କାଶୀନାଥ ରାଉତରାୟ ଆଦି ଶ୍ରୀ ବାରିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଖବରଦାତାଙ୍କ ପିତୃ ବିୟୋଗ

**ରାଜକନିକା,୧୮।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ମହୁରୀଗାଁର ଗଙ୍ଗାଧର ବଳଙ୍କ (୭୨)ବର୍ଷ ବୟସରେ ଶୁକ୍ରବାର ଅପରାହ୍ଣ ସମୟରେ ନିଜ ବାସଭବନ ମହୁରୀଗାଁ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ବଳ ରାଜକନିକା ଓ ଆଳି ଅଞ୍ଚଳର ଖବରଦାତା ପ୍ରବୀଣ କୁମାର ବଳଙ୍କ ପିତା ଅଟନ୍ତି । କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଘରେ ଚିକିତ୍ସିତ ହେଉଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପ୍ରାଣ ଓ ଉଦାର ହୃଦୟର ବ୍ୟକ୍ତି ଥିଲେ । ଆଜି ତାଙ୍କର ପରଲୋକ ଖବର ପାଇ ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ଆଳି ନିର୍ବାଚନ ମଣ୍ଡଳୀ ସ୍ତରୀୟ କଂଗ୍ରେସ ନେତ୍ରୀ ତଥା ପିସିସି ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମା, ସିପିଆଇ(ଏମଏଲ) ଜିଲ୍ଲା ସମ୍ପାଦକ ବିଧାନ ଦାସ, ଯୁବନେତା ତଥା ସାମାଜିକ କର୍ମୀ ନିରୋଦ ଜେନା, ସାମାଜିକ କର୍ମୀ କୁମର ନାୟକ, ସାମାଜିକ କର୍ମୀ ଚିନ୍ମୟ ଦାସ, ବିଧାୟକ ପ୍ରତାପ କେଶରୀ ଦେବ୍, ପଞ୍ଚାୟତ ସମିତି ଅଧକ୍ଷା ମିନତି ରାଉତ, ଯୁବ ସଙ୍ଗଠକ ପବିତ୍ର ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ । ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ମୃତ୍ୟଶଯ୍ୟା ନିକଟରେ ବିଧବା ପତ୍ନୀଙ୍କ ସମତେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ବଳାତ୍କାର ଘଟଣା

# ଗିରଫ ଶିକ୍ଷକ ନିଲମ୍ବିତ

**ମହାକାଳପଡ଼ା,୧୮।୭ (ସଂଚାର ବ୍ୟୁରୋ):** ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ସରକାରୀ ଶିକ୍ଷକ ଚାକିରିରୁ ନିଲମ୍ବନ ହୋଇଛନ୍ତି । ବଳାତ୍କାର ଘଟଣାରେ ରାୟଗଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜିତ ମଣ୍ଡଳ ବନ୍ଧା ହୋଇ ଜେଲ୍ ଯିବା ପରେ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନକୁ ଓହ୍ଲାଇଛି। ତାଙ୍କୁ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ) ଗୁରୁବାର ଦିନ ନିଲମ୍ବନ କରିଛନ୍ତି। ଜୁଲାଇ ୧୧ ତାରିଖରୁ ନିଲମ୍ବନ ଆଦେଶ ଲାଗୁ ହେବ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଜଣେ ବିଧବା ମହିଳା ବଳାତ୍କାର ଅଭିଯୋଗ ଆଣି ଜମ୍ବୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ କି ସେ ଜଣେ ସ୍ୱାମୀହରା ନିରାଶ୍ରୟା ମହିଳା। ତାଙ୍କର ୨ଜଣ ବୟସ୍କା ଝିଅ ଓ ଜଣେ ନାବାଳକ ପୁଅ ଅଛନ୍ତି। ରାମନଗର ବଜାରରେ ତାଙ୍କର ଏକ କପଡ଼ା ଦୋକାନ ରହିଛି। ପ୍ରାୟ ୩ ବର୍ଷ ପୂର୍ବେ ତାଙ୍କୁ ରଞ୍ଜିତ ୨୦ ଲକ୍ଷ ଟଙ୍କା ଉଧାର ମାଗିଥିଲା । ସେ ମନା କରିଦେବାରୁ ଚକ୍ରାନ୍ତ କରି ଆକ୍ରୋଶମୂଳକ ଭାବେ ତାଙ୍କୁ ଏକ କାର୍‌ରେ ନେଇ ପାରାଦୀପ ଅଞ୍ଚଳର ଏକ ଲଜ୍‌ରେ ରଖି ବଳାତ୍କାର କରିଥିଲା । ୨୦ଲକ୍ଷ ଟଙ୍କା ନଦେଲେ ତାଙ୍କ ୨ ଝିଅ ଓ ପୁଅକୁ ଅପହରଣ କରିନେଇ ଅନ୍ୟତ୍ର ବିକ୍ରି କରିଦେବ ବୋଲି ରଞ୍ଜିତ ଧମକ ଦେଇଥିଲା। ୯ ତାରିଖରେ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା।

# ଦୁମୁକା ପଞ୍ଚାୟତରେ ତହସିଲ କାର୍ଯ୍ୟକ୍ରମ




**ମାର୍ଶାଘାଇ,୧୮।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଗରିବ ତଥା ଭୂମିହୀନ ଲୋକମାନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ ବିଭିନ୍ନ ପ୍ରକାରର ମ୍ୟୁଟେସନ, ଇ-ପାଉତି, ମିସଲେନିଅସ ସାର୍ଟିଫିକେଟ ପ୍ରଦାନ,ଗ୍ରାମ କଣ୍ଟକ ଓ ଏଲ୍ ଆର୍-୮ ଏ ପ୍ରଭୃତି ସୁବିଧା ଯୋଗାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଲୋକମାନେ ରାଜସ୍ୱ ବିଭାଗର ସମସ୍ତ ସେବା ଯେପରି ନିଜ ପଞ୍ଚାୟତ ରେ ପାଇପାରିବେ ଏବଂ ରାଜସ୍ୱ ବିଭାଗର ସମସ୍ତ ସେବା ଯେପରି ନିଜ ପଞ୍ଚାୟତରେ ପାଇପାରିବେ ଏବଂ ରାଜସ୍ୱ ବିଭାଗରେ ସମସ୍ତ ମାମଲା ଗୁଡ଼ିକର ତ୍ୱରିତ ଫଇସଲା କରାଯିବ ସେଥିପାଇଁ ୫ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାରା ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଆଜି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପଞ୍ଚାୟତ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୪ ଟି ପଟ୍ଟା ବଣ୍ଟନ ହେବା ସହିତ ବାସୀନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ୩୫ଟି ଅଭିଯୋଗ ହୋଇଥିଲା ବେଳେ ୪ଟି ସାମୁହିକ ଅଭିଯୋଗ ଆସିଥିଲା ଏବଂ ପାନୀୟ ଜଳ ସମସ୍ୟା ଓ ନାଳ ସଫେଇ ଉପରେ ସ୍ଥାନୀୟ ଜନସାଧାରଣମାନେ ଅଭିଯୋଗ କରିଥିଲେ। ଏଥିସହିତ କାନପୁର ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଅଭିଯୋଗ ଆସିଥିଲା ବେଳେ ସମସ୍ତ ଅଭିଯୋଗକୁ ସମାଧାନ କରିବା ପାଇଁ ତହସିଲଦାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତପୋଷଣ କରିଛନ୍ତି।

# କେନାଲ ନିର୍ମାଣରେ ମହାଦୁର୍ନୀତି

## ହେଉନି ତଦାରଖ, ଠିକାଦାର ମନମାନିରେ ଚାଲିଛି କାର୍ଯ୍ୟ



**କେନ୍ଦ୍ରାପଡା,୧୮।୭ (ସଂଚାର ବ୍ୟୁରୋ):** ଜଳସେଚନ ବିଭାଗ ଦ୍ୱାରା ବିନା ଫଳକରେ ଚାଲିଛି ୫କ କେନାଲ ନିର୍ମାଣ କାର୍ଯ୍ୟ। କେନାଲଟି ଶ୍ୟାମସୁନ୍ଦରପୁର ଓଭରବ୍ରିଜ୍ ପୂର୍ବରୁ କେନ୍ଦ୍ରାପଡା ଗୋବରୀ କେନାଲରୁ ବାହାରି ଗୋପ, ବଡମଙ୍ଗଳା ଏବଂ ଇଚ୍ଛାପୁର ଦେଇ ଅଙ୍ଗୁଳାଇ, ରାଜଗଡ ଆଦି ରାଜସ୍ୱ ଗ୍ରାମକୁ ସଂଯୋଗ କରୁଛି। ବର୍ତ୍ତମାନ ଶ୍ୟାମସୁନ୍ଦରପୁର ପାଖ କେନାଲ ଆରମ୍ଭରୁ ହେଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅତି ନିମ୍ନମାନର କରାଯାଉଛି । ମାଟିରେ ଗୋଡି ଗୋଳାଇ ଚାଲିଛି କେନାଲଟିର ନବୀକରଣ କାର୍ଯ୍ୟ ଏବଂ ଗାର୍ଡୱାଲ୍ କାର୍ଯ୍ୟ ଓ ତୁତୁ ବର୍ଷା ସହିତ ଆଣ୍ଠୁଏ ପାଣିରେ ଚଟାଣ ଢଳେଇ ପଡୁଛି। କୋଟି କୋଟି ଟଙ୍କାର କାମରେ ବହୁ ଦୁର୍ନୀତି ଓ ଅନିୟମିତତା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ ବ୍ୟବହୃତ ହେଉଥିବା ରଡ, ଗୋଡି ଏବଂ ସିମେଣ୍ଟ ଅତି ନିମ୍ନମାନର ଅଟେ। କେନାଲର ଚଟାଣରେ ୬ ଇଞ୍ଚ ମଧରେ ରଡ୍ ବିଛାଇବାର ନିୟମ ଥିବା ସହିତ ୧ଫୁଟ୍ ଉଚ୍ଚାର ଢଳେଇର ବ୍ୟବସ୍ଥା ଥିବାବେଳେ ତାହା ୧ ଫୁଟ୍ ବ୍ୟବଧାନରେ ରଡ୍ ବିଛାଇ ଇଞ୍ଚ୍ ମୋଟାର ଢଳେଇ କରାଯାଉଅଛି । ଏଥି ସହିତ ଉଭୟ କଡର ୱାଲ୍ ୮ଇଞ୍ଚ ମୋଟାର କରିବା ପାଇଁ ନିୟମ ଥିବାବେଳେ ଠିକାଦାର ଏହାକୁ ୫ ଇଞ୍ଚର କରୁଛନ୍ତି।

ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହିକି ଯେ, ବର୍ଷା ଋତୁ ଏବଂ ମୌସୁମୀ ଆଗମନ ଯୋଗୁଁ ଜୁନ୍ ମାସ ୧୫ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ କାମ ନହେବାର ବିଭାଗୀୟ ନିର୍ଦ୍ଦେଶ ଥିବାବେଳେ ସବୁ ନିୟମକୁ ଜଳାଞ୍ଜଳୀ ଦେଇ ଜଳସେଚନ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଚାଲୁଅଛି। ଆଜି ତାରିଖ ସୁଦ୍ଧା କାମ ଚାଲୁଥିବାର ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ତୁରନ୍ତ କାର୍ଯ୍ୟ ବନ୍ଦ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଠିକାଦାର କୌଣସି ଅଧିକାରୀଙ୍କ କଥା ନଶୁଣି ଆଣ୍ଠୁଏ ପାଣିରେ ଢଳେଇ କାର୍ଯ୍ୟ କରି ବିଲ୍ ନେବା ପାଇଁ ଲାଗିପଡିଛନ୍ତି। ଏହି କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ସହିତ ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିବା ସହ କରାଯାଇ ଥିବା କାମର ଗୁଣାତ୍ମକ ମାନ ତଦନ୍ତ କରିବା ପାଇଁ ଦାବି ଜଣାଇଛନ୍ତି ।

## ● ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଘଟଣା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା ଘଟଣା ଦିନକୁ ଦିନ ରୋଚକ ଦୃଶ୍ୟ ଦେଖିବାକୁ ମିଳୁଛି। ପୂର୍ବରୁ ପରୀକ୍ଷାର୍ଥୀ ଜିଲ୍ଲାପାଳ କାର୍ଯ୍ୟଳୟ ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ଦାବି କରିବା ଏହାର ପରଦିନ କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡ଼ିଜିଙ୍କୁ ଭେଟି ଅଭିଯୋଗ କରିବା ତାହା ସହ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ପରୀକ୍ଷାରେ ଅନିୟମିତତା ବା କ୍ୱାଲିଫାଇ




ଛାତ୍ରଛାତ୍ରୀ ଙ୍କୁ ବାଦ ଦେଇ ଫେଲ ପିଲାଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ କରିବା ପରେ ଆଜି ପୁନର୍ବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଶତାଧିକ ପରୀକ୍ଷାର୍ଥୀ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଏହି ଧାରଣା ଦେବା ସହ ଉକ୍ତ ଘଟଣାର କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି କରିଛନ୍ତି ।

ହୋମଗାର୍ଡ ପାଇଁ ୧୨୧ଟି ପଦବୀ ବାହାରିଥିଲା। ଏହି ଚାକିରୀ କରିବା ପାଇଁ ୭ ହଜାର ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଏହି ହୋମଗାର୍ଡ ପାଇଁ ହୋଇଥିବା ଅନିୟମିତତା ହୋଇଥିବା ପରୀକ୍ଷାର୍ଥୀ ମାନେ ଅଭିଯୋଗ କରି ଏସପି ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।

# ଥାନା ସାମ୍ନାରେ ନ୍ୟାୟ ଅପେକ୍ଷାରେ ନାବାଳିକା ଓ ପରିବାର

## କଳା ପଲସରରେ ମୁଖାପିନ୍ଧାଙ୍କ ଆକ୍ରମଣକୁ ୯ଦିନ ବିତିଲା

## ତଦନ୍ତ କେବଳ ତଦନ୍ତରେ ରହିଯିବ କି?



**କାକଟପୁର/ଅସ୍ତରଙ୍ଗ,୧୮।୭ (ସଂଚାର ବ୍ୟୁରୋ):** ଟ୍ୟୁସନରୁ ଫେରୁଥିବା ୧୩ବର୍ଷୀୟ ଛାତ୍ରୀକୁ ଦିନ ଦ୍ୱିପ୍ରହରରେ କଳା ମୁଖା ପିନ୍ଧା ଯୁବକ ଆକ୍ରମଣ କରିଥିବା ବେଳେ ଘଟଣାକୁ ଆଦ୍ୟାବିଧି ୯ଦିନ ବିତିଥିଲେ ମଧ ପୁଲିସ ହାତ ଖାଲି। ପୁଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳର କିଛି ବ୍ୟବସାୟୀଙ୍କ ସିସିଟିଭି ଯାଞ୍ଚ କରିଥିବା ବେଳେ ତଦନ୍ତକୁ ସେତେ ମାତ୍ରାରେ ଗୁରୁତର ନେଉନଥିବାରୁ ଏ ପର୍ଯ୍ୟନ୍ତ କଳା ମୁଖା ଧାରୀ କଳା ପଲସର ଆସି ଆତଙ୍କ ସୃଷ୍ଟି କରିଥିବା ଯୁବକ ଧରା ପଡ଼ିନାହାନ୍ତି। ଅନ୍ୟ ପଟେ ନ୍ୟାୟ ପାଇବା ପାଇଁ ୯ଦିନ ମଧରେ ବାରମ୍ବାର ନାବାଳିକା ଛାତ୍ରୀ ଓ ତାର ମା ବାରମ୍ବାର ଅସ୍ତରଙ୍ଗ ଥାନାରେ ଦ୍ୱାରସ୍ତ ହୋଇଥିବା ବେଳେ ଶେଷରେ ଶୁକ୍ରବାର ମଧାହ୍ନ ସମୟରେ କିଛି ଘଣ୍ଟା ପାଇଁ ଥାନା ସାମ୍ନାରେ ବସିଥିଲେ। ଅନ୍ୟ ପଟେ ଅସ୍ତରଙ୍ଗ ଥାନାର ତଦନ୍ତକାରୀ ଅଧିକାରିଣୀ ନାବାଳିକାଙ୍କ ପରିବାର ସଦସ୍ୟଙ୍କ ଫୋନ୍ ନମ୍ବର ନେବା ସହ ତଦନ୍ତକୁ ଦ୍ରୁତତର କରି ତଦନ୍ତ ଜାରୀ ରଖିଛନ୍ତି। ପୁଲିସ ପାଟ୍ରୋଲିଂ ରେ ଅବହେଳା ପାଇଁ ଏଭଳି ଘଟଣା ଦିନକୁ ଦିନ ବଢ଼ିଚାଲିଛି।

ସୂଚନାଯୋଗ୍ୟ ଯେ, ୧୦ଜୁଲାଇ ଗୁରୁବାର ଦିନ ଅସ୍ତରଙ୍ଗ ଥାନା ଠାରୁ ୨ଶହ ମିଟର ଦୂର ରେ ୧୩ବର୍ଷୀୟ ଛାତ୍ରୀ ଟ୍ୟୁସନ ସାରି ଯାଉଥିବା ବେଳେ ଅସ୍ତରଙ୍ଗ ପାର୍କ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କଳାପଲସର ଧରି କଳା ମୁଖା ପିନ୍ଧା ୨ ଜଣ ଯୁବକ ଛାତ୍ରୀଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ପ୍ରୟାସ କରିଥିଲେ। କିନ୍ତୁ ଛାତ୍ରୀ ଜଣକ ପାଟି କରିବାରୁ ରାସ୍ତାରେ ଯାଉଥିବା ବାଟୋଇକୁ ଦେଖି କ୍ଷଣିକ ମଧରେ କଳା ପଲସରରେ କଳା ମୁଖା ପିନ୍ଧା ଯୁବକ ଫେରାର ହୋଇଯାଇଥିଲେ। କିନ୍ତୁ ଛାତ୍ରୀ ଜଣକ ଅସ୍ତରଙ୍ଗ ଥାନାରେ ଅଭିଯୋଗ ଦେବାରେ ୯ଦିନ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୁଲିସ କଳା ମୁଖାଧାରୀଙ୍କ ଟେର ପାଉନି। ଯାହାକୁ ନେଇ ପୁଲିସ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ପୁଲିସ ପାଟ୍ରୋଲିଂରେ ଅବହେଳା ଯୋଗୁଁ ଏଭଳି ସମସ୍ୟା ଉପୁଜୁଛି। ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବା, କଳା ପଲସରରେ କଳା ମୁଖାଧାରୀ କିଏ ଓ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ ପାଇଁ ଦାବୀ ହୋଇଛି।

ମିଳିତ ରାଜନୈତିକ ଦଳ ପକ୍ଷରୁ ଭକ୍ତଙ୍କ ଘୋଷଣା

# ଏଫ୍ଏମ୍ ପୀଡ଼ିତାଙ୍କ ଏକାଦଶାହକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳିବୁ



● ନିର୍ଯାତିତାଙ୍କ ଲାଗି ସ୍ୱତନ୍ତ୍ର ସେଲ୍ ଖୋଲାଯିବ

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଗତକାଲିର ଓଡ଼ିଶା ବନ୍ଦର ସଫଳତା ପାଇଁ ସମସ୍ତ ଓଡ଼ିଶାବାସୀଙ୍କୁ ମିଳିତ ବିରୋଧୀ ଦଳ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦ ବର୍ଷୀୟା ଛାତ୍ରୀଙ୍କ ବ୍ୟବସ୍ଥାକୃତ ହତ୍ୟା ଘଟଣାକୁ ନେଇ ନ୍ୟାୟ ଦାବିରେ ଆଠଟି ବିରୋଧୀ ରାଜନୈତିକ ଦଳ କଂଗ୍ରେସ, ସି.ପି.ଆଇ,ସିପିଆଇ(ଏମ), ସିପିଆଇ(ଏମଏଲ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଆରଜେଡି, ଏସପି,ଏନସିପି ଏବଂ ଆରଜେଡି ଆରଜେଡି, ଏସପି ସମେତ ଇଣ୍ଡିଆ ମେଣ୍ଟର ଆଠ ଦଳ ଦ୍ୱାରା ଆହ୍ୱାନ କରାଯାଇଥିବା ଓଡ଼ିଶା ବନ୍ଦ ସଫଳ ହୋଇଛି। ତେଣୁ ଏଥିପାଇଁ ଦଳଗୁଡ଼ିକ ପକ୍ଷରୁ ସମସ୍ତ ସମ୍ପ୍ରଦାୟ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ବ୍ୟବସାୟୀ ଏବଂ ସାଧାରଣ ଜନତାଙ୍କୁ ଧନ୍ୟବାଦ ଦିଆଯାଇଛି। ସେହିପରି ଆସନ୍ତା ୨୪ ତାରିଖରେ ବାଲେଶ୍ୱର ଏଫ୍ଏମ୍ କଲେଜ ପୀଡ଼ିତାଙ୍କ ଏକାଦଶାହ ପରିପ୍ରେକ୍ଷୀରେ ଦଳଗୁଡ଼ିକ ପକ୍ଷରୁ ଉକ୍ତ ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବା ସକାଶେ ନିଷ୍ପତ୍ତି ହୋଇଛି। ସେହିପରି ସାରା ରାଜ୍ୟରେ ମହିଳା କଂଗ୍ରେସ ସହିତ ୮ଟି ଦଳର ମହିଳା ସେଲ ଏହାକୁ ମଧ୍ୟ ପାଳନ କରିବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି, ବାକି ଯେଉଁ ମହିଳା ଓ ଝିଅ ପ୍ରଭାବିତ ହୋଇଛନ୍ତି, ସେମାନଙ୍କ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଦିଆଯିବ। ଏହି ଅବସରରେ ରାଜ୍ୟର ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ମିନିଟ ନୀରବ ପ୍ରାର୍ଥନା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି। କଂଗ୍ରେସ ସମେତ ୮ଟି ଦଳ ପକ୍ଷରୁ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଥିଲେ, ସରକାରୀ ସମେତ ସବୁ ବେସରକାରୀ ଅନୁଷ୍ଠାନ ମଧ୍ୟ ୧ ମିନିଟ ନୀରବ ପ୍ରାର୍ଥନା ଲାଗି ଅନୁରୋଧ କରିଛନ୍ତି। ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ ଖୋଲିବ ପିସିସି। ସେମାନେ ଆପ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ବଡ଼ ନିଷ୍ପତ୍ତି ହୋଇଥିବା ଭକ୍ତ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ କହିଲେ, ସୌମ୍ୟଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣିନଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଉଛି, ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସେହିପରି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ବସିବାକୁ ଥିବା ଇଣ୍ଡିଆ ବ୍ଲକ ବୈଠକରେ ଉଠିବ ବାଲେଶ୍ୱର ପୀଡ଼ିତା ପ୍ରସଙ୍ଗ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। ଏହି ଘଟଣାର ନ୍ୟାୟିକ ତଦନ୍ତ ପାଇଁ କଂଗ୍ରେସ ଦାବି କରିଆସିଛି। ତୁରନ୍ତ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ସହ ମହିଳା କମିଶନ ନିଯୁକ୍ତି କରିବାକୁ ଶ୍ରୀ ଲଲ୍ଲୁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର, ସମାଜବାଦୀ ପାର୍ଟିର ପ୍ରତାପ ବାରିକ, ବିଜୁମ ସ୍ୱାଇଁ, ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍ଏଲ) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନିୟର ଏମଭିଆଇଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**ବ୍ରହ୍ମପୁର,୧୮।୭ (ସଂଚାର ବ୍ୟୁରୋ) :** ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୟୁନିଫାଏଡ୍ ଚେକ୍ ଗେଟ୍, ଗିରିସୋଲା ଚେକ୍ ଗେଟର ପୂର୍ବତନ ଜୁନିୟର ଏମଭିଆଇ ଦେବୀ ପ୍ରସାଦ ପାଢ଼ୀ । ଦୋଷ ସାବ୍ୟସ୍ତ ହେବା ପରେ ବ୍ରହ୍ମପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ତାଙ୍କୁ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ୫୦,୦୦୦/- ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସୂଚନାଥାଉକି, ପୂର୍ବତନ ଏମଭିଆଇଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୩/୨୦୧୦ ଅନୁଯାୟୀ ଏକ ଟ୍ରାପ୍ ମାମଲାରେ ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ଦୋଷୀ ସାବ୍ୟସ୍ତ କରିଥିଲେ। ଯାହା ପରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ସକ୍ଷମ ପ୍ରାଧିକରଣଙ୍କୁ ଏକ ରିପୋର୍ଟ ପଠାଯାଇଥିଲା। ଏହି ଆଧାରରେ ପୂର୍ବତନ ଜୁନିୟର ଏମଭିଆଇ ଏବଂ ତତ୍କାଳୀନ ଆଇ/ସି ଆର୍ଟିଓ, ବୌଦ୍ଧଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

# ପ୍ରଧାନଶିକ୍ଷକ ନିଲମ୍ବିତ

**ନୂଆପଡ଼ା,୧୮।୭ (ସଂଚାର ବ୍ୟୁରୋ) :** ନୂଆପଡ଼ା ସାହାଜଟ ସେବାଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଅଷ୍ଟମ ଶ୍ରେଣୀ ଛାତ୍ର ମୃତ୍ୟୁ ପରେ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲାପାଳ। କାର୍ଯ୍ୟରେ ଅବହେଳା ଅଭିଯୋଗରେ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଗିରଫ କରିବା ପାଇଁ ଆଦିବାସୀ କଲ୍ୟାଣ ସଂଘ ଜୋର୍‌ଦାର୍ ଦାବି କରିଛି।

# ହସ୍ପିଟାଲରେ ଗଳା କାଟି ଆତ୍ମହତ୍ୟା କଲେ ରୋଗୀ



ପୋଲିସକୁ ନ ଜଣାଇ ମୃତଦେହ ପଠାଇଦେଲେ କର୍ତ୍ତୃପକ୍ଷ

**ବଡବିଲ,୧୮।୭ (ସଂଚାର ବ୍ୟୁରୋ) :** ହସ୍ପିଟାଲରେ ରୋଗୀଙ୍କ ଆତ୍ମହତ୍ୟା ଅଭିଯୋଗ । ଯୋଡ଼ା ସ୍ଥିତ ଏକ ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା ଅଭିଯୋଗ ପରେ ସନ୍ଦେହ ଘେରରେ ହସ୍ପିଟାଲ କର୍ତ୍ତୃପକ୍ଷ । ଘଟଣାକୁ ଲୁଚାଇବା ଉଦ୍ଦେଶ୍ୟରେ ପୋଲିସକୁ ନ ଜଣାଇ ମୃତଦେହକୁ କର୍ତ୍ତୃପକ୍ଷ ପଠାଇ ଦେଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ଏକ ହସ୍ପିଟାଲରେ ଗଳାକାଟି ରୋଗୀଙ୍କ ଆତ୍ମହତ୍ୟା ଅଭିଯୋଗ ହୋଇଛି । ମୃତକ ଯୋଡ଼ା ୭ନଂ ୱାର୍ଡ଼ ଉଲି ହଟିଂ ଅଞ୍ଚଳର ସଞ୍ଜୟ ମୁଣ୍ଡାଙ୍କ ସ୍ତ୍ରୀ । ତାଙ୍କ ଗୋଡ଼ରେ କାଚ ଫୁଟି ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ୧୦ ତାରିଖରେ ହସ୍ପିଟାଲର ଫିମେଲ ୱାର୍ଡ଼ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଝିଅ ଆଟେଣ୍ଡାଣ୍ଟ ଭାବରେ ରହିଥିଲେ । ଗତ ବିଳମ୍ବିତ ରାତିରେ ଝିଅ ଶୋଇଥିବା ବେଳେ ସେ ନିଜ ଗଳାକାଟି ଆତ୍ମହତ୍ୟା କରିଥିବା କୁହାଯାଉଛି । ତେବେ ଏହି ଘଟଣା ପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆସିଛି । ଘଟଣାକୁ ଲୁଚାଇବା ପାଇଁ ପୋଲିସକୁ ନଜଣାଇ ସକାଳ ପ୍ରାୟ ୬ଟା ୨୦ରେ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ମୃତଦେହ ବାହାର କରିବା ପରେ ରକ୍ତ ଦାଗ ସବୁ ସଫା କରିବା ସହ ବେଡ୍‌କୁ ମଧ୍ୟ ଧୋଇ ଦିଆଯାଇଛି । ଘଟଣା ପ୍ରଘଟ ହେବା ପରେ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି । ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି । ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘଟଣାର ପୁଙ୍ଖାନପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚମ୍ପୁଆ ଉପ ଜିଲ୍ଲାପାଳ କହିଛନ୍ତି । କେଉଁ ପରିସ୍ଥିତିରେ ପୋଲିସକୁ ନ ଜଣାଇ ମୃତଦେହ ପଠାଗଲା ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ବଡ଼ବିଲ ଏସଡିପିଓ କହିଛନ୍ତି । ଘଟଣା ସମ୍ପର୍କରେ କିଛି ନକହି ହସ୍ପିଟାଲ ଆଡମିନ୍ ଏଡାଇ ଯାଇଥିଲେ ।

# ପିକଅପ୍ ଭ୍ୟାନ୍‌ରୁ ୯ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ସୋନପୁର,୧୮।୭ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସକୁ ବଡ଼ ସଫଳତା। ଗଞ୍ଜେଇ ଭର୍ତ୍ତି ଗାଡିକୁ ଗୋଡାଇ ଗୋଡାଇ ଧରିଲା ପୁଲିସ। ରାଣିସର୍ଡା ଛକ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ଗାଡି ଜବତ ହୋଇଛି। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ୯ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗାଡି ଛାଡି ଡ୍ରାଇଭର୍ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, କନ୍ଧମାଳ ପଟରୁ ଏକ ପିକଅପ୍ ଗାଡି ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ କରି ତରଭା ପୁଲିସ ପିଛା କରିବା ସହ ମେଣ୍ଡା ଫାଣ୍ଡିକୁ ଖବର ଦେଇଥିଲା। ମେଣ୍ଡା ଓ ତରଭା ପୁଲିସ ମିଳିତ ସହଯୋଗରେ ଗଞ୍ଜେଇ ଗାଡିକୁ ପିଛା କରି ରାଣିସର୍ଡା ଛକ ନିକଟରେ କାବୁ କରିଥିଲେ। ତେବେ ଡ୍ରାଇଭର୍ ଗାଡି ଛାଡ଼ି ଚମ୍ପଟ ହୋଇଯାଇଛି। ଭ୍ୟାନ୍‌ରୁ ୯ କ୍ୱିଣ୍ଟାଲ ୩୦ କିଲୋ ଓଜନର ୯୩୦ ପ୍ୟାକେଟ୍ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୯ କୋଟି ଟଙ୍କା ହେବ।

ହୀରାକୁଦ ଡ୍ୟାମ୍‌ର ପୁଣି ୨ ଗେଟ୍ ଖୋଲିଲା

# ୧ ୧୦ ଫୁଟ ଟପିଲା ଜଳପତ୍ତନ

**ସମ୍ବଲପୁର,୧୮।୭ (ସଂଚାର ବ୍ୟୁରୋ) :** ହୀରାକୁଦ ଜଳଭଣ୍ଡାରର ପୁଣି ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। କ୍ରମଶଃ ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଥିବାରୁ ଶୁକ୍ରବାର ଅପରାହ୍ନରେ ଜଳଭଣ୍ଡାର ବାମପାଶର୍‌ବର ଆଉ ୨ଟି ସ୍ଲୁଇସ୍ ଖୋଲାଯାଇ ବର୍ତ୍ତମାନ ମୋଟ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଅପରପକ୍ଷରେ ଅଧିକ ପରିମାଣର ବନ୍ୟାଜଳ ପ୍ରବେଶ ଯୋଗୁ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇ ଅପରାହ୍ନ ସାଢ଼େ ୩ଟାର ସୂଚନା ଅନୁସାରେ ୬୧୦. ୪୭ ଫୁଟରେ ପହଞ୍ଚିଛି। ଏହି ସମୟରେ



ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୪୦ ହାଜର ୫୧୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ୯୯ ହଜାର ୧୯୦ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ବାମପାଶର୍‌ବର ୩ ଓ ଦକ୍ଷିଣ ପାର୍ଶ୍ୱର ୧ଟି ମିଶି ମୋଟ୍ ୪ଟି ସ୍ଲୁଇସ୍ ଗେଟ୍‌ରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୫୯ ହଜାର ୬୦୮ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାଓ୍ୱାର ଚ୍ୟାନେଲରେ ୩୪,୫୫୪ ଘନଫୁଟ, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୨୦୪, ଶାସନ କେନାଲରେ ୫୦୨ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ ଜଳ ମିଶି ମୋଟ୍ ୩୭୯୪ ଘନଫୁଟ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୦୪.୨୭ ମିଲିମିଟର ଓ ତଳମୁଣ୍ଡରେ ୦୭.୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଦାନାବାନ୍ଧୁଛି ଆଉ ଏକ ଲଘୁଚାପ ୨୬ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୮।୭ (ସଂଚାର ବ୍ୟୁରୋ) :** ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନାବାନ୍ଧୁଛି। ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ରୂପ ନେଇପାରେ। ଫଳରେ ରାଜ୍ୟରେ ୨୩ ତାରିଖରୁ ପୁଣି ବର୍ଷା ବଢ଼ିବ। ବର୍ଷାର ପ୍ରଭାବ ପ୍ରାୟ ୨୬ ପର୍ଯ୍ୟନ୍ତ ଜାରି ରହିବ। ୨୪ ଓ ୨୫ ତାରିଖରେ ସବୁଠୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁଯାୟୀ, ଲଘୁଚାପଟି ଉତ୍ତର ବଙ୍ଗୋପସାଗର ପାଶର୍‌ବବର୍ତ୍ତୀ ବାଂଲାଦେଶ ଓ ପଶ୍ଚିମବଙ୍ଗ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଲଘୁଚାପଟି ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବାକୁ ଥିବାରୁ ପ୍ରଥମେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ସମୟରେ ଏହା ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ଏହାର ସମୀକ୍ତବର୍ତ୍ତୀ ଓଡ଼ିଶାର ବିଭିନ୍ନ ଜିଲା ଓ ଆଭ୍ୟନ୍ତରୀଣ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ସୋନପୁର, ବାଉଦ୍ଧ, କଳାହାଣ୍ଡି, କନ୍ଧମାଳ ଆଦି ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଫାର୍ମାସିଷ୍ଟଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସଆଇ) ନିର୍ଦ୍ଦେଶାଳୟ ସହଯୋଗରେ ଫାର୍ମାସିଷ୍ଟମାନଙ୍କ ନିମନ୍ତେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ ପ୍ରକୋଷ୍ଠରେ ଉଦ୍‌ଘାଟିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଇଏସ୍ଆଇସି ନିର୍ଦ୍ଦେଶିକା ମଧୁମିତା ନାୟକ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ଅତିଥିଗଣ ଫାର୍ମାସିଷ୍ଟମାନଙ୍କୁ ସେମାନଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ବିକାଶ ଦିଗରେ କର୍ମଶାଳାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ସେହିପରି ଶ୍ରୀମତୀ ନାୟକ ଫାର୍ମାସିଷ୍ଟମାନଙ୍କୁ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ଓ କର୍ତ୍ତବ୍ୟ ପରାୟଣ ହେବାକୁ ନିବେଦନ କରିଥିଲେ। ଶେଷରେ ଡା. ଶ୍ୱେତଲିନା ଆସେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୨୫ ଜଣ ଫାର୍ମାସିଷ୍ଟ୍ ଯୋଗ ଦେଇଛନ୍ତି।

# ବେଦାନ୍ତରେ ବୃହତ ବହୁ-ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

**ଲାଞ୍ଜିଗଡ଼,୧୮।୭(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଏକ ବୃହତ ବହୁ-ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ମାଧ୍ୟମରେ ଅବହେଳିତ ଅଞ୍ଚଳଗୁଡ଼ିକୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି ଶିବିର ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ୧୫ ଗ୍ରାମର ବାସିନ୍ଦାଙ୍କୁ ସେବା ପ୍ରଦାନ କରିଥିଲା। ଯାହା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ବେଦାନ୍ତର ଏହି ତ୍ୱରିତ ପଦକ୍ଷେପ ସାଧାରଣତଃ ମୌସୁମୀ ଋତୁରେ ଆୟୋଜିତ ହୋଇଥାଏ, ଯେତେବେଳେ ଗ୍ରାମବାସୀମାନେ ବିଭିନ୍ନ ପ୍ରକାର ଋତୁକାଳୀନ ରୋଗରେ ଶିକାର ହୋଇଥାନ୍ତି। ଏହି ଶିବିରଟି ୩୫୦ରୁ ଅଧିକ ରୋଗୀଙ୍କୁ ଉପକୃତ କରିଥିଲା, ଦୂରଦୂରାନ୍ତ ଅଞ୍ଚଳରେ ସମୟୋପଯୋଗୀ ଓ ସୁଲଭ ସ୍ୱାସ୍ଥ୍ୟସେବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିଥିଲା। ଶିଶୁରୋଗ, ସାଧାରଣ ଔଷଧ, ସ୍ତ୍ରୀ ରୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞଙ୍କ ସହାୟତାରେ ଶିବିରରେ ତୁରନ୍ତ ସେବା ପ୍ରଦାନ କରାଯିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଉପରେ ସଚେତନତା ବୃଦ୍ଧି କରାଯାଇଥିଲା। ଏହା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଅବହେଳାକୁ ଦୂର କରିବାରେ




ସକ୍ଷମ ହୋଇଛି। ଏନେଇ ବେଦାନ୍ତ ଆଲୁମିନା (ବ୍ୟବସାୟ)ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଲାଞ୍ଜିଗଡ଼ରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ଉନ୍ନତି ପାଇଁ ବେଦାନ୍ତ ପ୍ରତିବଦ୍ଧ। ଏହି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଦୂରଦୂରାନ୍ତ ଗ୍ରାମରେ ସମୟୋଚିତ ଚିକିତ୍ସା ସହାୟତା ସୁନିଶ୍ଚିତ କରାଯାଇପାରିଛି। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଯାଇପାରୁଛି ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି। ପ୍ରୋଜେକ୍ଟ ଆରୋଗ୍ୟ ବେଦାନ୍ତର ପ୍ରମୁଖ ସ୍ୱାସ୍ଥ୍ୟସେବା ଉକ୍ତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। କେବଳ ଆର୍ଥିକ ବର୍ଷ ୨୦୨୪-୨୫ରେ ୬୬୦ରୁ ଅଧିକ ମୋବାଇଲ୍ ହେଲଥ ୟୁନିଟ୍ (ଏମ୍ଏଚ୍ୟୁ) ମାଧ୍ୟମରେ ଦୂରଦୂରାନ୍ତ ଗ୍ରାମର ସାଢ଼େ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇସାରିଛି। ଏଥିସହ ୬୮୦ରୁ ଅଧିକ ସମ୍ପ୍ରଦାୟ ଉଦ୍ଦେଶ୍ୟରେ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା, ଯାହା ୧୫ ହଜାରରୁ ଅଧିକ ଲୋକଙ୍କୁ ସ୍ୱଚ୍ଛତା, ସୁସ୍ଥତା ଓ ରୋଗ ନିବାରଣ ଉପରେ ଜରୁରୀ ସୂଚନା ପ୍ରଦାନ କରିଥିଲା।

# ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଉଦ୍‌ଯାପିତ

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ପାଞ୍ଚଦିନିଆ ପ୍ରଶିକ୍ଷଣ ଉଦଯାପିତ ହୋଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟାର, ଅବସରପ୍ରାପ୍ତ ଶିକ୍ଷା ବିଭାଗର ପ୍ରଫେସର ଡ. ବିମଳ ଚରଣ ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ, ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର, ଉପନିର୍ଦ୍ଦେଶିକା ସିଏଚ୍ ବିଜୟ ଲକ୍ଷ୍ମୀ ଓ ଡ. ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୨୫ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ସେମାନଙ୍କ ବ୍ୟକ୍ତିଗତ ବିକାଶ ଦିଗରେ ଅଧିକ




ପ୍ରାଧାନ୍ୟ ଦିଆଯାଇଥିଲା। ଶିକ୍ଷକମାନେ ପ୍ରଶିକ୍ଷିତ ହୋଇ ଆଗାମୀ ପିଢ଼ିକୁ ସଠିକ୍ ଢଙ୍ଗରେ ଗଢ଼ିପାରିବେ। ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ ଆୟାର୍ ଯୋଗଦେଇ କହିଛନ୍ତି ଯେ ଏହି ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ହିଁ ସେମାନଙ୍କ ଶିକ୍ଷକତା ଯାତ୍ରାରମ୍ଭ ଆରମ୍ଭ ହୋଇଛି। ଏହିଠାରୁ ବାହାରିବା ପରେ ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ କରିବା ସହ ସମାଜରେ ପରିବର୍ତ୍ତନ ଆଣିପାରିବେ ବୋଲି ଶ୍ରୀ ଆୟାର୍ କହିଛନ୍ତି।

ସେହିପରି ପ୍ରଫେସର ଶ୍ରୀ ସ୍ୱାଇଁ ଶ୍ରେଣୀଗୃହରେ ଶିକ୍ଷକମାନେ କିପରି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବେ ତଥା ଏନ୍ଇପି-୨୦୨୦ ଉପରେ କାର୍ଯ୍ୟ କରିବେ, ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ସ୍ୱାଇଁଙ୍କ ମତରେ ଶିକ୍ଷା ବ୍ୟବସ୍ଥା ୪ଟି ସ୍ତମ୍ଭ ଜ୍ଞାନ ଆହରଣ ଇଚ୍ଛା, ଜ୍ଞାନକୁ କାର୍ଯ୍ୟରେ ଲଗାଇବା, ଭଲ ମଣିଷ ହେବା ଓ ମିଳିମିଶି ରହିବାକୁ ନେଇ ଗଠିତ।

କାର୍ଯ୍ୟକ୍ରମକୁ ପିଜିଟି ଶିକ୍ଷୟିତ୍ରୀ ଶୁନୁଲତା ଘଡ଼ାଇ ପରିଚାଳନା କରିଥିବା ବେଳେ ପିଜିଟି ଶିକ୍ଷକ ଦିବ୍ୟସିଂହ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ୨୧ରେ ଆରଡିସି କାର୍ଯ୍ୟାଳୟ ଘେରିବ ବିଜେଡି



**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପାଇଁ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରିବା ସହ ପୀଡ଼ିତାଙ୍କ ପାଇଁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଆସନ୍ତା ୨୧ରେ ରାଜ୍ୟର ସମସ୍ତ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରାଯିବ। ଏନେଇ ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଫ୍ଏମ୍ ପୀଡ଼ିତାଙ୍କ ମୃତ୍ୟୁ ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ବିଜେଡି ତା'ର ଆନ୍ଦୋଳନ ଜାରି ରଖିବ। ଘଟଣାରେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ପ୍ରଦାନ ସହ ମାମଲାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା କରାଇବା ସକାଶେ ଦାବି ଉପସ୍ଥାପନ କରିସାରିଛି। ଏଫ୍ଏମ୍ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ। ଏହି କ୍ରମରେ ଆସନ୍ତା ୨୧ ତାରିଖରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରସ୍ଥିତ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଜୀଅନ୍ତା ନାଗକୁ ଚୋବାଇ ଖାଇଲା ମଦ୍ୟମ

**ବଲାଙ୍ଗୀର,୧୮।୭ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଅଜବ କାଣ୍ଡ କରିଛନ୍ତି। ମଦ୍ୟପଜଣଙ୍କ ଜୀଅନ୍ତା ନାଗ ସାପକୁ ଖାଇ ଗୁରୁତର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ଡାକ୍ତରମାନେ ତାଙ୍କର ଚିକିତ୍ସା ଜାରି ରଖିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ତେବେ ନାଗ ସାପଟି ଜୀବନ୍ତ ଅବସ୍ଥାରେ ଥିବା କାରଣରୁ ବିଷର ପ୍ରଭାବ ପଡ଼ିଥିବା ସମ୍ଭାବନା ଅଛି। ଏଣୁ ଡାକ୍ତରମାନେ ବିଶେଷ ସାବଧାନତା ସହିତ ଚିକିତ୍ସା କରୁଥିବା ଜଣାପଡିଛି।

# ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗରର ନବମ ଅଧିଷ୍ଠାନ ଦିବସ



**ଭୁବନେଶ୍ୱର, ୧୮।୭ (ସଂଚାର ବ୍ୟୁରୋ) :** ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ତା'ର ନବମ ଅଧିଷ୍ଠାନ ଦିବସ ପାଳନ କରିଛି। ଏହି ଅବସରରେ ଦାୟିତ୍ୱ ହସ୍ତାନ୍ତର ସ୍ୱରୂପ ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରୋଟାରିଆନ ଆଡଭୋକେଟ ଦିଲ୍ଲୀପ୍ କୁମାର ଜେନା ଓ ଶ୍ରୀ ପୁର ପ୍ରଧାନ ଯଥାକ୍ରମେ ସଭାପତି ଓ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଛି। ଶୁକ୍ରବାର ଦିନ ପୂର୍ବାହ୍ନରେ ସୋଆ ବିଶ୍ୱବିଦ୍ୟାଳୟର ଏକ ସଭା କକ୍ଷରେ ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ପକ୍ଷରୁ ଆୟୋଜିତ ଏକ ଭବ୍ୟ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପିଡିଜି ଶିବବ୍ରତ ଦାଶ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଏ.ଜି ଡ. ଶିଶିରକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କରାଯାଉଥିବା ସେବାକାର୍ଯ୍ୟ ସଂପର୍କରେ ଅଲୋକପାତ କରିଥିଲେ। ବିଶେଷକରି କ୍ଲବ ପକ୍ଷରୁ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଂପ୍ରତିକ ସମୟରେ ବହୁ ଗୁରୁତ୍ୱ ବହନ କରେ ବୋଲି ଅତିଥିମାନେ ମତ ରଖିଥିଲେ। ଡ. କେ.ସି. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସଭାପତି ଆର.ସି. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଗତ ବର୍ଷରେ କ୍ଲବ ପକ୍ଷରୁ କାରାଯାଇଥିବା କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସଂଗୀତ ଗାନ କରିଥିଲେ ରୋଟାରିଆନ ନିହାରୀକା ମିଶ୍ର। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସର୍ବଶ୍ରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ. ଜଗନ୍ନାଥ ରାଓ, ରଞ୍ଜନ ପାତ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, କେ. କ୍ରୀଷ୍ଣା ରାଓ, ରାମକୃଷ୍ଣ ମହାରଣା, ଶିକ୍ଷାବିତ୍ ଦେବଦତ୍ତ ମହାନ୍ତି ଓ କ୍ଲବର ପ୍ରଥମ ମହିଳା ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରାନ୍ତପାଳ ଶ୍ରୀ ତ୍ରିପାଠୀ କ୍ଲବରେ ନୂତନ ସଭ୍ୟ ଭାବରେ ରୋଟାରୀ ପିନ୍ ପ୍ରଦାନକରି ତିନି ଜଣଙ୍କୁ ସଭ୍ୟଭାବରେ ଗ୍ରହଣ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ କ୍ଲବର ସଭାପତି ଓ ସଭ୍ୟମାନେ ଯୋଗଦେଇ ନୂତନ ସଭାପତି ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ଅଭିନନ୍ଦନ ଜଣାଇଥିଲେ।

# ଆଇଟି କ୍ଷେତ୍ରରେ ଆଗକୁ ବଢୁଛି ଭୁବନେଶ୍ୱର

ପାଲଟିଛି ନିବେଶକଙ୍କ ପ୍ରଥମ ପସନ୍ଦ

**ଭୁବନେଶ୍ୱର,୧୮।୭:** ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର କ୍ଷେତ୍ରରେ ଗତ ୬ ମାସ ମଧ୍ୟରେ ଓଡ଼ିଶାରେ ଉଲ୍ଲେଖନୀୟ ପ୍ରଗତି ଲକ୍ଷ୍ୟ କରାଯାଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱର କ୍ରମଶଃ 'ନଲେଜ୍ ପ୍ରୋସେସ୍ ଆଉଟସୋର୍ସିଂ' (କେପିଓ) ସେକ୍ଟରରେ ପରିଣତ ହୋଇଛି। ସ୍ମାର୍ଟସିଟି ଭୁବନେଶ୍ୱର ଏବେ ସ୍ମାର୍ଟ ଆଇଟି ହବ୍‌ରେ ପରିଣତ ହେବାକୁ ଯାଉଛି। ଖବର ଅନୁସାରେ, ଦେଶର ଦ୍ୱିତୀୟ ଶ୍ରେଣୀର ସହର ମଧ୍ୟରେ ଭୁବନେଶ୍ୱର, କୋଏମ୍ବାଟୁର, ନାଗପୁର, ଭାଇଜାଗ୍, ଇନ୍ଦୋର, ୱାରଙ୍ଗଲ୍, ଭଦୋଦରା ଆଦି ଗତ ଜାନୁଆରୀରୁ ଜୁନ୍ ମଧ୍ୟରେ ଆଇଟି କେପିଓ କ୍ଷେତ୍ରରେ ୨୦ ପ୍ରତିଶତରୁ ଅଧିକ ଉନ୍ନତି କରିଛନ୍ତି। ଅନୁକୂଳ ବାତାବରଣ ଯୋଗୁ ଭୁବନେଶ୍ୱର ପୁଞ୍ଜିନିବେଶକଙ୍କ ପ୍ରଥମ ପସନ୍ଦ ହୋଇଛି। ବିଶେଷକରି ଆଇଟି ଭିତ୍ତିଭୂମି ସୁଦୃଢ଼ ହେଉଥିବାରୁ କେପିଓ ସେକ୍ଟରରେ ଏଠାରେ ଦ୍ରୁତ ବିକାଶ ଘଟୁଛି। ଏ ଦିଗରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କର ଦୂରଦୃଷ୍ଟି ଓ ନିରନ୍ତର ଉଦ୍ୟମ ଯୋଗୁ ରାଜଧାନୀରେ ଆଇଟି ବ୍ୟବସାୟ ବଢ଼ିବା ସହ ପୁଞ୍ଜିନିବେଶକମାନେ ଅଧିକରୁ ଅଧିକ ସଂଖ୍ୟାରେ ଆକର୍ଷିତ ହୋଇ ଓଡ଼ିଶା



ଅଭିମୁଖୀ ହେଉଛନ୍ତି। ଆଇଟି ସଂସ୍ଥାମାନେ ଭୁବନେଶ୍ୱରମୁହାଁ ହୋଇଥିବା ବେଳେ ରାଜଧାନୀ ସମେତ ସାରା ରାଜ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷକରି ପ୍ରଶାସନିକ କଳ, ପୁଲିସ ସେବା, ଟ୍ରାଫିକ୍ ପରିଚାଳନା ଓ ଅନ୍ୟାନ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସକାରାତ୍ମକ ଉପଯୋଗ କରାଯିବା ଫଳରେ ପ୍ରଶାସନିକ ବ୍ୟବସ୍ଥା ବି ତ୍ୱରାନ୍ୱିତ ହେଉଥିବା ବରିଷ୍ଠ ଅଧିକାରୀମାନେ ସ୍ୱୀକାର କରୁଛନ୍ତି। ଏଥିଯୋଗୁ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଉଛି।

ଏନେଇ ବୈଷୟିକ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ ଆଇଟି ଓ କେପିଓ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଭୁବନେଶ୍ୱରରେ ବ୍ୟାପକ ଭିତ୍ତିଭୂମି ଓ ଅନୁକୂଳ ପରିବେଶ ରହିଛି। ଏଥିଲାଗି ଦେଶ ବିଦେଶର ବିଶେଷଜ୍ଞ ଓ ପୁଞ୍ଜିନିବେଶକମାନେ ଓଡ଼ିଶାକୁ ସେମାନଙ୍କ ପ୍ରଥମ ପସନ୍ଦ ଭାବେ ବିବେଚନା କରୁଛନ୍ତି। ସ୍ମାର୍ଟସିଟି ଭୁବନେଶ୍ୱର ଏଥିରୁ ବିଶେଷ ଫାଇଦା ଉଠାଇବା ଆଶା ରହିଛି। ଆଇଟି ଓ କେପିଓ କ୍ଷେତ୍ରରେ ବିକାଶ ଘଟିବା ସହ ତାଳଦେଇ ବିଭିନ୍ନ ପ୍ରଶାସନିକ ଓ ବୈଷୟିକ କାର୍ଯ୍ୟରେ ମଧ୍ୟ ଅଧିକରୁ ଅଧିକ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟବହାର ସୁଯୋଗ ସୃଷ୍ଟି ହେଉଛି। (ତଥ୍ୟ)

sanchar.live

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ମେକ୍ ଇନ ଇଣ୍ଡିଆକୁ ପ୍ରାଥମିକତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ଆହ୍ୱାନ ହେଲା ସ୍ୱାବଲମ୍ବୀ ଭାରତ ଗଠନ କରିବା। ଏଥିପାଇଁ ସେ ମେକ୍ ଇନ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ମଧ୍ୟ ମିଳୁଛି। ପ୍ରଥମତଃ ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏହା ଦ୍ୱାରା ପ୍ରତିରକ୍ଷା ଶିଳ୍ପ ବା ଡିଫେନ୍ସ ଇଣ୍ଡଷ୍ଟ୍ରୀ ସଶକ୍ତ ହେଉଛି। ପୂର୍ବରୁ ରୁଗ୍‌ଣ ହୋଇ ଯାଇଥିବା ହାଲ ଏବେ ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଛି। ଏଥିପାଇଁ କ୍ଷେପଣାସ୍ତ୍ର, ହାଲୁକା ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଶକ୍ତିଶାଳୀ ରାଇଫଲ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି ଭାରତ ଏବେ ନିର୍ମାଣ କରିବା ଆରମ୍ଭ କରିଛି। ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ଗତ ଦୁଇଦିନ ଭିତରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରଥମ ଚୁକ୍ତି ଅନୁଯାୟୀ ଭାରତ ସରକାର ୬୯୦୦ କୋଟି ଟଙ୍କାର ଅତ୍ୟାଧୁନିକ କମାଣ କ୍ରୟ କରିବେ। ଦ୍ୱିତୀୟ ଚୁକ୍ତି ମୁତାବକ ଭାରତ ସରକାର ୨୫୦୦ କୋଟି ଟଙ୍କାର ଆଣ୍ଟି ଟ୍ୟାଙ୍କ ସିଷ୍ଟମ ଏବଂ ସେନା ବାହିନୀରେ ବ୍ୟବହାର ହେଉଥିବା ହାଲୁକା ଯାନ କ୍ରୟ କରାଯିବ। ଏହା ଦ୍ୱାରା ଭାରତୀୟ ସେନା ଅଧିକ ଶକ୍ତିଶାଳୀ ହେବ। ଉଭୟ ଚୁକ୍ତି ୪ଟି ଘରୋଇ କମ୍ପାନୀ ସହ ହୋଇଛି। ଅର୍ଥାତ ଏହିସବୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ନିମନ୍ତେ ଭାରତ ସରକାର କୌଣସି ବିଦେଶୀ ସଂସ୍ଥାକୁ ଟଙ୍କା ଦେବେ ନାହିଁ। ଏହି ଟଙ୍କା ଭାରତରେ ରହିବ ଏବଂ ଭାରତୀୟ କମ୍ପାନୀ ଏଥିରେ ଉପକୃତ ହେବେ। ଏହିସବୁ କମ୍ପାନୀରେ ନିୟୋଜିତ କର୍ମଚାରୀମାନେ ଉପକୃତ ହେବେ। ଉଲ୍ଲେଖ ଯୋଗ୍ୟ ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ୫୪ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ସହିତ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୧.୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଉଛି। ଏହିସବୁ ପ୍ରସ୍ତାବିତ ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ଅଧିକାଂଶ ସ୍ୱଦେଶୀ ହେବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତରେ ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡ଼ୁଛି। କିନ୍ତୁ ବିଦେଶରୁ ଲଢ଼ୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢ଼ୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସଶକ୍ତ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ। ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ବ୍ୟକ୍ତି ନିଯୁକ୍ତି ପାଇବେ, କୃଷକମାନେ ଉପକୃତ ହେବେ ଏବଂ ଭାରତ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରିବ। ନଚେତ ଆଜି ଶ୍ରୀଲଙ୍କାରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି କାଲି ଭାରତରେ ସେପରି ପରିସ୍ଥିତି ସୃଷ୍ଟି ହୋଇପାରେ। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କା ଆଜି ଦେବାଳିଆ ସ୍ଥିତିକୁ ଚାଲି ଆସିଛି। ଚୀନ ଓ ଭାରତର ସହାୟତା ଉପରେ ଶ୍ରୀଲଙ୍କା ନିର୍ଭର କରୁଛି। ଦେଶର ଅନେକ ଗରିବ ବ୍ୟକ୍ତି ଭାରତକୁ ଶରଣାର୍ଥୀ ଭାବେ ଚାଲିଆସୁଛନ୍ତି। ପଡ଼ୋଶୀ ପାକିସ୍ତାନରେ ମଧ୍ୟ ସମାନ ପରିସ୍ଥିତି। ଭାରତ ଏଥିରୁ ଶିକ୍ଷାଲାଭ କରି ନିଜକୁ ଭବିଷ୍ୟତର ସଙ୍କଟ ପାଇଁ ପ୍ରସ୍ତୁତ କରିବା ଉଚିତ। ଯୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଚାଲିଛି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଦର ମଧ୍ୟ ବଢ଼ିଛି। କାରଣ ଏସବୁ ସାମଗ୍ରୀ ଲାଗି ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଭାରତରେ ପେଟ୍ରୋଲ ଡିଜେଲର ଯେତିକି ଚାହିଦା ରହିଛି ତାହାର ୮୫ ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ବିଶ୍ୱ ବଜାରରେ ତେଲ ଦର ବଢ଼ିବାର ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏଥିରେ ବିଶେଷ କିଛି କରିବାର ନାହିଁ। ସରକାର କେବଳ ଏହା ଉପରୁ କିଛିଟା ଟିକସ ହ୍ରାସ କରିପାରିବେ। କିନ୍ତୁ ସେଥିରେ ବିଶେଷ ତଫାତ ପଡ଼ିବ ନାହିଁ। ଆଉ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିବା ଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେବ। ଭିତ୍ତିଭୂମି ବିକାଶ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ସେବା ଲାଗି ଅର୍ଥ କେଉଁଠୁ ଆସିବ? ରାଜ୍ୟ ସରକାରମାନେ ମଧ୍ୟ ପେଟ୍ରୋଲ ଓ ଡିଜେଲରୁ ଟିକସ ଆଦାୟ କରୁଛନ୍ତି। ସେମାନେ ବିକାଶମୂଳକ କାର୍ଯ୍ୟ ଓ କର୍ମଚାରୀଙ୍କ ଦରମା ବାବଦ ଅର୍ଥ କେଉଁଠୁ ଆଣିବେ? କିନ୍ତୁ ପେଟ୍ରୋଲ ଓ ଡିଜେଲର ଚାହିଦାକୁ ହ୍ରାସ କରାଯାଇପାରିବ। ଏଥିପାଇଁ ସରକାର ଇ-ଭେହିକଲ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ଏହା ଦ୍ୱାରା ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଆମଦାନୀକୁ ହ୍ରାସ କରିବ ଏବଂ ଲୋକଙ୍କୁ ଆଉ ତେଲ ଦର ବୃଦ୍ଧି ଲାଗି ହଇରାଣ ହେବାକୁ ପଡ଼ିବ ନାହିଁ। ଏବେ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରିବାକୁ ପଡ଼ିବ। ସେ ଯାହା ହେଉ ଯୁକ୍ରେନ ଯୁଦ୍ଧ ଭାରତକୁ ଅନେକ ଶିକ୍ଷା ପ୍ରଦାନ କରିଛି। ସବୁ କ୍ଷେତ୍ରରେ ଆମକୁ ଯଥାସମ୍ଭବ ସ୍ୱାବଲମ୍ବୀ ହେବାକୁ ପଡ଼ିବ, ଅନ୍ୟ ଉପରେ ନିର୍ଭର କରି ସବୁଦିନ ଚଳି ପାରିବା ନାହିଁ। ଯଦି ଭାରତ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଥାନ୍ତା ତେବେ ଆଜି ଯୁକ୍ରେନ ଯୁଦ୍ଧ ପ୍ରଭାବରେ ଖାଇବା ତେଲ ଦରବୃଦ୍ଧି ହୋଇନଥାନ୍ତା କିମ୍ବା ଭାରତକୁ ବିକଳ୍ପ ଚିନ୍ତା କରିବାକୁ ପଡ଼ିନଥାନ୍ତା। ଯଦି ଭାରତରେ ମେଡିକାଲ ଶିକ୍ଷା ଲାଭ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଥାନ୍ତା ତେବେ ଭାରତରୁ ହଜାର ହଜାର ଛାତ୍ରଛାତ୍ରୀ ଏମବିବିଏସ ଡିଗ୍ରୀ ଲାଗି ଯୁକ୍ରେନ ଯାଇନଥାନ୍ତେ। ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳେ ଭାରତ ବିଶ୍ୱର ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ୨୫ ବର୍ଷ ଖୁବ କମ ସମୟ। ଏଥିପାଇଁ ଦେଶର ପ୍ରତ୍ୟେକ ନାଗରିକଙ୍କ ଅବଦାନ ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ଟିକସ ପ୍ରଦାନରେ ସାଧୁତା ଅବଲମ୍ବନ କରିବା ଉଚିତ। ଏହା ସହିତ ସରକାର ମଧ୍ୟ ଲୋକଙ୍କ କଷ୍ଟଲବ୍ଧ ଟିକସ ଅର୍ଥର ସଦୁପଯୋଗ କରିବା ଉଚିତ। ଟିକସ ପଇସାକୁ ଖଇରାତି କାର୍ଯ୍ୟକ୍ରମରେ ବିନିଯୋଗ ନକରି ଭିତ୍ତିଭୂମି ବିକାଶରେ ବିନିଯୋଗ କରିବା ଉଚିତ। ଉତ୍ପାଦନ ବୃଦ୍ଧି ଏବଂ ନିଯୁକ୍ତି ସୁବିଧା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ହିଁ ଆମ ଅଭିବୃଦ୍ଧିର ମାନଦଣ୍ଡ।

# ସେବା, ସାଧନା ଓ ସଂଗ୍ରାମର ପ୍ରତୀକ ମା' ରମାଦେବୀ

ପ୍ରହଲାଦ କୁମାର ସିଂହ

ମା'ରମାଦେବୀଙ୍କର ମହାପ୍ରୟାଣର ଇତିମଧ୍ୟରେ ୪୦ବର୍ଷ ବିତିଗଲାଣି। ୧୯୮୫ ଜୁଲାଇ ୨୨ ତାରିଖ ଅପରାହ୍ଣ ରେ କଟକ ଖାନନଗର ଶ୍ମଶାନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ତାଙ୍କ ଶବାଧାରରେ ଯେତେବେଳେ ଆମେ କେତେଜଣ ଜୁଇ ଚାରିପଟେ ପରିକ୍ରମା କରାଉଥିଲୁ ସେ ସମୟରେ ଶରୀର ରୋମାଞ୍ଚିତ ହୋଇ ଉଠୁଥିଲା। ଶତାଧିକ ସ୍ୱାଧୀନତା ସଂଗ୍ରାମୀ, ରଚନାତ୍ମକ କର୍ମୀ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ରାଜନେତା ଆଦି ବିଭିନ୍ନ ବର୍ଗର ଲୋକେ ସେଠି ସମବେତ ହୋଇଥିଲେ ମା'ଙ୍କୁ ବିଦାୟ ଦେବା ପାଇଁ। ସେ କୌଣସି ସାମ୍ବିଧାନିକ ପଦପଦବୀକୁ ନିର୍ବାଚିତ ହୋଇନଥିଲେ ମଧ୍ୟ କୃତଜ୍ଞ ରାଷ୍ଟ୍ର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲା।

ରମା ସୁନ୍ଦରୀରୁ ମା'ରମାଦେବୀ ପର୍ଯ୍ୟନ୍ତ ତାଙ୍କ ସୁଦୀର୍ଘ ଜୀବନଯାତ୍ରା ଥିଲା ବେଶ ରୋମାଞ୍ଚକର। ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ସହରରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କ ବାପା ଗୋପାଳ ବଲ୍ଲଭ ଦାସ ଥିଲେ ଡେପୁଟି କଲେକ୍ଟର ଓ ସ୍ୱାଧୀନଚେତା ଲେଖକ। ତାଙ୍କ ବଡ଼ବାପା ଥିଲେ ଉତ୍କଳ ଗୌରବ ମଧୁସୂଦନ। ଅଜା ଜମିଦାର ନନ୍ଦକିଶୋର ଦାସ ଓ ମାମୁ ରାଜକିଶୋର ଦାସ ଥିଲେ ଉଚ୍ଚ ପାହ୍ୟାର ସରକାରୀ ଅଧିକାରୀ। ମାତ୍ର ୧୫ବର୍ଷ ବୟସରେ ରମା ସୁନ୍ଦରୀଙ୍କର ବିବାହ ହୋଇଥିଲା ଖେରସର ଜମିଦାର ତଥା ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ସହ। ତାଙ୍କ ମା' ବସନ୍ତ କୁମାରୀ ଥିଲେ ଓଡ଼ିଆ ଭାଷାର ପ୍ରଥମ ମହିଳା ପତ୍ରିକା 'ପରିଚାରିକା'ର ସମ୍ପାଦିକା। ପିଲାଦିନୁ ପରିବାରର ସଂସ୍କାର ବିଶେଷକରି ବଡ଼ବାପା ମଧୁସୂଦନଙ୍କ ବ୍ୟକ୍ତିତ୍ୱ ତାଙ୍କୁ ଏକ ନିଆରା ମଣିଷରେ ଗଢ଼ିତୋଳିବା ସହ ଦେଶ ସେବା ପାଇଁ ଉଦ୍‌ବୁଦ୍ଧ କରିଥିଲା। ୧୯୦୮ ମସିହାରେ ତାଙ୍କୁ ଯେତେବେଳେ ମାତ୍ର ୯ବର୍ଷ ସେହି ସମୟରେ ତରୁଣ ବିପ୍ଳବୀ ଖୁଦିରାମଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ସେଦିନ ୯ବର୍ଷ ଝିଅ ରମା ସପରିବାର ଉପବାସ ବ୍ରତ ରଖି ଶହୀଦଙ୍କ ସମ୍ମାନରେ କଟାଇଥିଲେ। ତାଙ୍କ ନାମରେ ଏବେ ଭୁବନେଶ୍ୱରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରହିଛି। କିନ୍ତୁ ରମାଦେବୀଙ୍କର କୌଣସି ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ବି ନଥିଲା। ସ୍ୱାଧ୍ୟାୟ ଓ ସାଧନା ବଳରେ ସେ ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଦକ୍ଷତା ଲାଭ କରିଥିଲେ। ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ, ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀରମୋହନଙ୍କ ଭଳି ମହାପୁରୁଷମାନଙ୍କୁ ବତିଘର କରି ସେ ଆଗେଇଥିଲେ।

ବିବାହ ପରେ ଗୋପବନ୍ଧୁ ଚୌଧୁରୀ ତାଙ୍କୁ ପ୍ରଥମ ପ୍ରଶ୍ନ କରିଥିଲେ, "ଆମ ଜୀବନରେ ଆମେ କ'ଣ କରିବା?" ନବବଧୂଙ୍କର ସଂକ୍ଷିପ୍ତ ଉତ୍ତର ଥିଲା, "ପରୋପକାର।" ବିବାହର ଅଳ୍ପଦିନ ମଧ୍ୟରେ ସେ ତାଙ୍କର ବାପା ଓ ଶ୍ୱଶୁରଙ୍କୁ ହରାଇଥିଲେ। ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥାଇ ବରୀ ବନ୍ୟାଞ୍ଚଳର ଦୁର୍ଦ୍ଦଶା ସମ୍ପର୍କରେ ସରକାରଙ୍କୁ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ବଦଳାଇବା ଲାଗି ଚାପ ହେବାରୁ ସ୍ୱାଧୀନଚେତା ଗୋପବନ୍ଧୁ ଚାକିରି ଛାଡ଼ିବା ପାଇଁ ମନସ୍ଥ କରି ସହଧର୍ମିଣୀ ରମାଦେବୀଙ୍କ ପରାମର୍ଶ ଲୋଡ଼ିଥିଲେ। ସେତେବେଳେ ରମାଦେବୀଙ୍କ ଠାରୁ ସବୁଜ ସଂକେତ ପାଇ ତାଙ୍କ ଇସ୍ତଫା ପତ୍ରରେ ଲେଖିଥିଲେ ଯେ ସରକାରୀ ଚାକିରିରେ ମଣିଷ ଜୀବନର ବିକାଶର ସ୍ଥାନ ନାହିଁ। ଚାକିରି ଛାଡ଼ି ଗୋପବନ୍ଧୁ ଚୌଧୁରୀ ସପରିବାର ସିଧା ଭେଟିଲେ ଉତ୍କଳମଣି ଗୋପବନ୍ଧୁଙ୍କୁ। ଉତ୍କଳମଣି ଓକିଲାତି କରିବା ବେଳେ କିଛିଦିନ ପାଇଁ ଗୋପବନ୍ଧୁ ଚୌଧୁରୀଙ୍କ ଜୁନିଅର ଭାବେ ତାଲିମ ନେଇଥିଲେ। ବସ୍ତୁତଃ ବନ୍ୟା ବିପତ୍ତିରୁ ଓଡ଼ିଶା ପାଇଛି ଦୁଇଟି ରତ୍ନ-ଜଣେ ହେଲେ ଗୋପବନ୍ଧୁ ଦାସ ଓ ଅନ୍ୟଜଣେ ଗୋପବନ୍ଧୁ ଚୌଧୁରୀ।

ଗୋପବନ୍ଧୁ ଚୌଧୁରୀ କଟକରେ ଭାରତୀ ମନ୍ଦିର ନାମରେ ଯେଉଁ ଛୋଟ ପାଠାଗାରଟିଏ ଗଢ଼ିଥିଲେ ସେଥିରେ ସାମିଲ ଥିଲେ ରେଭେନ୍ସା କଲେଜ୍‌ରେ ପଢ଼ୁଥିବା ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନ୍‌ଗୋ, ଯଦୁମଣି ମଙ୍ଗରାଜ, ବଂଶୀଧର ମିଶ୍ର ଇତ୍ୟାଦି। ଗୋପବନ୍ଧୁ ଚାକିରି ଛାଡ଼ିବା ପୂର୍ବରୁ ଏହି ଯୁବଗୋଷ୍ଠୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ପାଠପଢ଼ା ଛାଡ଼ି ଦେଇଥିଲେ। ୧୯୨୧ ମାର୍ଚ୍ଚ ୨୩ରୁ ମହାତ୍ମା ଗାନ୍ଧୀଙ୍କ ସପ୍ତାହ ବ୍ୟାପି ଓଡ଼ିଶା ଗସ୍ତ ଅବସରରେ କଟକରେ ଯେଉଁ ମହିଳା ସଭାଟିଏ ହୋଇଥିଲା ସେଥିରେ ରମାଦେବୀ, ସରଳାଦେବୀଙ୍କ ସମେତ ଅତିବେଶୀରେ ୪୦ଜଣ ମହିଳା ଯୋଗ ଦେଇଥିଲେ। ଅନ୍ୟମାନେ ସ୍ୱରାଜ୍ୟ ପାଣ୍ଠି ପାଇଁ ସେମାନଙ୍କ ଗହଣା ଦାନ କରିଥିବା ବେଳେ ରମାଦେବୀ କିନ୍ତୁ ଶାଶୁ ପଦ୍ମାବତୀଙ୍କ କଥା ମାନି ଗହଣା ଦେଇନଥିଲେ। ଗାନ୍ଧୀଙ୍କୁ ସେ ଭେଟି ଦେଇଥିଲେ ତାଙ୍କ ହାତକଟା ସୂତାମୋଡ଼ାଟିଏ। ବସ୍ତୁତଃ ଏହା ତାଙ୍କର ଜୀବନର ମୋଡ଼କୁ ବଦଳାଇ ଦେଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଡ଼ିହେଲେ ଶାନ୍ତିନିକେତନର ପ୍ରଥମ ଛାତ୍ରୀ ମାଳତୀ ଦେବୀ ସାନ ଯା' ତଥା ସହକର୍ମୀଣୀ ଭାବେ। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ରମାଦେବୀ ସପରିବାର ଓ ସହବାନ୍ଧବେ ଯୋଗଦେଇ ବାରମ୍ବାର କାରାବରଣ କରିଛନ୍ତି। ଜଗତସିଂହପୁର ଅଳକା ଆଶ୍ରମ ଓ ବରୀର ସେବାଘର ଥିଲା ସେବା, ସଂଗ୍ରାମ ପାଇଁ ତାଙ୍କର ପ୍ରୟୋଗଶାଳା।

ଯେଉଁ ସମୟରେ ମହିଳାମାନଙ୍କୁ ଓଢ଼ଣା ଆଢୁଆଳରେ ଘରଭିତରେ ରହିବାକୁ ବାଧ କରାଯାଉଥିଲା ସେତେବେଳେ ରମାଦେବୀ ଗାଁ ଗାଁ ବୁଲି ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ସହ ନାରୀ କର୍ମୀ ସୃଷ୍ଟି କରୁଥିଲେ। ଏହାର ପ୍ରତିଫଳନ ଦେଖିଠିବାକୁ ମିଳିଥିଲା ଲବଣ ସତ୍ୟାଗ୍ରହ ସମୟରେ। ବାଲେଶ୍ୱରର ଶ୍ରୀଜଙ୍ଗଠାରୁ ଜଗତସିଂହପୁରର କୁଜଙ୍ଗ, ଅସ୍ତରଙ୍ଗର କୁହୁଡ଼ି, ଗଞ୍ଜାମର ରମ୍ଭା, ହୁମା ଆଦି ସ୍ଥାନରେ ଶହଶହ ମହିଳା ସତ୍ୟାଗ୍ରହୀ ଯେଭଳି ସାହସର ସହ ଲବଣ ଆଇନ୍ ଭଙ୍ଗ କଲେ, ମଦ ଦୋକାନ ଆଗରେ ପିକେଟିଂ ସହ ବିଦେଶୀ ବସ୍ତ୍ର ଜାଳିଲେ ତାହା ଇତିହାସର ଗୌରବାବହ ଅଧ୍ୟାୟ। କେବଳ ରମାଦେବୀ ନୁହନ୍ତି-ସ୍ୱାମୀ ଗୋପବନ୍ଧୁ, ଦିଅର ନବକୃଷ୍ଣ, ଯା' ମାଳତୀଦେବୀ, ପୁଅ ମନମୋହନ, ଝିଅ ଅନ୍ନପୂର୍ଣ୍ଣା, ଜ୍ୱାଇଁ ଶରତଚନ୍ଦ୍ର, ଝିଆରୀ ଉତ୍ତରା ପ୍ରମୁଖ ବାରମ୍ବାର ସ୍ୱରାଜ ଆନ୍ଦୋଳନରେ କାରବରଣ କରିଥିଲେ ବି କେବେ ମୁଣ୍ଡ ନୁଆଁଇ ନାହାନ୍ତି। ତାଙ୍କ ଆକର୍ଷଣରେ ଅନେକ ଛୋଟଛୋଟ ପୁଅଝିଅ ଟାଣି ହୋଇ ଆସି ବାନର ସେନାରେ ଯୋଗ ଦେଇ ପାଠପଢ଼ା ଛାଡ଼ିଛନ୍ତି, ଲାଠିମାଡ଼ ଖାଇଛନ୍ତି, ଏମିତିକି ଜେଲ୍ ବି ଯାଇଛନ୍ତି। ଏହି ବାନର ସେନାମାନେ ତାଙ୍କୁ ଆଦରରେ ମା' ବୋଲି ଡାକିବାରୁ ପରବର୍ତ୍ତୀ ସମୟରେ କେବଳ ଓଡ଼ିଶା ଭିତରେ କାହିଁକି ସାରା ଦେଶରେ ଗାନ୍ଧୀ ପ୍ରେମୀମାନେ ତାଙ୍କୁ ସମ୍ମାନର ସହ ମା'ବୋଲି ସମ୍ବୋଧନ କଲେ। ଗାନ୍ଧୀଜୀ ରମାଦେବୀଙ୍କୁ ହରିଜନ ସେବକ ସଂଘର ପ୍ରାଦେଶିକ ସମ୍ପାଦକ, କସ୍ତୁରବ ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ନିଧିର ପ୍ରତିନିଧି, ମହିଳା ସେବା ମଣ୍ଡଳ ଏବଂ ଅଖିଳ ଭାରତ ଚରଖା ସଂଘର ଟ୍ରଷ୍ଟୀ, ହିନ୍ଦୁସ୍ଥାନୀ ତାଲିମ ସଂଘର ସଦସ୍ୟ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ, ସର୍ବଭାରତୀୟ ମହିଳା ସମ୍ମିଳନୀର ସଦସ୍ୟ, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଆଦି ବିଭିନ୍ନ ସଂଗଠନର ଗୁରୁଦାୟିତ୍ୱ ଦେଇଥିଲେ ଏବଂ ସେ ସବୁକୁ ସେ ନିଷ୍ଠାର ସହ ବି ତୁଲାଇଥିଲେ।

୧୯୨୧ରୁ ୧୯୪୬ ପର୍ଯ୍ୟନ୍ତ ଗାନ୍ଧୀଜୀଙ୍କ ପ୍ରତିଟି ଓଡ଼ିଶା ଗସ୍ତରେ ସେ ଯୋଡ଼ି ହୋଇଥିଲେ। ୧୯୨୨ରୁ ବିଭିନ୍ନ ସମୟରେ କଂଗ୍ରେସ ଅଧିବେଶନରେ ସେ ଓଡ଼ିଶାର ପ୍ରତିନିଧି ଭାବେ ଯୋଗ ଦେଉଥିଲେ। ଓଡ଼ିଶା ଭିତରେ ଏବଂ ଓଡ଼ିଶା ବାହାରେ ହଜାରିବାଗ, ଭାଗଲପୁର ଭଳି ବିଭିନ୍ନ ଜେଲ୍‌ରେ ସେ ବନ୍ଦୀ ଜୀବନ କାଟିଛନ୍ତି। ତାଙ୍କ ବିରୋଧରେ ବ୍ରିଟିଶ ସରକାର ବହୁ ମିଛ ମାମଲା ରୁଜୁ କରିଥିଲେ। ଏପରିକି ଝିଅ ଅପହରଣ ଭଳି ସାଙ୍ଘାତିକ ଦଫା ଲଗାଇ ତାଙ୍କୁ ମଧ୍ୟ ଜେଲ୍ ଦଣ୍ଡ ଦିଆଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ବିଭିନ୍ନ କାମରେ ବି ସେ ଜଣେ ସ୍ୱେଚ୍ଛାସେବିକା ଭାବରେ ସହାୟତା କରୁଥିଲେ। ଏକ ଜମିଦାର ପରିବାରର ବୋହୂ ଓ ଉତ୍କଳ ଗୌରବଙ୍କ ଭଳି ଏକ ଆଭିଜାତ୍ୟ ସମ୍ପନ୍ନ ପରିବାରର କନ୍ୟା ହୋଇ ବି ସେ ସ୍ୱେଚ୍ଛାକୃତ ସପରିବାର ଦାରିଦ୍ର୍ୟ ବରଣ କରିବା ସଂଗେ ସଂଗେ ଦେଶ କାମ ପାଇଁ ତାଙ୍କର ସମସ୍ତ ଗହଣା ଓ ଭୂସମ୍ପତ୍ତି ଦାନ କରିଦେଇଥିଲେ। ୧୯୩୪ ମସିହାରେ ଗାନ୍ଧୀଜୀଙ୍କ ପ୍ରାୟ ମାସେ ବ୍ୟାପି ଓଡ଼ିଶାରେ ହରିଜନ ପଦଯାତ୍ରାର ସେ ଥିଲେ ଅନ୍ୟତମ ସଞ୍ଚାଳିକା। ୧୯୩୮ରେ ବେରବୋଇ ଠାରେ ଗାନ୍ଧୀ-ପଟେଲ ଆଦିଙ୍କ ଉପସ୍ଥିତିରେ ଅନୁଷ୍ଠିତ ସପ୍ତାହ ବ୍ୟାପି ସେବା ସଂଘ ବୈଠକରେ ବି ସେ ଥିଲେ ସଂଯୋଜିକା। ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଚାହିଁଥିଲେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ବସିପାରିଥାନ୍ତେ। କିନ୍ତୁ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ନିଜ ଜୀବନକୁ ବାଜି ଲଗାଇ ଦେବା ସହ ନିଜର ଦୁଇ ପୁଅଝିଅଙ୍କୁ ବି ସରକାରୀ ସ୍କୁଲକୁ ପାଠ ପଢ଼ାଇବାକୁ ଛାଡ଼ିନଥିଲେ। ଅବଶ୍ୟ ପୁଅ ମନମୋହନ ଓ ଝିଅ ଅନ୍ନପୂର୍ଣ୍ଣା ତାଙ୍କ ଭଳି ସ୍ୱାଧ୍ୟାୟ ଓ ସାଧନା କରି ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଯାଇଛନ୍ତି।

ଗାନ୍ଧୀଜୀଙ୍କ ଅବର୍ତ୍ତମାନରେ ବିନୋବା ଭାବେଙ୍କ ସହ ମିଶି ଭୂଦାନ ଯଜ୍ଞକୁ ସଫଳ କରାଇବାରେ ଚୌଧୁରୀ ପରିବାରର ଥିଲା ଅନବଦ୍ୟ ଅବଦାନ। ଯେତେବେଳେ ଯେଉଁଠି ବି କିଛି ପ୍ରାକୃତିକ ବିପଦ, ଛାତ୍ର ଅଶାନ୍ତି, ସାମ୍ପ୍ରଦାୟିକ ଦଙ୍ଗା ଆଦି ଘଟିଛି ସେଠି ରମାଦେବୀ ସାହସର ସହ ଆଗକୁ ଯାଇ ସମାଧାନର ବାଟ କାଢ଼ିଛନ୍ତି। ଏମିତିକି ଚୀନ ଯୁଦ୍ଧ ସମୟରେ ଆସାମ ସୀମାନ୍ତରେ ଏବଂ ବାଂଲାଦେଶ ମୁକ୍ତି ସଂଗ୍ରାମ ବେଳେ ଦିନାଜପୁରର ହିଲି ଅଞ୍ଚଳରେ ସେ ଲୋକଙ୍କ ମନୋବଳ ବଢ଼ାଇବା ସହ ଗୁଳିଗୋଳାକୁ ଖାତିର ନକରି ସେବାର ପତାକା ଉଡ଼ାଇଛନ୍ତି। ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ସେ ଥିଲେ ଅନ୍ୟତମ ମାର୍ଗଦର୍ଶିକା। ଜରୁରୀ ପରିସ୍ଥିତି ବେଳେ ତାଙ୍କ ପରିବାରର ଅନେକଙ୍କୁ ଗିରଫ କରାଯାଇଥିଲା। ରାଜ୍ୟ ଭିତରେ ଓ ବାହାରେ ଏବେ ବି ତାଙ୍କ ସେବାର ସନ୍ତକ ଦେଖାଯାଏ। ଦେଶ ବିଦେଶର ବହୁ ସଂସ୍ଥା ତାଙ୍କୁ ସମ୍ମାନ ପ୍ରଦାନ କରି ନିଜେ ସମ୍ମାନିତ ହୋଇଛନ୍ତି। ତାଙ୍କ ଉପରେ ଯମୁନାଲାଲ ବଜାଜ ପୁରସ୍କାର ଠାରୁ ଶାରଳା ପୁରସ୍କାର ପର୍ଯ୍ୟନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ବିଧି ପରମ ଭୂଷଣ' ଆଦି ଅଜାଡ଼ି ହୋଇପଡ଼ିଛି। ପଦ୍ମଶ୍ରୀ ସମ୍ମାନକୁ ସେ ଏଡ଼ାଇ ଯାଇଛନ୍ତି। ତାଙ୍କ ନାମରେ ନୌସେନା ଏକ ତଟରକ୍ଷୀ ଜାହାଜକୁ ନାମିତ କରିଛି। ଭାରତ ସରକାର ମଧ୍ୟ ସ୍ମାରକୀ ଡାକ ଟିକେଟ୍ ପ୍ରଚଳନ କରିଛନ୍ତି। ଏମିତି ତାଲିକା ଢେର ଲମ୍ବା। ଯେଉଁ ସ୍ୱରାଜ ହାସଲ ସହିତ ଗାନ୍ଧୀଙ୍କ କଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ପାଇଁ ରମାଦେବୀଙ୍କ ଭଳି ସଂଗ୍ରାମୀମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ ଦେଇଛନ୍ତି ତାହା ଏବେ ବି ଅଧୁରା ରହିଛି। ଏହାକୁ ଫଳପ୍ରସୂ କରିବା ଲାଗି ସତେ ଯେମିତି ତାଙ୍କ ପୂଣ୍ୟ ତିଥିରେ ମା'ରମାଦେବୀ ପୂଣ୍ୟଭୂମି ଭାରତର ପୁଅଝିଅମାନଙ୍କୁ ନମ୍ର ନିବେଦନ କରୁଛନ୍ତି। ମା'ରମାଦେବୀଙ୍କ ଭଳି ସ୍ୱରାଜ ସାଧିକାଙ୍କ ନିକଟ ବଳୟରେ କିଛିବର୍ଷ କାମ କରିବାର ଅମୃତ ସୁଯୋଗ ପାଇଥିବାରୁ ନିଶ୍ଚିତ ଭାବେ ଆମଭଳି କର୍ମୀମାନେ ନିଜକୁ ଧନ୍ୟ ମନେ କରିବେ।

ମୋବାଇଲ୍: ୯୪୩୭୦୧୭୩୯୫

# ସୁସ୍ଥ ପରିବାର ଗଠନର ପଥ

ସୁବାସ ଷଡଙ୍ଗୀ

ପ୍ରକାଶିତ ହୋଇଛି ଜାତିସଂଘର ଏକ ସଂସ୍ଥା ୟୁଏନଏଫପି ପକ୍ଷରୁ ପ୍ରକାଶିତ ଷ୍ଟେଟ ଅଫ ୱାର୍ଲଡ ପପୁଲେସନ ୨୦୨୫ ରିପୋର୍ଟ। ବିଶ୍ୱ ଜନସଂଖ୍ୟା ବିଷୟକ ଏଇ ସଂସ୍ଥାର ରିପୋର୍ଟଟି ଏବେ ନୁହେଁ, ୧୯୭୮ ମସିହାରୁ ପ୍ରକାଶିତ ହୋଇ ଆସୁଅଛି। ଗତ କିଛି ଦଶନ୍ଧି ଧରି ଜନସଂଖ୍ୟା ଆଲୋଚନା ଦୁଇଟି ବିପରୀତ ବିନ୍ଦୁରେ ଘୁରି ବୁଲୁଛି। କେତେବେଳେ କୁହାଯାଉଛି, ଜନସଂଖ୍ୟାର ହାର କମିବାରେ ଲାଗିଛି। ଧନୀ ଦେଶମାନଙ୍କର ଲୋକମାନେ ଆଜିକାଲି ବଡ ପରିବାର ଗଠନ କରିବାକୁ ଚାହାଁନ୍ତି ନାହିଁ ଅନେକ ଦେଶରେ ଏମିତି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯେ କାମ କରିବାକୁ ମଧ୍ୟ ଲୋକ ମିଳୁ ନାହାନ୍ତି। ଏହାରି ଭିତରେ ପ୍ରକାଶିତ ହୋଇଛଇ ଏଥରକର ରିପୋର୍ଟ। ବିଶ୍ୱର ଚଉଦଟି ଦେଶର ନାନା ବୟସର ଚଉଦ ହଜାରରୁ ଅଧିକ ଲୋକମାନଙ୍କୁ ନେଇ ଏକ ସମୀକ୍ଷା କରାଯାଇଥିଲା। ସେଥିରୁ ଜଣାଗଲା ଯେ ବହୁ ଲୋକ ନିଜ ଇଛା ମୁତାବକ ପରିବାର ଗଠନ କରିବାକୁ ଅକ୍ଷମ। ଗୋଟାଏ ଲକ୍ଷ୍ୟ କରିବାର କଥା, ଏଠାରେ କହିରଖେ। ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହେଉଛି ଭାରତ। କିନ୍ତୁ ଭାରତର ସବୁ ରାଜ୍ୟରେ ଏବେ ଜନ୍ମ ହାର କମିବାରେ ଲାଗିଛି। ମୋଟ ପ୍ରଜନନ ହାର ଯାହାକୁ ଇଂରାଜିରେ କୁହାଯାଏ ଟୋଟାଏ ଫର୍ଟିଲିଟି ରେଟ ତଳକୁ ଖସି ପ୍ରତିସ୍ଥାପନ ମାତ୍ରା ରିପ୍ଲେସମେଣ୍ଟ ଲେଭଲ ର ତଳେ ଯାଇ ପହଞ୍ଚିଛି। ଯାହାର ଅର୍ଥ ହେଲା, ଜନସଂଖ୍ୟାକୁ ସ୍ଥିତିଶୀଳ ରଖିବା ପାଇଁ ଯେତିକି ସନ୍ତାନ ଜନ୍ମ ହେବା ଦରକାର, ତାହାଠାରୁ କମ ହେଉଛନ୍ତି। ଓଡ଼ିଶା ସମେତ ଅନେକ ରାଜ୍ୟରେ ଏଭଳି ଅବସ୍ଥା ଦେଖା ଦେଇଛି। ପ୍ରଶାସନିକ ମହଲରେ ସାଧାରଣ ଭାବରେ ପରିବାର ପରିକଳ୍ପନାର ସଫଳତା ବୋଲି କୁହାଯାଉଛି। କିନ୍ତୁ ୟୁଏନଏଫପି ରିପୋର୍ଟଟି ଏବେ ବିବେକବାନ ଲୋକମାନଙ୍କୁ ଚିନ୍ତାରେ ପକାଇଦେଇଛି। ୟୁଏନଏଫପି ରିପୋର୍ଟରେ କୁହାଯାଇଛି, କେବଳ ଭାରତ ନୁହେଁ, ମେକସିକୋ, ବ୍ରାଜିଲ, ଥାଇଲାଣ୍ଡ, ଜର୍ମାନୀ, ମରକ୍କୋ, ଦକ୍ଷିଣ କୋରିଆ, ଆମେରିକା ଓ ନାଇଜେରିଆ ଭଳି ଦେଶର ଲୋକମାନେ ପରିବାର ଗଠନ ଦିଗରେ ଘୁବ ଚିନ୍ତାଶୀଳ। ନିଜର ଅନିଛା ସତ୍ୱେ ମଧ ଗର୍ଭବତୀ ହେବାର ଭୟ ଯେମିତି ରହିଛି। ଗୋଟିଏରୁ ଅଧିକ ସନ୍ତାନ ଯେପରି ନହେବ, ସେଥିପ୍ରତି ତାଗିଦା ମଧ୍ୟ ରହିଛି। ସମୀକ୍ଷାରୁ ଜଣାଯାଇଛି ଅର୍ଥନୈତିକ ଅନିଶ୍ଚିତତା, ଲିଙ୍ଗ ବୈଷମ୍ୟ, ଜୀବନ ସଙ୍ଗିନୀ ଏବଂ ସମାଜର ଅସହଯୋଗିତା, ନିମ୍ନମାନର ସ୍ୱାସ୍ଥ୍ୟସେବା, ଏସବୁ ନେଇ ପତିପତ୍ନୀଙ୍କ ମଧ୍ୟରେ ଗର୍ଭଧାରଣକୁ ନେଇ ମତପାର୍ଥକ୍ୟ ରହିଛି। ଆଧୁନିକ ପ୍ରଯୁକ୍ତିର ଉନ୍ନତି, ଶିକ୍ଷାର ପ୍ରସାର, ଅର୍ଥନୈତକ ଉନ୍ନୟନ ମଧ୍ୟରେ ନିଜର ପସନ୍ଦ ଅନୁଯାୟି ସନ୍ତାନ ଧାରଣ କରିବାକୁ ବାରଣ ରହିଛି।

ଏଇ ରିପୋର୍ଟରେ ଆହୁରି ମଧ କୁହାଯାଇଛି ତିନି ପ୍ରଜନ୍ମର କଥା। ଏହା ଏକ ପରିବର୍ତ୍ତନଶୀଳ ଧାରାବାହିକତାର ଆଖ୍ୟାନ। ୧୯୩୦ରେ ବିବାହ ଝିଅର ଇଛା ଅନୁସାରେ ହେଉନଥିଲା। ଚଉଦ ବର୍ଷ ହେଲେ ବାହାଘର କରିଦିଆଯାଉଥିଲା। ଘରର ମୁରବି ଯାହା ସହିତ ବାହା ଦେଉଥିଲେ, ତାହାକୁ ନିଜର ଭାଗ୍ୟ ବୋଲି ଝିଅଟି ଆଦରି ନେଉଥିଲା। ପଚିଶ ବର୍ଷ ହେଲା ବେଳକୁ ଝିଅର ପାଞ୍ଚଟା ପିଲା ହୋଇଯାଉଥିଲେ। ଏହା ପରେ ଝିଅର ବାହାଘର ବୟସ ଷୋହଳ ହେଲା। ସେଥବରେ ମଧ ଝିଅର ଇଛା ଅନିଛାକୁ ଗୁରୁତ୍ୱ ଦିଆଗଲା ନାହିଁ। ଭାରତରେ ବିହାର ବା ଉତର ପ୍ରଦେଶ ଭଳି ରାଜ୍ୟରେ ଏବେବି କେତେକ ସ୍ଥାନରେ ଏଭଳି ପଥା ରହିଛି। ଝିଅ କିଛି ଜାଣି ପାରେ ନାହିଁ। ପିଲାବେଳୁ ତା ବାପାମା ତାକୁ ବାହା କରିଦିଅନ୍ତି। ଗର୍ଭବତୀ ହେବାର ଅଧିକାର ମଧ ତା ପାଖରେ ନଥିଲା। ଘରର ମୁରବୀ ଯାହା କହୁଥିଲେ ତାହା ହେଉଥିଲା।

ପରବର୍ତ୍ତୀ ସମୟରେ କିଛିଟା ପରିବର୍ତ୍ତନ ହେଲା। ଷାଠିଏ ଦଶକ ବେଳକୁ ଝିଅମାନେ ପାଠଶାଠ ପଢ଼ିଲେ। କିଛି ପରିମାଣରେ ଜୀବନକୁ ବୁଝିଲେ। ଏରୁ ସେମାନେ ଷଛାଟ ପରିବାର ଗଠନର ଗୁରୁତ୍ୱକୁ ବୁଝିଲେ। ସେତେବେଳ କୁହାଗଲା, 'ଆମେ ଦୁଇ ଆମର ଦୁଇ'। ପିଲା ର ଶିକ୍ଷା, ସୁରକ୍ଷିତ ଭବିଷ୍ୟତ କଥା ଚିନ୍ତା କରି ଏଭଳି ନିଷ୍ପତି ପରିବାର ପକ୍ଷରୁ ନିଆଗଲା। ନିଜର ଇଛାମୁତାବକ ପରିବାର ଗଠନ କାହା ଉପରେ ନିର୍ଭର କରେ? ଦେଶର ଆର୍ଥିକ ଉନ୍ନୟନ ଉପରେ। ଯାହା ଏଇ ରିପୋର୍ଟରେ କୁହାଯାଇଛି। ତା ସହିତ ରହିଛି, ବେକାରି ଅନିଶ୍ଚିତତା ଜୀବିକା, ରହିବା ପାଇଁ ଘର। ଶିକ୍ଷା ଓ ସ୍ୱାସ୍ଥ୍ୟକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଏଣୁ ଗୋଟିଏ ପିଲା ହେବାର ପାଞ୍ଚ ସାତବର୍ଷ ପରେ ଆଉ ଗୋଟାଏ ପିଲା କଥା ଚିନ୍ତା କରୁଥିଲେ ଦଂପତି। ଏହାପରେ ଆସିଲା ସ୍ତ୍ରୀର ଗର୍ଭଧାରଣର ଅଧିକାର। କାରଣ ଏଇ ସମୟ ବେଳକୁ ଚାକିରି ବାକିରିରେ ମହିଳାମାନଙ୍କ ସଂଖ୍ୟା ଅଧିକ ହେଲାଣି। ଚାକିରି ସହିତ ଘର କାମ, ଉଭୟର ଦାଇତ୍ୱ, ସେମାନଙ୍କୁ ନେବାକୁ ପଡୁଥିବାରୁ, ସେମାନେ ନିଜ କଥା ଚିନ୍ତା କରୁଛନ୍ତି। ଗର୍ଭଧାରଣ ସ୍ତ୍ରୀମାନଙ୍କୁ ରୁଗ୍‌ଣ କରିଦିଏ। ଏଣୁ ନିଜ ସ୍ୱାସ୍ଥ୍ୟ କଥା ପ୍ରଥମେ ଚିନ୍ତା କରି ଗୋଟିଏ ପିଲାରେ ସେମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡୁଛି। ନିଜର ସ୍ୱାସ୍ଥ୍ୟ ନେଇ ଆଜିକାଲିର ମହିମାନେ ବେଶ ସଚେତନ।

ଏହିଠାରୁ ଜନ୍ମ ନିୟନ୍ତ୍ରଣ କଥା ଆରମ୍ଭ। ମା ହେବ କି ନହେବ ଏହା ତାର ଅଧିକାର। ଅର୍ଥନୈତିକ ସ୍ଥତିଶୀଳତା, ଲିଙ୍ଗ ସମତା, ଉପଯୁକ୍ତ ନୀତି, ନିଜ ଘରକୁ ନିଜ ପିଲାକୁ କିପରି ମଣିଷ କରିବାକୁ ହେବ, ସେ ଅଧିକାର ତାକୁ ଏ ସମାଜ ଦେଇଛି। ଏଣୁ ଛୋଟ ପରିବାର ଗଠନର ସ୍ୱପ୍ନ ସାର୍ଥକ ହୋଇଛି। ବର୍ତ୍ତମାନର ପରିସ୍ଥିତିକୁ ନେଇ ଗୋଟି ପିଲାକୁ ନେଇ ପରିବାର ଗଠନ କରିବାକୁ ସବୁ ଦଂପତି ଚାହାନ୍ତି। ଏହାହିଁ ଜନସଂଖ୍ୟା କମିବାର ମୂଳ କାରଣ।

ମୋବାଇଲ୍: ୯୪୩୯୬୫୨୩୨୨

# ଋଣ ଜାଲରେ ଫସୁଛନ୍ତି ମଧ୍ୟମ ବର୍ଗୀୟ ପରିବାର

ଗୋପାଳ ମହାପାତ୍ର

ନିକଟରେ ରିଜର୍ଭବ୍ୟାଙ୍କ ରେପୋ ହାରହ୍ରାସ କରିଛନ୍ତି। ରିଜର୍ଭ ବ୍ୟାଙ୍କଙ୍କ ଏହି ନିଷ୍ପତ୍ତି ପରେ ଘରୋଇ ଏବଂ ସରକାରୀ ବ୍ୟାଙ୍କମାନେ ଏପରିକି କ୍ରେଡିଟକାର୍ଡ ପ୍ରଦାନକାରୀ କମ୍ପାନୀ ମାନଙ୍କ ସମେତ ଅନ୍ୟ ବିତ୍ତିୟ ସଂସ୍ଥାନ ମାନେ ସେମାନଙ୍କ ଗ୍ରାହକ ମାନଙ୍କୁ ଦେଉଥିବା ଋଣ ଉପରେ ଲାଗୁ କରିଥିବା ସୁଧ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳତଃ ଋଣ ଗ୍ରହିତା ମାନେ ଏହାର ଫାଇଦା ଉଠାଇ ପାରିବେ ଏବଂ ଦେଶର ଅର୍ଥବ୍ୟବସ୍ଥା ଅଧିକ ଗତିଶୀଳ ହୋଇ ପାରିବ। ଭାରତରେ ଯେହେତୁ ଏବେ ମୁଦ୍ରାସ୍ଫିତି ହାରକୁ ନିୟନ୍ତ୍ରଣ କରାଯାଇ ପାରିଛି ଏଣୁ ଆଗାମୀ ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋଦରକୁ ଆହୁରି କମାଇବାର ଆଶଙ୍କା ମଧ୍ୟ ରହିଛି। ଆଶା କରାଯାଉଛି ଋଣ ଉପରେ ସୁଧହାର ହ୍ରାସ କାରଣରୁ ଯେଉଁମାନେ ପୁର୍ବରୁ କେବେ ବ୍ୟାଙ୍କରୁ ଋଣ ନେଇଥିବେ ସେମାନେ ଏବେ ଋଣ ନେବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣଦେବା ବେଳେ ଧ୍ୟାନ ରଖିବା ଆବଶ୍ୟକ ଯେ ଋଣ ଯାହାକୁ ଦିଆଯିବ ତାଙ୍କର ଋଣ ପରିଶୋଧ କରିବାର କ୍ଷମତା ଅଛି ନା ନାହିଁ? ଅର୍ଥାତ୍ ଋଣଗ୍ରହୀତାଙ୍କର ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ଏପରିକି ସୁଧ ପୈଠ ନିର୍ଦ୍ଧାରିତ ସମୟରେ ଋଣ ଗ୍ରହୀତା କରିବା ଆବଶ୍ୟକ। ଏ ସନ୍ଦର୍ଭରେ ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା କ୍ରେଡିଟ କାର୍ଡର ଉପଯୋଗ ପରେ ସମ୍ବନ୍ଧିତ ରାଷିକୁ ଧାର୍ଯ୍ୟ ସମୟରେ ପରିଶୋଧ କରିବା ଆବଶ୍ୟକ କାରଣ ଠିକ୍ ସମୟରେ ପରିଶୋଧ ନକଲେ ଋଣରାଷି ଉପରେ ଅଧିକ ମାତ୍ରାରେ ସୁଧ ଆଦାୟ କରାଯାଇଥାଏ। ଏହା ଋଣଗ୍ରହୀତାଙ୍କୁ ଋଣ ଜାଲରେ ଫସାଇ ଦେଇଥାଏ।

ବ୍ୟାଙ୍କ ମାନେ ଦେଉଥିବା ଋଣ ବାବଦର ମାସିକ କିସ୍ତି ଯଦି ଋଣଗ୍ରହୀତା ମାନେ ଠିକ୍ ସମୟରେ ପୈଠ ନ କରନ୍ତି ତେବେ ବ୍ୟାଙ୍କମାନେ ଋଣ ଗ୍ରହୀତାଙ୍କଠାରୁ ଦଣ୍ଡାତ୍ମକ ସୁଧ ମଧ୍ୟ ଅସୁଲ କରିଥାନ୍ତି। ଏହି ଭଳି ଅନେକ କ୍ରେଡିଟ କାର୍ଡ ଧାରୀ କ୍ରେଡିଟ କାର୍ଡ ଜରିଆରେ ଉପଯୋଗ କରୁଠିଥିବା ଅର୍ଥକୁ ଯଦି ଧାର୍ଯ୍ୟ ସମୟରେ ପରିଶୋଧ ନ କରନ୍ତି ତେବେ କ୍ରେଡିଟ କାର୍ଡ ଧାରକଙ୍କ ଠାରୁ ଋଣରାଷି ଉପରେ ଅଧିକା ସୁଧ ଆଦାୟ କରାଯାଇଥାଏ।




ଅନେକ ସମୟରେ ଏଭଳି ଋଣ ଉପରେ ୧୮ ପ୍ରତିଶତରୁ ୨୪ ପ୍ରତିଶତ ସୁଧ ଆଦାୟ ମଧ୍ୟ କରାଯାଇଥାଏ। କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ଅନେକ ବ୍ୟବହାରକାରୀ ମଧ୍ୟ ଆଦାୟ କରାଯାଉଥିବା ସୁଧହାର ଉପରେ ଅନଭିଜ୍ଞ ଥାଆନ୍ତି। ଏଣୁ ବ୍ୟାଙ୍କରୁ ନିଆଯାଉଥିବା ଋଣ ଏବଂ କ୍ରେଡିଟ କାର୍ଡ ମାଧ୍ୟମରେ ଉପଯୋଗ କରାଯାଉଥିବା ରାଷିର ଧାର୍ଯ୍ୟ ସମୟରେ ପୈଠ କରିବା ଦିଗର ଋଣଗ୍ରହୀତାମାନ ସତର୍କ ରହିବା ଜରୁରୀ। ମୋଟା ମୋଟି ଭାବେ ଋଣରାଷି ତଥା ସୁଧ ବାବଦକୁ ସଠିକ୍ ସମୟରେ ପରିଶୋଧ କରିବାର ଆବଶ୍ୟକତା ରହିଛି। ନହେଲେ ଋଣ ଗ୍ରହୀତାଙ୍କ କ୍ରେଡ଼ିଟ ରେଟିଙ୍ଗ୍ ଉପରେ ବିପରିତ ପ୍ରଭାବ ପଡ଼ିଥାଏ। ଏପରିକି ପରବର୍ତ୍ତୀ ସମୟରେ ତାଙ୍କୁ କୌଣସି ବିତ୍ତିୟ ସଂସ୍ଥାନ ଋଣ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିନଥାନ୍ତି।

ଋଣ ଗ୍ରହୀତା ଯଦି କୌଣସି ପ୍ରାମାଣିକ କାରଣ ବଶତଃ ନିଜର କିସ୍ତି ଏବଂ ସୁଧ ବ୍ୟାଙ୍କ ଅଥବା କ୍ରେଡିଟ କାର୍ଡ କମ୍ପାନୀଙ୍କୁ ଠିକ୍ ସମୟରେ ପ୍ରଦାନ କରିନପାରନ୍ତି ଏବଂ ତାଙ୍କ ଋଣ ଖାତା ଯଦି ଅନାଦେୟ ଋଣ ଖାତାରେ ପରିବର୍ତ୍ତିତ ହୋଇଯାଏ ତେବେ ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନ ଦ୍ୱାରା ଋଣ ଗ୍ରହୀତାଙ୍କୁ ଅଥବା ଅନେକ ସମୟରେ ବ୍ୟାଙ୍କ/ ବିତ୍ତିୟ ସଂସ୍ଥାନଙ୍କୁ ଋଣଗ୍ରହୀତାଙ୍କ ଦ୍ୱାରା ବୁଝାମଣା ପାଇଁ ପ୍ରସ୍ତାବ ଦିଆଯାଇଥାଏ। ଏଭଳି ପ୍ରାବଧାନ ମଧ୍ୟ ରହିଛି। ଏହି ବୁଝାମଣା ପ୍ରସ୍ତାବ ମାଧ୍ୟମରେ ମାସିକ କିସ୍ତି ଓ ସୁଧକୁ ପୁନଃ ନିର୍ଦ୍ଧାରଣ କରାଯାଏ। ପରନ୍ତୁ ଯଦି ଋଣଗ୍ରହୀତା ଋଣ ରାଷିକୁ ସୁଧ ସମେତ ପରିଶୋଧ କରିବାରେ ଅକ୍ଷମ ହୋଇଥାନ୍ତି ତେବେ ତାଙ୍କୁ କିଛି ରିହାତି ବା ଛାଡ କରାଯାଇ ବଳକା ଅର୍ଥକୁ ଏକକାଳୀନ ଅଥବା କିସ୍ତି ସୁତ୍ରରେ ପ୍ରଦାନ କରିବା ପାଇଁ ବୁଝାମଣା କରାଯାଇଥାଏ। କିନ୍ତୁ ଏଭଳି ହେଲେ ଋଣ ଗ୍ରହୀତା ପରବର୍ତ୍ତୀ ସମୟରେ କୌଣସି ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନରୁ ଋଣ ପାଇବା ପାଇଁ ଅକ୍ଷମ ହୋଇଥାନ୍ତି। ଏଣୁ ଋଣଗ୍ରହୀତାମାନେ ଏଭଳି ବୁଝାମଣା ପ୍ରସ୍ତାବରୁ ଦୁରେଇ ରହିବା ଉଚିତ୍। ସବୁଠାରୁ ଉତ୍ତମ ବିକଳ୍ପ ବା ରାସ୍ତା ହେଉଛି ଋଣ ବାବଦ କିସ୍ତିକୁ ଧାର୍ଯ୍ୟ ସମୟରେ ପୈଠ କରିବା।

ଭାରତରେ ଏବେ ଆର୍ଥୀକ ପ୍ରଗତି ଜୋର ଧରିଛି ବା ଗତିଶୀଳ ହେଉଛି। ଏହି କାରଣରୁ ଦେଶରେ ମଧ୍ୟମବର୍ଗଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି। ମଧ୍ୟମ ବର୍ଗର ଲୋକେ ୪ଚକିଆ ଯାନ, ସ୍କୁଟର ବା ବାଇକ୍, ଫ୍ରିଜ, ଟିଭି, ଓ୍ୱାସିଂମେସିନ ଏବଂ ଘର ଆଦି କିଣିବା ପାଇଁ ବ୍ୟାଙ୍କ ଅଥବା ଅନ୍ୟ ବିତ୍ତିୟ ସଂସ୍ଥାନ ମାନଙ୍କରୁ ଋଣ ଆଣୁଛନ୍ତି। ଅନେକ ସମୟରେ ମଧ୍ୟମବର୍ଗୀୟ ପରିବାର ଜଣେ ଅନ୍ୟ ଜଣକୁ ଦେଖି ଅନେକ ଜିନିଷ କିଣିବାର ପ୍ରୟାସ କରିଥାନ୍ତି। ଆବଶ୍ୟକତା ନଥିଲେ ମଧ୍ୟ ଜିନିଷ କିଣିବାର ଆଗ୍ରହ ସେମାନଙ୍କୁ ଋଣ ଜାଲରେ ଛନ୍ଦି ଦେଇଥାଏ। ଲୋକକଥା ଅଛି ଯେ "ଯେତିକିର ଲୋକ ସେତିକିରେ ରହିବା ଉଚିତ୍"। ଏଣୁ ଋଣ ନେବା ବେଳେ ଦେଖିବା ଆବଶ୍ୟକ ଯେ ଋଣ ବାବଦ କିସ୍ତି ପରିଶୋଧ କରି ହେବ କି ନାହିଁ? ଅନ୍ୟଥା ଋଣ ଗ୍ରହୀତାଙ୍କ କ୍ରେଡିଟରେଟିଙ୍ଗ୍ ଖରାପ ହେବା ସହ ତାଙ୍କୁ ଅନେକ ଅଶ୍ୱସ୍ତିକର ସମସ୍ୟାର ସାମନା କରିବାକୁ ପଡ଼ିବ।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ‘୩ ନମ୍ବର’ ସଙ୍କଟରେ ଭାରତ

## ନାୟରଙ୍କ ବିଫଳତା ପରେ ସୁଦର୍ଶନଙ୍କୁ ସୁଯୋଗ ଦାବି

ନୂଆଦିଲ୍ଲୀ, ୧୮।୭: ଇଂଲଣ୍ଡ ଗସ୍ତରେ ୩ ନମ୍ବର ସ୍ଥାନ ଭାରତ ପାଇଁ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ପ୍ରଥମେ ସାଇ ସୁଦର୍ଶନ ଏବଂ ପରେ କରୁଣ ନାୟରଙ୍କ କ୍ରମାଗତ ବିଫଳତା ଦଳକୁ ଅଡ଼ୁଆରେ ପକାଉଛି। ଏପରିକି ଏହାକୁ ଲର୍ଡସ୍ ଟେଷ୍ଟକୁ ଭାରତ ଅଳ୍ପକେ ହାରିବାର ଅନ୍ୟତମ କାରଣ ଭାବେ ମଧ ବିବେଚନା କରାଯାଉଛି। ଚଳିତ ଜୁଲାଇ ୨୩ରୁ ମାଞ୍ଚେଷ୍ଟର୍‌ରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ୍ ପୂର୍ବରୁ ଏହି ୩ ନମ୍ବର ସ୍ଥାନ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ମହତ୍ତ୍ୱପୂର୍ଣ୍ଣ ମୁକାବିଲାରେ କରୁଣଙ୍କୁ ବାଦ୍ ଦେଇ ସୁଦର୍ଶନଙ୍କୁ ପୁନର୍ବାର ସୁଯୋଗ ଦେବାର ଦାବି ଜୋର ଧରିଛି। ତେବେ ଏହା ସ୍ଥିର ନିଶ୍ଚିତ ଯେ ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ନାୟରଙ୍କ ପାଇଁ ସମୟ ସରି ସରି ଆସୁଛି। ମାଞ୍ଚେଷ୍ଟର୍‌ରେ ସେ ଖେଳିବେ କି ନାହିଁ ଦଳ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତେବେ ଯଦି ସେଠାରେ ତାଙ୍କୁ ଚୂଡ଼ାନ୍ତ ଭାରତୀୟ ଦଳରେ ସୁଯୋଗ ମିଳେ ଏବଂ ପୁଣି ଥରେ ସେ ନିରାଶ କରନ୍ତି, ତାହେଲେ ତାଙ୍କ କ୍ୟାରିୟର୍ ସେହିଠାରେ ହିଁ ଶେଷ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି।

ଚେତେଶ୍ୱର ପୂଜାରା ଦଳରୁ ସ୍ଥାୟୀ ଭାବେ ବାଦ୍ ପଡ଼ିବା ପରେ ଭାରତୀୟ ବ୍ୟାଟିଂକ୍ରମର ୩ ନମ୍ବର ସ୍ଥାନକୁ ନେଇ ପରୀକ୍ଷାନିରୀକ୍ଷା ଜାରି ରହିଛି। ବିରାଟ କୋହଲିଙ୍କ ଅବସର ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଛି। ୨୦୨୩ ମସିହା ପରଠାରୁ ଟିମ୍ ଇଣ୍ଡିଆ ଖେଳିଥିବା ଅଧିକାଂଶ ମ୍ୟାଚ୍‌ରେ ଏହି ସ୍ଥାନରେ ବ୍ୟାଟିଂ କରି ଆସୁଥିବା ଶୁବମନ୍ ଗିଲ୍ ଚତୁର୍ଥ ସ୍ଥାନକୁ ଖସିବା ପରେ ଦ୍ୱନ୍ଦ୍ୱ ଓ ସଂଶୟ ବଢ଼ିଛି। ଜୁଲାଇ ୨୦୨୩ରୁ ଜୁଲାଇ ୨୦୨୫ ମଧ୍ୟରେ ଭାରତ ୩ ନମ୍ବର ସ୍ଥାନରେ ଗିଲ୍, କୋହଲି, ଦେବଦତ୍ତ ପଡ଼ିକଲ, କେଏଲ୍ ରାହୁଲ, ସାଇ ସୁଦର୍ଶନ ଓ କରୁଣ ନାୟରଙ୍କୁ ୩ ନମ୍ବର ସ୍ଥାନରେ ଖେଳାଇ ସାରିଛି। ଏହି ସମୟ ମଧ୍ୟରେ ୩ ନମ୍ବର ସ୍ଥାନରୁ ଭାରତ ମାତ୍ର ତିନିଟି ଶତକ ପାଇଥିଲା ବେଳେ ତିନିଟି ଯାକ ଗିଲ୍ ହିଁ ହାସଲ କରିଛନ୍ତି। ଏସବୁ ଶତକ ସେ ଘରୋଇ ପରିବେଶରେ ହିଁ ଅର୍ଜନ କରିଛନ୍ତି। ୩ ନମ୍ବର ସ୍ଥାନରେ ଗିଲ୍ ମୋଟ୍ ଉପରେ ୩୦ ପାଳି ଖେଳି ୩୭.୭୪ ହାରରେ ୧୦୧୯ ରନ୍ କରିଛନ୍ତି। ଗିଲ୍‌ଙ୍କ ଅସୁସ୍ଥତା ପାଇଁ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ବେଙ୍ଗାଲୁରୁଠାରେ କୋହଲି ୩ ନମ୍ବର ସ୍ଥାନରେ ଖେଳି ଯଥାକ୍ରମେ ୦ ଓ ୭୦ ରନ୍ କରିଥିଲେ। ପୂଜାରାଙ୍କ ବିଦାୟ ପରେ ଗତ ଦୁଇବର୍ଷ ମଧ୍ୟରେ ଭାରତ ଖେଳିଥିବା ୨୨ ଟେଷ୍ଟରୁ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଖେଳାଳିମାନେ ମିଳିତ ଭାବେ ୩୨.୪୨ ହାରରେ ମାତ୍ର ୧୨୩୨ ରନ୍ କରିଛନ୍ତି।

### ଆକାଶ ଦୀପ ଆହତ



ମାଞ୍ଚେଷ୍ଟର୍ ଟେଷ୍ଟ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ଚିନ୍ତା ବଢ଼ିବଢ଼ି ଚାଲିଛି। ୱିକେଟ୍‌ରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତଙ୍କ ଫିଟ୍‌ନେସ୍ ନେଇ ଆଶଙ୍କା ଲାଗି ରହିଥିବା ବେଳେ ଯୁବ ଦ୍ରୁତ ବୋଲର ଆକାଶ ଦୀପ ଆହତ ଥିବା ଜଣାପଡ଼ିଛି। ଗୁରୁବାର ଓଲ୍ଡଟ୍ରାଫୋର୍ଡରେ ଅଭ୍ୟାସ କରୁଥିଲା ବେଳେ ଏଥିଲାଗି ସେ ନିଜ ହାତରେ ମୋଟା ବ୍ୟାଣ୍ଡେଜ୍ ଗୁଡ଼େଇଥିବା ଦେଖିବାକୁ ମିଳିଥିଲା। ଶୃଙ୍ଖଳାରେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିବା ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଢେର୍ ସମୟ ଅଭ୍ୟାସ କରିଥିଲେ। ଆକାଶ ଦୀପ ବୋଲିଂ ପରିବର୍ତ୍ତେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲେ ମଧ ତାଙ୍କୁ ଅଭ୍ୟାସ କରୁଥିବାର ଦେଖିବାକୁ ମିଳି ନଥିଲା।

### ମାଞ୍ଚେଷ୍ଟର୍‌ରେ ୱିକେଟ୍ ରକ୍ଷଣ କରି ନପାରନ୍ତି ପନ୍ତ

ଲର୍ଡସ ଟେଷ୍ଟ୍ ଅବସରରେ ଭାରତୀୟ ୱିକେଟ୍‌ରକ୍ଷକ ଋଷଭ ପନ୍ତ ଆହତ ହୋଇଥିଲେ। ତାଙ୍କ ଅଙ୍ଗୁଳିରେ ଜୋରଦାର ଆଘାତ ଲାଗିଥିଲା। ଏହି କାରଣରୁ ତାଙ୍କ ବଦଳରେ ଧ୍ରୁବ ଜୁରେଲ ମ୍ୟାଚ୍‌ର ଇଂଲଣ୍ଡ ପାଳିର ଅଧିକାଂଶ ଓଭରରେ ୱିକେଟ୍ ରକ୍ଷଣ କରିଥିଲେ। ଭୀଷଣ ଯନ୍ତ୍ରଣା ଭିତରେ ପନ୍ତ କିନ୍ତୁ ବ୍ୟାଟିଂ କରି ପ୍ରଥମ ପାଳିରେ ୭୪ ଏବଂ ଦ୍ୱିତୀୟରେ ମାତ୍ର ୯ ରନ୍ କରିଥିଲେ। ଏଥିରୁ ଦ୍ରୁତ ଗତିରେ ଆରୋଗ୍ୟ ଲାଭ କରୁଥିଲେ ବି ମାଞ୍ଚେଷ୍ଟରର ଓଲ୍ଡଟ୍ରାଫୋର୍ଡଠାରେ ଆସନ୍ତା ୨୩ ତାରିଖରୁ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୱିକେଟ୍ ରକ୍ଷଣ କରି ନପାରନ୍ତି। ଏଭଳି ଆଶଙ୍କା ଜାହିର କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ରିୟାନ ଟେନ୍ ଡସେଟ୍। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ମ୍ୟାଚ୍‌ର ଠିକ୍ ପୂର୍ବରୁ ନିଆଯିବ ବୋଲି ସ୍ପଷ୍ଟ କରି ଦେଇଛନ୍ତି ସେ। ମ୍ୟାଚ୍ ପୂର୍ବରୁ ପନ୍ତ ବ୍ୟାଟିଂ କରିବେ। ଯଦି କୌଣସି ଅସୁବିଧା ନହୁଏ, ସେ ମାଞ୍ଚେଷ୍ଟର୍ ଟେଷ୍ଟ୍ ଖେଳିବେ। ତେବେ ଏହି ମ୍ୟାଚ୍‌ରେ ପନ୍ତ ୱିକେଟ୍ ରକ୍ଷଣ କରିବାର ସମ୍ଭାବନା କମ୍ ବୋଲି କହିଛନ୍ତି ଡସେଟ୍।

## ବି.ସି. ରାୟ ଟ୍ରଫି ପାଇଁ ୨୧ଜଣିଆ ଓଡ଼ିଶା ଦଳ



କଟକ, ୧୮।୭ (ସଂଚାର ବ୍ୟୁରୋ): ଜାତୀୟ କନିଷ୍ଠ ବାଳକ ଫୁଟ୍‌ବଲ ପ୍ରତିଯୋଗିତା ‘ଡକ୍ଟର ବିସି ରାୟ ଟ୍ରଫି’ ଜୁଲାଇ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଅମୃତସରଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ସେଠାକୁ ଗସ୍ତ କରିଛି। ଶେଖ୍ ମଞ୍ଜୁର (ମୁଖ୍ୟପ୍ରଶିକ୍ଷକ), ଧନେଶ୍ୱର ତିର୍କି (ସହକାରୀ ପ୍ରଶିକ୍ଷକ), ଚିତ୍ତରଞ୍ଜନ ବେହେରା (ପ୍ରବନ୍ଧକ), ସରୋଜ କୁମାର ଦାସ (ଫିଜିଓ) ରହିଛନ୍ତି। ୨୦ ତାରିଖରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ କର୍ଣ୍ଣାଟକକୁ ଭେଟିବ। ‘ଫାଓ’ ସଭାପତି ଟଙ୍କଧର ତ୍ରିପାଠୀ, ସଂପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।

**ଓଡ଼ିଶା ଦଳ:** ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍‌କା(ଗୋଲ୍‌କିପର), ବିଷ୍ଣୁପ୍ରସାଦ ସାହୁ, କିରଣ ମୁଣ୍ଡା, ଶିବ ମୁଣ୍ଡା, ଆୟୁଷ ଅଶ୍ରୁଜିତ, ଶଙ୍କର ଭୁ, ଜିଙ୍କା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସଦା, ଅନିକେତ ଖଡ଼ିଆ, ସ୍ୱାଗତମ ସାହୁ, ସତ୍ୟ ନାୟକ, ଏମ୍. ରାଜକୁମାର ରାଓ, ସମୀର ଟପୋ, ଅମନ୍ ଲାକ୍ରା, ପିଣ୍ଟୁ ନାଗ, ବିକି ମାଝି, ଇଶାନ୍ତ କୁଜୁର, ପ୍ରସନ୍ନଜିତ ବଡ଼ା, ବିଜୟ ମୁର୍ମୁ, ମହମ୍ମଦ ଫର୍‌ହାନ୍ ଇଶାନ୍।

### ମହିଳା ଦିନିକିଆ

## ଇଂଲଣ୍ଡକୁ ହରାଇଲା ଭାରତ

ସାଉଥହାମ୍ପଟନ୍, ୧୮।୭: ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତି ନେଇଛି। ଫଳରେ ଏହି ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଛି। ୨୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ୨୭.୧ ଓଭରରେ ୧୨୪ ରନ୍‌ରେ ଓପନର୍ ପ୍ରତୀକା ରାୱଲ (୩୬) ଓ ସ୍ମୃତି ମନ୍ଧାନା (୨୮)ଙ୍କ ସହ ହର୍ଲିନ ଦେଓଲ (୨୭) ଓ ଅଧିନାୟିକା ହର୍ମନପ୍ରୀତ କୌର (୧୭)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଦୀପ୍ତି ଶର୍ମା ଓ ଜେମିମା ରଡ୍ରିଗ୍‌ସ (୪୮) ଷଷ୍ଠ ୱିକେଟ୍‌ରେ ୯୦ ରନ୍ ଯୋଡ଼ି ସ୍ଥିତି ସମ୍ଭାଳିଥିଲେ। ଶେଷରେ ଦୀପ୍ତି (୬୨*, ୬୪ ବଲ୍, ୩ ଚୌକା, ୧ ଛକା) ଓ ଅମନଜୋତ କୌର (୨୦*, ୧୪ ବଲ୍, ୩ ଚୌକା) ଅପରାଜିତ ରହି ଦଳକୁ ୧୦ ବଲ୍ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ସୋଫିଆ ଡଙ୍କଲି (୮୩) ଓ ଆଲିସ୍ ଡେଭିଡସନ୍ -ରିଚାର୍ଡ୍ସ (୫୩)ଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୨୫୮/୬ କରିଥିଲା। ଦୀପ୍ତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଶନିବାର ଖେଳାଯିବ।

## ମହିଳା ଫୁଟ୍‌ବଲ୍‌ରେ ପ୍ରଥମ ୧ ନିୟୁତ ପାଉଣ୍ଡ ଚୁକ୍ତି


ପ୍ୟାରିସ୍, ୧୮।୭: ମହିଳା ଫୁଟ୍‌ବଲ୍ ଖେଳାଳି କିଣାବିକାରେ ନୂଆ କୀର୍ତ୍ତିମାନ ସ୍ଥାପିତ ହୋଇଛି। ଖେଳାଳି ବଦଳ ପ୍ରକ୍ରିୟାରେ ସାମିଲ ହୋଇ ୟୁରୋପୀୟ ବିଜେତା ଆର୍ସେନାଲ ପ୍ରତିଦ୍ୱନ୍ଦ୍ୱୀ ଲିଭରପୁଲ୍‌ଠାରୁ ରେକର୍ଡ ୧.୪ ନିୟୁତ ପାଉଣ୍ଡ ବା ପାଖାପାଖି ୧୫ କୋଟି ଟଙ୍କାରେ କାନାଡିଆନ୍ ଫରୱାର୍ଡ ଓଲିଭା ସ୍ମିଥ୍‌ଙ୍କୁ କିଣିଛି। ମହିଳା ଫୁଟ୍‌ବଲ୍‌ରେ କୌଣସି ଖେଳାଳି ଏତେ ଟଙ୍କାରେ ବିକ୍ରି ହେବାର ଏହା ପ୍ରଥମ ଘଟଣା। ୧ ନିୟୁତ ପାଉଣ୍ଡ୍‌ରୁ ଅଧିକ ଟଙ୍କାର ଚୁକ୍ତି ହାସଲ କରିବାରେ ୨୦ ବର୍ଷୀୟା ସ୍ମିଥ୍ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ସେ ଆମେରିକୀୟ ରକ୍ଷଣଭାଗ ଖେଳାଳି ନାଓମି ଗିର୍ମାଙ୍କ ରେକର୍ଡ ଭାଙ୍ଗିଛନ୍ତି। ନାଓମି ପୂର୍ବରୁ ଚେଲସିଆରୁ ସାନ୍ ଡିଏଗୋ କ୍ଲବ୍‌କୁ ସର୍ବାଧିକ ୯ ଲକ୍ଷ ପାଉଣ୍ଡ୍ ବା ୧୦ କୋଟି ୩୮ ଲକ୍ଷ ଟଙ୍କାରେ ଯାଇଥିଲେ।

## ୨୦୩୬ ଅଲିମ୍ପିକ୍ସରେ ଭାରତକୁ ଶୀର୍ଷ ୧୦ରେ ରଖିବା ଲକ୍ଷ୍ୟ: ମନସୁଖ

ନୂଆଦିଲ୍ଲୀ, ୧୮।୭: ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ଖସଡ଼ା ପ୍ରସ୍ତୁତ କରୁଛି ଏବଂ ଦାବି ଉପସ୍ଥାପନ କରିଛି। ଏବେ ଭାରତ କିଭଳି ସେହି ସଂସ୍କରଣରେ ପଦକ ତାଲିକାରେ ଶୀର୍ଷ ୧୦ ଭିତରେ ରହିବ ସେଥି ପାଇଁ ଯୋଜନା କରୁଛି। ଗୁରୁବାର ନୂଆଦିଲ୍ଲୀରେ ଅନୁଷ୍ଠିତ ‘ଖେଲୋ ଭାରତ କନ୍‌କ୍ଲେଭ୍’ ଅବସରରେ ଏଭଳି ଆଶା କରିଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟା। ୨୦୪୭ ମସିହା ସୁଦ୍ଧା ଭାରତକୁ କିଭଳି ବିଶ୍ୱର ଅନ୍ୟତମ କ୍ରୀଡ଼ା ଶକ୍ତି ଭାବେ ଉଭା କରାଯିବ ସେଥିପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି ବୋଲି କୁହାଯାଇଛି। ଏହି କନ୍‌କ୍ଲେଭ୍‌ରେ ଜାତୀୟ କ୍ରୀଡ଼ା ମହାସଂଘ, ପାରାଲିମ୍ପିକ୍ସ ଅଫ୍ ଇଣ୍ଡିଆ, ଭାରତୀୟ ଅଲିମ୍ପିକ୍ସ ସଂଘ, ପ୍ରମୁଖ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ ସଂସ୍ଥା ଓ ଭାରତୀୟ କ୍ରୀଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବାହାହେବେ ୪୫ ବର୍ଷୀୟା ଭେନସ୍





ନ୍ୟୁୟର୍କ, ୧୮।୭: ୪୫ ବର୍ଷ ବୟସରେ ହାତକୁ ଦି ହାତ ହେବାକୁ ଯାଉଛନ୍ତି ଆମେରିକାର ଚର୍ଚ୍ଚିତ ଟେନିସ୍ ତାରକା ତଥା ୭ଟି ଗ୍ରାଣ୍ଡସ୍ଲାମ୍ ବିଜୟିନୀ ଭେନସ୍ ୱିଲିୟମ୍ସ। ସାଇ ଭଉଣୀ ସେରେନାଙ୍କ ସହ ମିଶି ମହିଳା ଯୁଗଳରେ ଏକଦା ଆଧିପତ୍ୟ ବିସ୍ତାର କରିଥିବା ଭେନସ୍ ଖୁବଶୀଘ୍ର ଅଭିନେତା ଓ ପ୍ରଯୋଜକ ଆଣ୍ଡ୍ରିଆ ପ୍ରୀତଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଆମେରିକୀୟ ଗଣମାଧମରେ ଚର୍ଚ୍ଚା ହେଉଛି। ତେବେ ଭେନସ୍ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ନିରବତା ଅବଲମ୍ବନ କରିବା ସହ ଏପର୍ଯ୍ୟନ୍ତ ମୁହଁ ଖୋଲି ନାହାନ୍ତି। ସୂଚନା ଅନୁସାରେ ଉଭୟ କିନ୍ତୁ ଆଗାମୀ ସେପ୍ଟେମ୍ବରରେ ବିବାହବନ୍ଧନରେ ଆବଦ୍ଧ ହେବେ। ଏହି ତାରକା ଯୋଡ଼ିଙ୍କ ପ୍ରେମ କାହାଣୀ ଗତବର୍ଷ ଗ୍ରୀଷ୍ମ ଋତୁରେ ଆରମ୍ଭ ହୋଇଥିଲା। ଉଭୟଙ୍କୁ ସେତେବେଳେ ଏକ ବିଳାସପୂର୍ଣ୍ଣ ପାଣି ଜାହାଜରେ ସମୟ କଟାଉଥିବା ଦେଖିବାକୁ ମିଳିଥିଲା। ଏହା ପରେ ଇଟାଲିର ରୋମ୍‌ଠାରେ ଅଭ୍ୟାସ କରୁଥିଲା ବେଳେ ଭେନସ୍ ଏକ ଆକର୍ଷଣୀୟ ନିର୍ବନ୍ଧ ମୁଦି ପିନ୍ଧିଥିବା ଦେଖିବାକୁ ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେବି...

ପଠାଇଥିଲେ। ସେତେବେଳକୁ ସମ୍ପୃକ୍ତ ଅଧ୍ୟାପକ ଜଣଙ୍କ ଘଟଣା ସଂକ୍ରାନ୍ତରେ ସୁରାକ ପାଇ ଧରାଛୁଆଁ ଦେଇନଥିଲେ। ହେଲେ ମାମଲା ଅନ୍ୟ ଦିଗକୁ ଯାଇଥିବା ଦେଖି ଶେଷରେ ଅଧ୍ୟକ୍ଷାଙ୍କ ନିକଟକୁ ଆସିଥିଲେ। ଅଧ୍ୟକ୍ଷାଙ୍କ କୋଠରୀରେ ଇଗ୍ନୋ ପରୀକ୍ଷା ଦାୟିତ୍ୱରେ ଥିବା ଅନ୍ୟ ଅଧ୍ୟାପକମାନଙ୍କୁ ଡକାଯାଇଥିଲା। ସେଠାରେ ସମସ୍ତ ଅଧ୍ୟାପକଙ୍କର ଟିଆଇ ପରେଡ ଭଳି ସ୍ଥିତି ହୋଇଥିଲା। ଅଭିଯୋଗକାରିଣୀ ଛାତ୍ରୀ ଆରୋପି ଅଧ୍ୟାପକଙ୍କୁ ସେଠାରେ ଚିହ୍ନଟ କରିଥିଲେ। ଏହାପରେ ଅଧ୍ୟକ୍ଷା ସେଠାରେ ସମସ୍ତଙ୍କ ସାମ୍ନାରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ମନଇଚ୍ଛା ଗାଳି କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।

ମାମଲା ସମ୍ବେଦନଶୀଳ ଥିବାବେଳେ ତତ୍କାଳୀନ ଅଧ୍ୟକ୍ଷାଙ୍କର ଅବସର ସମୟ ପାଖେଇ ଆସୁଥିଲା। ତେଣୁ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସମୟ ଗଡାଇ ଚାଲିଥିଲେ। ଶେଷରେ ଅଧ୍ୟକ୍ଷା ଜଣଙ୍କ ଅବସର ନେଇଗଲେ। ଏହାରି ଭିତରେ ଉଚ୍ଚଶିକ୍ଷା ବିଭାଗ ଘଟଣାର ତଦନ୍ତ ପାଇଁ ବିଜେପି କଲେଜ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏଥିପାଇଁ ଗୋଟିଏ କମିଟି ଗଠନ ହୋଇଥିଲା। କମିଟିରେ ବର୍ତ୍ତମାନର ଅଧ୍ୟକ୍ଷା ସଦସ୍ୟ ଥିଲେ। ହେଲେ କୌଣସି କାରଣରୁ କଲେଜ କର୍ତ୍ତୃପକ୍ଷ ସମୟ ଗଡାଇବାକୁ ଲାଗିଲେ। ଉଚ୍ଚଶିକ୍ଷା ବିଭାଗ କ୍ଷୁବ୍ଧହୋଇ ତାଗିଦା କରିବାରୁ ଅଧ୍ୟକ୍ଷା ତଦନ୍ତ ରିପୋର୍ଟ ଦେଇଥିଲେ। ଅତ୍ୟନ୍ତ ଗୁପ୍ତ ଭାବେ ବିଭାଗକୁ ରିପୋର୍ଟ ଦିଆଯାଇଥିଲା। ଏହାପରେ ଆରୋପୀ ଅଧ୍ୟାପକ ପାଣ୍ଡବ ପ୍ରଧାନଙ୍କର ଉଚ୍ଚଶିକ୍ଷା ବିଭାଗକୁ ବଦଳି ହୋଇଥିଲା।

ବର୍ତ୍ତମାନ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ରସିକିଆ ଅଧ୍ୟାପକମାନଙ୍କ ଗୁମର ଫିଟିବାରେ ଲାଗିଛି। ଅଧିକାଂଶ ସ୍ଥାନରେ କଲେଜ କର୍ତ୍ତୃପକ୍ଷଙ୍କ କୋହଳ ମନୋଭାବ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ଏହି ତାଲିକାରେ ବିଜେବି କଲେଜ ବି ରହିଛି। ତେବେ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିବା ଜଣେ ଅଧ୍ୟାପକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଇଥିବା ଓ ତଦନ୍ତ ରିପୋର୍ଟ ଦେବାକୁ ସରକାରଙ୍କଠାରୁ ବାରମ୍ବାର ତାଗିଦା ପାଇଥିବା ବିଜେବି କଲେଜ ଅଧ୍ୟକ୍ଷା ଏବେ ବାଲେଶ୍ୱର ଘଟଣାର ତଦନ୍ତ ପାଇଁ ଗଢ଼ାହୋଇଥିବା ୩ ଜଣିଆ କମିଟିରେ ଅନ୍ୟତମ ସଦସ୍ୟ ଭାବେ ରହିଛନ୍ତି। ତେଣୁ ବାଲେଶ୍ୱର ଘଟଣାର ତଦନ୍ତ ସହ ନିଜ କଲେଜରେ ଚପିଯାଇଥିବା ଛାତ୍ରୀ ଅସଦାଚରଣ ମାମଲା ଉପରୁ ପରଦା ଉଠାଇବା ପାଇଁ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

### କଲେଜରେ...

ଯେ ଏହି ଟିମ୍‌ରେ ଅନ୍ୟତମ ସଦସ୍ୟା ଭାବେ ଡକ୍ଟର ନିରଜା ଗୁପ୍ତା ଓ ୟୁଜିସିର ଯୁଗ୍ମ ସଚିବ ଡକ୍ଟର ଅସୀମା ମଙ୍ଗଲା ମଧ୍ୟ ଅଛନ୍ତି। ଏହି ଟିମ୍‌ର ଏହି ସଦସ୍ୟମାନେ ଆଜି ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀଙ୍କୁ ମଧ୍ୟ ପଚରାଉଚରା କରିଥିବା ବେଳେ ଆସନ୍ତାକାଲି ବି ଆହୁରି ଜେରା କରାଯିବ ବୋଲି ସୂଚନା ମିଳିଛି। ସେହିପରି କଲେଜରେ ୟୁଜିସି ଆଇନ ସଠିକ୍ ଭାବେ ଲାଗୁ ହେଉଛି କି ନାହିଁ, ତା’ର ମଧ୍ୟ ତର୍ଜମା କରିଥିବା ଜଣାପଡ଼ିଛି।

ସେହିପରି ଆଜି ପୁଣିଥରେ ତଦନ୍ତ ପାଇଁ ମହାବିଦ୍ୟାଳୟରେ ପହଞ୍ଚିଥିଲା କ୍ରାଇମ୍‌ବ୍ରାଞ୍ଚର ୫ଜଣିଆ ଟିମ୍। କ୍ରାଇମ୍‌ବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଆଇଜି ଏସ୍. ସାଇନିଙ୍କ ତତ୍ତ୍ୱାବଧାନରେ ଟିମ୍ ଲିଡର ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲି ରାଉତ ଓ ଅନ୍ୟ ଜଣେ କନଷ୍ଟେବଲ, ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ସଂକ୍ରାନ୍ତରେ ତଥ୍ୟ ହାସଲ ନିମନ୍ତେ ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କ ସହ ବାଲେଶ୍ୱର କ୍ରାଇମ ବ୍ରାଞ୍ଚ୍ ଡିଏସ୍‌ପି ତପସ୍ୱିନୀ କହଁର ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପାଢ଼ୀଙ୍କ ସହ ପ୍ରଥମେ ଆଲୋଚନା କରି ଆଇସିସିର ସଦସ୍ୟମାନଙ୍କୁ ଜଣ ଜଣ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗତ ୧୩ ଓ ୧୪ ତାରିଖରେ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ନାୟକ ୩ ଘଣ୍ଟା ଲେଖାଏଁ ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରିଥିଲେ। ଏହାଛଡ଼ା ଆଜି କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ସମ୍ପୃକ୍ତା ଛାତ୍ରୀଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରିଥିବା ଜଣାପଡ଼ିଛି। ସେହିପରି ପୀଡ଼ିତା ପେଟ୍ରୋଲ୍ ଢାଳି ଆତ୍ମହତ୍ୟା କରିଥିବା ବେଳେ ଏହି ପେଟ୍ରୋଲ୍ କେଉଁଠି ଆସିଲା, ତାହାକୁ ନେଇ ଦିନକୁ ଦିନ ସସ୍‌ପେନ୍ସ ବଢୁଥିବା ବେଳେ ଏହା ଜାଣିବା ସକାଶେ କ୍ରାଇମ୍ ବ୍ରାଞ୍ଚ୍ କଲେଜ ନିକଟରେ ଥିବା ପେଟ୍ରୋଲ୍ ପମ୍ପ୍‌ରେ ପହଞ୍ଚି ସିସିଟିଭି ଫୁଟେଜ୍ ହାସଲ କରିଥିବା ସମ୍ପୃକ୍ତ ପମ୍ପ୍ ମାଲିକ ସୂଚନା ଦେଇଛନ୍ତି।

ଏହାଛଡ଼ା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗଠିତ କାଳିପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱାଧୀନ ୩ଜଣିଆ କମିଟି ମଧ୍ୟ କଲେଜରେ ପହଞ୍ଚି ଆଇସିସି ସଦସ୍ୟମାନଙ୍କୁ ପଚରାଉଚରା କରିଥିବା ପ୍ରଫେସର ପାଢ଼ୀ ସୂଚନା ଦେଇଛନ୍ତି। ଏହାଛଡ଼ା ସେମାନେ ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ବିଷୟରେ ତାଙ୍କର ସାଙ୍ଗସାଥୀମାନଙ୍କୁ ମଧ୍ୟ ପଚରାଉଚରା କରି ତଥ୍ୟ ହାସଲ କରିଛନ୍ତି। ତେବେ ପଚରାଉଚରା ଯୋଗୁଁ ମହାବିଦ୍ୟାଳୟରେ ପାଠପଢ଼ାରେ କୌଣସି ପ୍ରକାର ବ୍ୟାଘାତ ହୋଇନଥିବା ପ୍ରଫେସର ପାଢ଼ୀ ସ୍ପଷ୍ଟ କରିଛନ୍ତି।

### କ୍ୟାମ୍ପସ୍‌ରେ...

ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶାନୁସାରେ, ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ ଓ ପୋଶ୍ ଆଇନ, ୨୦୧୩ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

### ବିଜେଡିକୁ...

ଭବିଷ୍ୟତ। ବିଜେଡି ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ନବୀନ ନିବାସ ଚତୁର୍ଥ ଆସନରେ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ନବୀନ ନିବାସର ଏହି ନିଷ୍ପତ୍ତିରେ କିନ୍ତୁ ବିଜେଡିର କିଛି ନେତା ଏକମତ ନୁହଁନ୍ତି। ଏପରିକି ଏହି ନିଷ୍ପତ୍ତିକୁ ନେଇ ଦଳ ମଧ୍ୟରେ ବିଦ୍ରୋହ ସୃଷ୍ଟି ହେଲାଣି। ଆଜି ଅପରାହ୍ନରେ ଏସମ୍ପର୍କରେ ଦଳର କିଛି ମଙ୍ଗୁଆଲ ନେତା ଏକାଠି ହୋଇଥିଲେ। ଯେଉଁଠି ନବୀନ ନିବାସର ନିଷ୍ପତ୍ତିକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। କିଛି ବରିଷ୍ଠ ନେତା ସିଧାସଳଖ ଶୁଣାଇଥିଲେ ଯେ, ଯଦି ରାଜ୍ୟସଭା ନିର୍ବାଚନରେ ବିଜେପିକୁ ସମର୍ଥନ ଦେବାକୁ ପଡିବ ତେବେ ସେମାନେ ବିଜେଡିରୁ ଇସ୍ତଫା ଦେଇ ବାଧ୍ୟ ହେବେ ବିଜେପିରେ ମିଶିଯିବାକୁ। କିଛି ବରିଷ୍ଠ ଓ ଯୁବ ନେତାଙ୍କ ଏଭଳି ଧମକ ମଙ୍ଗୁଆଳଙ୍କ ଚିନ୍ତା ବଢାଇଦେଇଛି।

ରାଜ୍ୟସଭା ସମୀକରଣ ପୂର୍ବରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମରେ ବି ବିଜେଡିର ଫାଟ ଜଳଜଳ ହୋଇ ଦିଶୁଥିଲା। ଲୋକସେବା ଭବନ ଘେରାଉରେ ବେଳେ କିଛି ହାତଗଣତି ନେତାଙ୍କୁ ନେଇ ସବୁ କିଛି ଯୋଜନା ହୋଇଥିଲା। ଲୋକସେବା ଭବନ ଘେରାଉ ଫାଟ ପରେ ରାଜ୍ୟସଭା ଗଣିତ ଯଦି ନଛିଣ୍ଡେ ତେବେ ବଡ ଗଡବଡ ହେବାର ସମ୍ଭାବନା ରହିଛି।

### ଟଳିଲେ...

ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ନାରାୟଣପୁର ଜିଲା ଅବୁଝମାଡ଼ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ରହିଥିବା ନେଇ ଗୁଇନ୍ଦା ବିଭାଗ ପକ୍ଷରୁ ପୁଲିସକୁ ସୂଚନା ମିଳିଥିଲା। ଏନେଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଅପରେସନ ସମୟରେ ଅଚାନକ ମାଓବାଦୀମାନେ ଗୁଳି ଚଳାଇଥିଲେ। ଏହାର ଜବାବ ଦେବାକୁ ଯାଇ ସୁରକ୍ଷାକର୍ମୀମାନେ ପାଲଟା ଗୁଳିମାଡ଼ କରିଥିଲେ। ଏହି ଏନ୍‌କାଉଣ୍ଟରେ ୬ ଜଣ ମାଓବାଦୀ ମୃତ୍ୟୁବରଣ କରିଥିଲେ। ଏଥିସହ ଚଳିତ ବର୍ଷ ଛତିଶଗଡ଼ରେ ଆଜି ପର୍ଯ୍ୟନ୍ତ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୨୧ ଜଣ ମାଓବାଦୀ ନିହତ ହୋଇସାରିଛନ୍ତି। ଏଥିମଧ୍ୟରୁ କେବଳ ବସ୍ତର ଜିଲ୍ଲାରେ ୨୦୪ ଜଣ ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ଗତ ବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ମାଓବାଦୀ ନିହତ ହୋଇଛନ୍ତି। ଗତ ବର୍ଷ ରାଜ୍ୟରେ ମୋଟ ୨୧୯ ଜଣ ମାଓବାଦୀ ନିହତ ହୋଇଥିଲେ।


### ମାତୃଶକ୍ତିଙ୍କ...

କେପିଆର ମିଲ୍ ଏହାର ମହିଳା କର୍ମଚାରୀଙ୍କୁ ସେମାନଙ୍କର ଶିକ୍ଷା ସମାପ୍ତ କରିବା ପାଇଁ ସୁଯୋଗ ଦେଉଛି। ମିଲ୍ ବାହାରେ ଉଜ୍ଜ୍ୱଳ କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି। କର୍ମଚାରୀଙ୍କୁ ସଶକ୍ତ କରିବା ସହ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ବଢ଼ାଇବାରେ ବିଶ୍ୱରେ ଏହି କମ୍ପାନୀ ଉଦାହରଣ ସୃଷ୍ଟି କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗସ୍ତ କାଳରେ ଶ୍ରୀ ପ୍ରଧାନ କୋଏମ୍ବାଟୁର ଓ ତିରୁପୁରର ପ୍ରତିଷ୍ଠିତ ଶିକ୍ଷାବିତ୍, ଶିଳ୍ପପତି ଓ ବୁଦ୍ଧିଜୀବୀଙ୍କ ସହ ଶିକ୍ଷା, ଇନୋଭେସନ, ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗୀ କ୍ଷେତ୍ର ଉପରେ ଥିବା ସମ୍ଭାବନା ନେଇ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷା ନୀତି ଉପରେ ବିଭିନ୍ନ ଦିଗ ଯଥା ମାତୃଭାଷା ଆଧାରିତ ଶିକ୍ଷା, କ୍ରେଡିଟ୍ ଫ୍ରେମୱାର୍କ ଓ ଭବିଷ୍ୟତର ଦିଗ ଉପରେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଚର୍ଚ୍ଚା କରିଥିଲେ।

### ଟ୍ରଲିରେ...


ଝିଅ ନନ୍ଦିନୀ କୌଣସି କାରଣରୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ବାଲିଆପାଳ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ ମଧ୍ୟ ମୃତଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବା ସକାଶେ ପରିବାର ଲୋକଙ୍କୁ ଦାୟିତ୍ୱ ଦେଇ ସେଠାରୁ ପଳାଇ ଯାଇଥିଲା। ତେବେ ଗରିବ ଶ୍ରେଣୀର ମଧୁ ପାଖରେ ଝିଅର ମୃତଦେହକୁ ଡାକ୍ତରଖାନା ନେବା ସକାଶେ ଗାଡ଼ି ଭଡ଼ା ଆସିବ? କାରଣ ଝିଅ ମୃତଦେହକୁ ଡାକ୍ତରଖାନାକୁ ନେବା ସକାଶେ ଜଣେ ଆମ୍ବୁଲାନ୍ସ ଡ୍ରାଇଭର୍ ମଧୁଙ୍କଠାରୁ ୧୨୦୦ ଟଙ୍କା ଦାବି କରିଥିଲେ। ପକେଟ୍‌ରେ ଟଙ୍କା ନ ଥିଲେ ମଧ୍ୟ ପୁଲିସ୍ ବାବୁଙ୍କ କଥାକୁ ବି ଏଡ଼ାଇ ଦେବାର ସାହସ ମଧ୍ୟ ବାନ୍ଧିପାରିନଥିଲେ ମଧୁ। ତେଣୁ ବାଧ୍ୟ ହୋଇ ସେ ଗାଁର ଜଣେ ବ୍ୟକ୍ତିଙ୍କଠାରୁ ଟ୍ରଲିଟିଏ ମାଗି ସେଥିରେ ଝିଅର ମୃତଦେହକୁ ଘରଠାରୁ ପାଖାପାଖି ୬ କିମି ଦୂର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତରଖାନାକୁ ମଧୁ ଝିଅ ମୃତଦେହ ନେଇ ଯାଉଥିବା ସମୟରେ କେତେକ ଲୋକ ଏହାର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେଇଥିଲେ। କିନ୍ତୁ ଏହା ସତ୍ତ୍ୱେ ମଧୁଙ୍କ ନିକଟରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚିନଥିଲେ। ଏପରିକି ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ମଧ୍ୟ ବ୍ୟବଚ୍ଛେଦ ନେଇ ଡାକ୍ତରମାନେ ତେବେ ଡାକ୍ତରଖାନକୁ ଶବଟି ଟଲିର ଯାଉଥିବା ସମୟରେ ତାର ଫଟୋ ଏବେ ସୋସିଆଲ ମିଡିଆରେ ଘୋରିବୁଲୁଛି। ସେହିପରି ଶବ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ମଧୁଙ୍କଠାରୁ ପାଖାପାଖି ୨ ହଜାର ଟଙ୍କା ଦାବି କରାଯାଇଥିବା ବେଳେ ଏନେଇ ସେ ସ୍ଥାନୀୟ ଅଞ୍ଚଳର କେତେକ ନେତାଙ୍କ ସହଯୋଗ ଲୋଡ଼ିଥିବା ଜଣାପଡ଼ିଛି। ତେବେ ଏସବୁ ସତ୍ତ୍ୱେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବାଲିଆପାଳ ପୁଲିସ୍ ପକ୍ଷରୁ କୌଣସି ପ୍ରକାର ପ୍ରତିକ୍ରିୟା ଦିଆଯାଇନାହିଁ। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଏପରି ଏକ ଅଭାବନୀୟ ଦୃଶ୍ୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## ଇନ୍‌କମ୍ ଟ୍ୟାକ୍ସ ଦେବା ଏବେ ଆହୁରି ହେଲା ସହଜ



ନୂଆଦିଲ୍ଲୀ,୧୮।୭: ଆୟକର ବିଭାଗ ୧୮ ଜୁଲାଇ ୨୦୨୫ରୁ ଅନ୍‌ଲାଇନ୍‌ରେ ଆଇଟିଆର୍-୨ ଫର୍ମ ଦାଖଲ କରିବାର ସୁବିଧା ଆରମ୍ଭ କରିଛି। ଏବେ ଯେଉଁ ବେତନଭୋଗୀ କରଦାତାମାନଙ୍କର ପୁଞ୍ଜି ଲାଭ, କ୍ରିପ୍ଟୋ ଆୟ କିମ୍ବା ଅନ୍ୟ କୌଣସି ବିଶେଷ ଆୟ ଉତ୍ସ ଅଛି। ସେମାନେ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲ (https://incometax.gov.in/iec/foportal/) ମାଧ୍ୟମରେ ଅନଲାଇନରେ ତାଙ୍କର ଆୟକର ରିଟର୍ଣ୍ଣ ଫାଇଲ କରିପାରିବେ। ଆୟକର ବିଭାଗ ସୋସିଆଲ ମିଡିଆରେ ପୋଷ୍ଟ କରିଛି ଯେ, କରଦାତାମାନେ ଧ୍ୟାନ ଦିଅନ୍ତୁ! ଆଇଟିଆର୍-୨ ଫର୍ମ ବର୍ତ୍ତମାନ ପୂର୍ବରୁ ପୂରଣ ହୋଇଥିବା ତଥ୍ୟ ସହିତ ଅନ୍‌ଲାଇନରେ ଫାଇଲିଂ ପାଇଁ ଉପଲବ୍ଧ। ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ମୂଲ୍ୟାୟନ ବର୍ଷ ୨୦୨୫-୨୬ ପାଇଁ ଆଇଟିଆର୍ ଫାଇଲ କରିବାର ଶେଷ ତାରିଖ ୧୫ ସେପ୍ଟେମ୍ବର ୨୦୨୫। ପୂର୍ବରୁ କେବଳ ଆଇଟିଆର୍-୧ ଏବଂ ଆଇଟିଆର୍-୪ ଫର୍ମ ଅନଲାଇନରେ ଏବଂ ଏକ୍ସେଲ ୟୁଟିଲିଟିରେ ଉପଲବ୍ଧ ଥିଲା, ଯାହା ସୀମିତ ଆୟ ଗୋଷ୍ଠୀର କରଦାତାଙ୍କ ପାଇଁ ଥିଲା। ବର୍ତ୍ତମାନ କେବଳଏକ୍ସଏଲ୍ ୟୁଟିଲିଟି ଆଇଟିଆର୍-୩ ପାଇଁ ଉପଲବ୍ଧ, ଅନଲାଇନ ସୁବିଧା ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## କ୍ରନିକ ଭେନସ୍ ଇନ୍‌ସଫିସିଏନ୍ସିରେ ପୀଡ଼ିତ ଟ୍ରମ୍ପ



ୱାଶିଂଟନ,୧୮।୭ : ଟ୍ରମ୍ପଙ୍କ ପାଦ ଫୁଲିଛି । କିନ୍ତୁ ରୋଗ ବିପଦପୂର୍ଣ୍ଣ ନୁହେଁ । କ୍ରନିକ ଭେନସ୍ ଇନସଫିସିଏନ୍ସୀରେ ପୀଡ଼ିତ ଅଛନ୍ତି ଟ୍ରମ୍ପ । ପାଦ ଫୁଲିବା ପରେ ସ୍ୱାସ୍ଥ୍ୟ ପରୀକ୍ଷାରୁ ଟ୍ରମ୍ପ କ୍ରନିକ ଭେନସ୍ ଇନସଫିସିଏନ୍ସୀରେ ପୀଡ଼ିତ ଥିବା ଜଣା ପଡ଼ିଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ଏହା ସାଧାରଣତଃ ୭୦ ବର୍ଷରୁ ଅଧିକ ବୟସ୍କଙ୍କ ଠାରେ ଦେଖାଯାଇଥାଏ । ରକ୍ତ ସଂଚାଳନରେ ସମସ୍ୟା ଏବଂ ଭାଲବ କ୍ଷତିଗ୍ରସ୍ତ ହେବା ଯୋଗୁ ଏହା ହୋଇଥାଏ। ତେବେ ଏହ ବିପଦପୂର୍ଣ୍ଣ ନୁହେଁ। ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲିଭିଟ୍ କହିଛନ୍ତି, ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ଉତ୍ତମ ରହିଛି । ଲକ୍ଷଣଗୁଡ଼ିକ ମଧ୍ୟରେ ଗୋଡ଼ ଫୁଲିବା, ଗୋଡ଼ରେ ଭାରୀ ହେବା, ବାଛୁରୀ କିମ୍ବା ଗୋଡ଼ରେ ଅସ୍ୱସ୍ତି, କିମ୍ବା ଜଳାପୋଡ଼ା କିମ୍ବା କୁଣ୍ଡାଇ ହେବା ଅନ୍ତର୍ଭୁକ୍ତ ହୋଇପାରେ। ବୟସ ବଢ଼ିବା ସହିତ ଏହି ଅବସ୍ଥା ଆହୁରି ଖରାପ ହୁଏ। ଗୋଡ଼ ଚାରିପାଖରେ ଛୋଟ ଦୃଶ୍ୟମାନ ଶିରା ଏବଂ ଚର୍ମ କଳା ପଡ଼ିଯିବା ରୋଗ ଆଗକୁ ବଢ଼ିବାର ଲକ୍ଷଣ ହୋଇପାରେ । ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଚିକିତ୍ସାରେ ବିଳମ୍ବ କରେ ଏବଂ ଗୋଡ଼ ଅଲସର ଏବଂ ଡିପ୍ ଶିରା ଥ୍ରୋମ୍ବୋସିସ୍ (ଡିଭିଟି) ହେବାର ଆଶଙ୍କା ବୃଦ୍ଧି କରେ । ଦୀର୍ଘ ସମୟ ଧରି ବସିବା କିମ୍ବା ଠିଆ ହେବା, ଓଜନ ବୃଦ୍ଧି କରିବା ଦ୍ୱାରା ମାଂସପେଶୀକୁ ଗୋଡ଼ର ଶିରା ଉପରେ ଚାପ ବୃଦ୍ଧି କରି CVI କୁ ପ୍ରୋତ୍ସାହିତ କରେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ନେହରୁ ପାର୍କ

# ଭାଙ୍ଗିଗଲାଣି ଉପକରଣ, ଫାଉଣ୍ଟେନ୍ ଅଚଳ



**ବ୍ରହ୍ମପୁର,୧୮।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ହିଲପାଟଣା ସ୍ଥିତ ବହୁ ପୁରାତନ ନେହେରୁ ପାର୍କ ଏବେ ଅବହେଳିତ ଅବସ୍ଥାରେ ରହିଛି। ଧୀରେ ଧୀରେ ଏହି ପାର୍କ ନିଜର ସ୍ଥିତି ହଜାଇବାକୁ ବସିଲାଣି। ପ୍ରତ୍ୟେକ ଦିନ ସର୍ବସାଧାରଣଙ୍କ ଆମୋଦ ପ୍ରମୋଦ ସହ ଖେଳକୁଦ ପାଇଁ ଛୋଟ ଛୁଆମାନେ ଏହି

### ପିଲାଙ୍କ ଖେଳକୁଦ ପାଇଁ ସୁରକ୍ଷିତ ମଣୁନାହାଁନ୍ତି ଅଭିଭାବକ

ଉଦ୍ୟାନ ଉପରେ ନିର୍ଭର କରନ୍ତି। କିନ୍ତୁ ପିଲାଙ୍କ ଖେଳକୁଦ ପାଇଁ ଉବଲବ୍ଧ ଉପକରଣ ଗୁଡିକ ଭଗ୍ନ ଅବସ୍ଥାରେ ଥିବା ବେଳେ ସେମାନେ ଖେଳୁଥିବା ସମୟରେ ଅଭିଭାବକମାନେ ସୁରକ୍ଷିତ ମଣୁ ନାହାନ୍ତି। ସେହିପରି ବ୍ୟାୟାମ ଉପକରଣ ଗୁଡିକ ବ୍ୟବହାର ଉପଯୋଗୀ ହେଉନଥିବା ଲୋକେ ଅଭିଯୋଗ କରିଛନ୍ତି। କିଛି ଉପକରଣ ଭାଙ୍ଗି ଯିବା ପରେ ପୁନଃ ମରାମତି ନ କରାଯାଇ ଏଣେ ତେଣେ





ଫୋପାଡ଼ି ଦିଆଯାଇଥିବା ଜଣାପଡିଛି। ସେହିପରି ଏହି ଉଦ୍ୟାନର ସୋନ୍ଦର୍ଯ୍ୟ ବଢ଼ାଇ ପାଇଁ ଥିବା ଏକ ଫାଉଣ୍ଟେନ୍ ମଧ ଅଚଳ ଅବସ୍ଥାରେ ପଡି ରହିଛି। ଫାଉଣ୍ଟେନ୍ ଭିତରେ ବର୍ଷା ଜଳ ଜମି ରହି ମଶା ବଂଶ ବୃଦ୍ଧି ପାଉଛି। ସୋମବାର ବ୍ୟତୀତ ଅନ୍ୟ ଦିନରେ ଏଠି ଦୈନିକ ଶହ ଶହ ଲୋକେ ଆସୁଥିବା ବେଳେ ପ୍ରବେଶ ପାଇଁ ଟିକଟ ମୂଲ୍ୟ ଆଦାୟ କରାଯାଉଛି । ତଥାପି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଉନାହିଁ ।

ସୂଚନା ଥାଉକି ଗତ ୨୦୨୨ରେ ଏହି ପାର୍କର ନବୀକରଣ କରାଯାଇଥିଲା । ମାତ୍ର ୩ ବର୍ଷ ଭିତରେ ଏହାର ସ୍ଥିତି ବେହାଲ ହୋଇଯାଇଥିବା ଦେଖିବାକୁ ମିଳିଛି। ତେବେ ଏହାର ସଠିକ୍ ତଦାରଖ କରାଯାଉନଥିବା ବେଳେ ଅଳ୍ପ କିଛି କାମ ସାରିଦେଇ ନବୀକରଣ ଫଳକ ମରାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାସହ ତୁରନ୍ତ ଅବ୍ୟବସ୍ଥାକୁ ଏଡାଇବାକୁ ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



## ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷାଙ୍କୁ ସମ୍ବର୍ଦ୍ଧନା

**ନୟାଗଡ଼,୧୮।୭ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ନୟାଗଡ଼ ତରଫରୁ ବାଇକ ଶୋଭାଯାତ୍ରାରେ ବରିଷ୍ଠ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ନୟାଗଡ଼ ବିଜିପୁର ଗେଟ ଠାରୁ ନୟାଗଡ଼ ପୁରୁଣା ରାଜବାଟି ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ, ଭାରତୀୟ ଜନତା ପାର୍ଟି ନିମନ୍ତେ ନିର୍ବାଚିତ ହେବା ପରେ ନୟାଗଡ଼ର ଭାଜପା କର୍ମୀମହଲରେ ଆନନ୍ଦର ମହଲ ସୃଷ୍ଟି ଖେଳିଯାଇଛି। ଏହି ଶୋଭାଯାତ୍ରା ସମୟରେ ରାସ୍ତାର କିଛି ଗ୍ରାମବାସୀ ପ୍ରତ୍ୟୁଷାଙ୍କୁ ଫୁଲମାଳ ଓ ପୁଷ୍ପଗୁଚ୍ଛ ଦେଇ ନୟାଗଡ଼ବାସୀ ସମ୍ମାନିତ କରିଥିଲେ। ଏବଂ ଏକ ସମ୍ବର୍ଦ୍ଧନା ସଭାରେ ପ୍ରତ୍ୟୁଷାଙ୍କୁ ସମ୍ବର୍ଦ୍ଧନା କରଯାଇଥିଲା। ଉକ୍ତ ଶୋଭାଯାତ୍ରା ଓ ସଭାରେ ବରିଷ୍ଠ ଭାଜପା ନେତା ନାସିର ଅହେମ୍ମଦ, ପ୍ରହ୍ଲାଦ ବରାଡ଼, ସୌମ୍ୟ ରଞ୍ଜନ ପ୍ରଧାନ, ସ୍ମିତା ସାହୁ, ସମସ୍ତ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଧାୟକ ଓ ସାଂସଦଙ୍କ ଅଭିଯୋଗ ଶୁଣାଣି



**ଖୋର୍ଦ୍ଧା,୧୮।୭ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶ୍ରୀରାମ ନଗର ସ୍ଥିତ ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ସାସଂଦ ଅପରାଜିତା ଷଡଙ୍ଗୀଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ନିର୍ବାଚନୀ ମଣ୍ଡଳି ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକ ଏବଂ ଖୋର୍ଦ୍ଧା ପୌରାଞ୍ଚଳରୁ ଦୁଇ ଶହ ଅଭିଯୋଗ ଶୁଣାଣୀ କରିଥିଲେ। ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ସାଢେ ଗୋଟିଏ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଚାଲିଥିଲା। ସେଥିରୁ ୫୦ଟି ସମୂହ ଓ ୧୫୦ ବ୍ୟକ୍ତିଗତ ସମସ୍ୟା ରହିଥିଲା। ସାସଂଦ ଓ ବିଧାୟକ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣୀ କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା, ବିଡିଓ କ୍ଷିରାବ୍ଧି ତନୟା ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଗଳାକାଟି ହତ୍ୟା ଘଟଣା, ଅଭିଯୁକ୍ତକୁ କୋର୍ଟ ଚାଲାଣ



**ଲାଞ୍ଜିଗଡ,୧୮।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧିନସ୍ତ ମୂଷିଗୁଡା ଗାଁରେ ଗତ ୧୨ତାରିଖ ବିଳମ୍ବିତ ରାତିରେ ଶୋଇ ଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରି ଅଭିଯୁକ୍ତ ଫେରାର ମାରିଥିଲେ । ଫେରାର ୬ ଦିନ ପରେ ଭବାନୀପାଟଣା ସଦର ପୋଲିସ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସୂଚନା ମତେ ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ତାଳବରା ଗାଁର ଜନନୀ ହରିଜନଙ୍କ ପରିବାର ଲୋକେ ଭବାନୀପାଟଣା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ଅନ୍ତର୍ଗତ ମୂଷିଗୁଡା ଗାଁରେ ଦୀର୍ଘ ୧୦ବର୍ଷ ହେଲା ପୋଡୁ ଚାଷ କରି ବସବାସ କରିଆସୁଥିଲେ। ଜନନୀ ହରିଜନଙ୍କ ସ୍ୱାମୀ ମଙ୍ଗଲୀ ହରିଜନ ୫ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ତିନିଗୋଟି ଝିଅ ନିଜ ଗାଁ ତାଳବରା ଠାରେ ରହୁଥିବାବେଳେ ମୂଷିଗୁଡା ସ୍ଥିତ ଘରେ ଜନନୀ ହରିଜନ (୬୧) ଓ ସୁଦାମା ହରିଜନ(୪୦) ଦୁଇଜଣ ମହିଳା ରାତିରେ ଶୋଇଥିବାବେଳେ ଉକ୍ତ ଗାଁର ସଂଜୀବ ନାଏକ (୨୦) ରାତିରେ ଆସି ଜନନୀ ନାଏକଙ୍କୁ ଗଳାକାଟି ହତ୍ୟା କରି ଘଟଣାସ୍ଥଳରୁ ଫେରାର ମାରିଥିଲେ। ଏନେଇ ମୃତକଙ୍କ ପୁଅ ପ୍ରଦୀପ ହରିଜନ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତର ୬ଦିନ ପରେ ଅଭିଯୁକ୍ତକୁ ଗିରଫ କରି ପୁଲିସ ପଚରାଉଚରା ଜାରି ରଖିଥିଲେ। ଶେଷରେ ଗୁଣି ଗାରେଡି ସନ୍ଦେହରେ ହତ୍ୟା କରିଛି ବୋଲି ପୁଲିସ ଆଗରେ ସ୍ୱିକାର କରିଥିବା ବେଳେ ଆଜି ଅଭିଯୁକ୍ତଙ୍କୁ କେସ ନଂ ୨୩୪/୨୫ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ ସୋମ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ସଫଳ



**ବୋରିଗୁମ୍ମା,୧୮।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତୀବ୍ର ନିନ୍ଦା କରିଛି ପ୍ରଦେଶ କଂଗ୍ରେସ। ଘଟଣାରେ ମୋହନ ସରକାରଙ୍କୁ ଦାୟୀ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ରାଜ୍ୟ ସରକାରଙ୍କ ଅବହେଳାରୁ ଗୋଟିଏ ନିରୀହ ଝିଅର ଜୀବନ ଗଲା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦ କରି ରାଜ୍ୟ କଂଗ୍ରେସ ଆଜି ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବୋରିଗୁମ୍ମା ସହର ଦେଇ ଯାଇଥିବା ୨୬ ଓ ୬୩ ନମ୍ବର ଜାତୀୟ ରାଜପଥ ଉଭୟ ପଟୁ ବିଭିନ୍ନ ଗାଡି ଅଟକି ରହିଥିଲା। ବୋରିଗୁମ୍ମା ଛକରେ କଂଗ୍ରେସ କର୍ମୀମାନେ ରହି ବନ୍ଦ ପାଳନ କରିଥିଲେ। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଅପରାହ୍ନରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆସି କଂଗ୍ରେସ କର୍ମୀଙ୍କ ସହ ସାଧାରଣ ସଭାରେ ଯୋଗ ଦେଇଥିଲେ। ଶ୍ରୀ ବାହିନୀପତି ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିବା ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିଥିଲେ। ଆଇନଶୃଙ୍ଖଳା ନିମନ୍ତେ ବୋରିଗୁମ୍ମା ଥାନା ଆଇଆଇସି ଶ୍ୱେତପଦ୍ମା ସେଠଙ୍କ ନେତୃତ୍ୱରେ ଗୋଟିଏ ସେକ୍ସନ ଫୋର୍ସ ସହ ଥାନା କର୍ମଚାରୀମାନେ ନିୟୋଜିତ ଥିଲେ।

### ଥାନା କର୍ମଚାରୀଙ୍କ ଉପରେ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ

## ଅଭିଯୁକ୍ତକୁ କାବୁ କରି କୋର୍ଟ ଚାଲାଣ କଲା ପୁଲିସ

**ନାଉଗାଁ,୧୮।୭ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ ଏକ ବ୍ୟକ୍ତି ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନାରେ କାର୍ଯ୍ୟରତ କର୍ମଚାରୀ ଶ୍ରୀକାନ୍ତ କଅଁରଙ୍କ ଉପରେ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ କରିଥିଲେ। ସଙ୍ଗେ ସଙ୍ଗେ ଥାନାରେ କାର୍ଯ୍ୟ କରୁଥିବା ଅନ୍ୟ କର୍ମଚାରୀମାନେ ବ୍ୟକ୍ତି ଜଣଙ୍କୁ ଧରି ନେଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ହେଲେ ଉକ୍ତ ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ନୟାସିଙ୍ଗାଡା ଗ୍ରାମର ଭଗବାନ ସ୍ୱାଇଁ। ଭଗବାନ ଥାନା କର୍ମଚାରୀଙ୍କୁ ମାରିବାକୁ ଉଦ୍ୟମ କରୁଥିବା ଯୋଗୁଁ ତାଙ୍କ ନାମରେ ଥାନା ପକ୍ଷରୁ ୨୦୦/୨୦୨୫ରେ ମାମଲା ରୁଜୁ କରାଯିବା ସହ ତାଙ୍କୁ ଡାକ୍ତରୀ ମଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।


ସେହିପରି ବ୍ୟକ୍ତି ଜଣଙ୍କ କାହିଁକି ପେଟ୍ରୋଲ ଢାଳିଥିଲା ସେ ବିଷୟରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ସ୍ପଷ୍ଟ ସୂଚନା ପ୍ରଦାନ କରିନାହାନ୍ତି। ସେ ପୂର୍ବରୁ ଅନେକ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ କରି ଜେଲ ଯାଇଥିବା କାନୁନଗୋ ପ୍ରକାଶ କରିଛନ୍ତି।



## ଦୁଷ୍କର୍ମ ଅଭିଯୁକ୍ତକୁ ଦଶ ବର୍ଷ ସଶ୍ରମ କାରାଦଣ୍ଡ ସହ ଜୋରିମାନା

**ବାରିପଦା,୧୮।୭ (ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ସଂକ୍ରାନ୍ତୀୟ ମାମଲାର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ପ୍ରଥମ) ତଥା ସ୍ପେଶାଲ ଜଜ ସତ୍ୟନାରାୟଣ ପାତ୍ର ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମର ଭୁଷ୍ଟୁ ଏଲିଏସ ଦୁର୍ଯ୍ୟୋଧନ ମହାନ୍ତ (୬୨)କୁ ଦଶ ବର୍ଷ ସଶ୍ରମ କାରାଦଣ୍ଡ ସମେତ ପଚାଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହିତ ଆଦାୟ ଜୋରିମନା ଅର୍ଥ ପୀଡିତାକୁ ଦେବା ପାଇଁ ରାୟରେ ଉଲେଖ କରାଯାଇଅଛି । ମାମଲାର ବିବରାଣୀରୁ ପ୍ରକାଶ ଯେ ୨୮.୧୨.୨୦୨୧ରିଖ ଅଭିଯୋଗକାରୀଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ନଣଦେଇ ଜଣେ ଭିନ୍ନକ୍ଷମ ଅଟନ୍ତି । ତାଙ୍କର ଦେହ ଖରାପ ହେବାରୁ ତାଙ୍କର ମେଡିକାଲ ଟେଷ୍ଟ କରାଯାଇଥିଲା । ଏଥିରେ ସିଏ ଗର୍ଭବତୀ ଥିବାର ଜଣାପଡିଥିଲା । ଏ କଥା ଜଣାପଡିବା ପରେ ସମ୍ପୃକ୍ତ ପୀଡିତାଙ୍କୁ ଏ ବିଷୟରେ ପଚାରିବାରୁ ତାଙ୍କ ସହିତ ଅଭିଯୁକ୍ତ ଦୁଯୋଧନ ମହାନ୍ତ ବାରମ୍ବାର ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିବାର ପ୍ରକାଶ କରିଥିଲେ ।

## ଏମକେସିଜିରେ ରୋଗୀ ଚିକିତ୍ସାକୁ ନେଇ ପାଟିତୁଣ୍ଡ



**ବ୍ରହ୍ମପୁର,୧୮।୭ (ସଂଚାର ବ୍ୟୁରୋ):** ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଏଆରଟି ସେଣ୍ଟରରେ କାର୍ଯ୍ୟରତ ଡ଼ାକ୍ତର ଓ ନର୍ସିଂ ଅଫିସରଙ୍କ ମଧରେ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି। କିଛି ସମୟ ଧିରି ଏମକେସିଜି ମେଡ଼ିକାଲ ଏଆରଟି ସେଣ୍ଟରେ ଡ଼ାକ୍ତର ଓ ନର୍ସିଂ ଅଫିସରଙ୍କ ମଧରେ ହୋହାଲ୍ଲା ହୋଇଥିଲା। ସେହିପରି କିଛି ନର୍ସିଂ ଅଫିସର ସେଣ୍ଟରରେ ପହଞ୍ଚିଥିଲେ। ଖବର ପାଇ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡ଼ା.ଦୁର୍ଗା ମାଧବ ଶତପଥୀ ଓ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ମେଡ଼ିକାଲ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା ପରେ ମାମାଲା ଶାନ୍ତ ପଡ଼ିଥିଲା। ଉକ୍ତ ସେଣ୍ଟରେ ଏଚଆଇଭି ସଂକ୍ରମଣ ଚିକିତ୍ସା କରାଯାଉଥିବା ବେଳେ ରୋଗୀଙ୍କ ଚିକିତ୍ସାକୁ ନେଇ ଉଭୟଙ୍କ ମଧରେ ତୁତୁ ମେମେ ହୋଇଥିବା ଜଣାପଡ଼ିଛି। ସେଣ୍ଟରରେ କାର୍ଯ୍ୟରତ ଡ଼ାକ୍ତର ଜଣଙ୍କ ସଠିକ ସମୟରେ କାର୍ଯ୍ୟରେ ଯୋଗ ଦେଉ ନଥିବା ସହ ରୋଗୀଙ୍କୁ ଚିକିତ୍ସା କରୁନଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ସମୟରେ ନର୍ସିଂ ଅଫିସର ଜଣଙ୍କ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସେଣ୍ଟରକୁ ଚିକିତ୍ସା ନିମନ୍ତେ ଆସୁଥିବା ଏଚଆଇଭି ସଂକ୍ରମଣ ରୋଗୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଅନ୍ୟପକ୍ଷରେ କାର୍ଯ୍ୟରତ ନର୍ସିଂ ଅଫିସର ଜଣକ ମଧ କାର୍ଯ୍ୟରେ ଅବହେଳା କରୁଥିବା ଡ଼ାକ୍ତରଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଯାହାକୁ ନେଇ ଶୁକ୍ରବାର ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଛି।

## ସମାଜସେବୀ ଘନଶ୍ୟାମ ଜଗତିଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୧୮।୭ (ସଂଚାର ବ୍ୟୁରୋ):** ଓଳାଭର ଅଂଚଳର ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀନାରାୟଣ ମଦିର ପ୍ରତିଷ୍ଠାତା ଘନଶ୍ୟାମ ଜଗତିଙ୍କ ୯୪ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ବାବନ କିଶୋର ଜଗତି, ବିରେନ କୁମାର ଜଗତି,ସମାଜ ସେବୀ ଦାମୋଦର ନାୟକ, ସାମ୍ବାଦିକ ଅକ୍ଷୟ କୁମାର ସାହୁ ନମିତା ନାୟକ,ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟି, ଡ଼ା ସୁମନ କୁମାର ଜଗତି, ଡ଼ା ଶୁତକୀର୍ତ୍ତି ପରିଡା,ସଂଗ୍ରାମ ଜଗତି ଓ ବିକ୍ରମ ଜଗତି ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଜଗତି ଜଣେ ଦୃଢ଼ମନା ନୀତିନିଷ୍ଠ, ଧର୍ମପ୍ରାଣ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ ।

### ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

## ମାନ, ଅଭିମାନ, ରୁଷା ଓ କ୍ଷୋଭରେ ଶେଷ




**ନୟାଗଡ଼,୧୮।୭ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ମାନ, ଅଭିମାନ, ରୁଷା ଓ କ୍ଷୋଭରେ ଶେଷ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ି, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୂଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ମଧ ଉପସ୍ଥିତ ରହିଥିଲେ।

ବିଗତ ଦିନରେ ୯ଟି ସାଧାରଣ ସଭାରେ ହୋଇଥିବା ନିଷ୍ପତ୍ତି ଠିକ ଭାବେ କାର୍ଯ୍ୟକାରୀ ହୋଇନଥିବା, ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଅଣଦେଖା କରାଯାଉଥିବା, ସରକାରୀ ସ୍ତରରେ ହେଉଥିବା ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଫଳକରେ ସଦସ୍ୟଙ୍କ ନାଁ ରଖା ଯାଉନଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ । ଏହାକୁ ନେଇ ଜିଲ୍ଲା ପରିଷଦ ଅଧକ୍ଷଙ୍କ ଆହ୍ୱାନ କ୍ରମେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ଆସନ୍ତା ବୁଧବାର ଏକ ସମନ୍ୱୟ ବୈଠକ କରାଯାଇ ଏ ସମସ୍ତ ବିଷୟ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଏହି କ୍ରମରେ ବୈଠକରେ ଉପସ୍ଥିତ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଅଧକ୍ଷ ଅଧକ୍ଷାଙ୍କୁ ବିଡିଓମାନେ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ଉଠାଇଥିଲେ। ଏମିତିକି ବିଧାୟିକା ଓ ବ୍ଲକ୍ ଅଧକ୍ଷା କଥା କଟାକଟିରେ ମୁଁହାମୁହିଁ ହୋଇଥିଲେ। ଗୋଟିଏ ଦଳର ହୋଇଥିଲେ ମଧ ଏମିତିକି ଉଭୟଙ୍କ ମୁଁହାମୁହିଁ ପରିସ୍ଥିତିରେ ବିଡ଼ିଓ କାହାର ହେବେ ବୋଲି ଦ୍ୱନ୍ଦରେ ପଡିଛନ୍ତି।

ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ବିଡିଓ ଦାଦାଗିରି କରୁଥିବା ଅଭିଯୋଗ କରିଥିଲେ । ସମାନ ଭାବେ ଖଣ୍ଡପଡ଼ା ଓ ଗଣିଆ ବ୍ଲକ ଅଧକ୍ଷା ମଧ ଉକ୍ତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦଶପଲ୍ଲା ବିଧାୟକ ପୂର୍ତ୍ତ ଦ୍ୱାରା କରାଯାଇଥିବା ଗଣିଆ ମଧଖଣ୍ଡ ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ କାହିଁକି ବିଧାୟକଙ୍କୁ ଡକା ଯାଇନଥିଲା ବୋଲି ପ୍ରଶ୍ନ କରିଥିଲେ । ଏଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକକୁ ସେ ଆସିବେ ନାହିଁ କହି ଉଠି ଚାଲି ଯାଇଥିଲେ । ସେହି ସମୟରେ ବୈଠକକୁ ଆସିଥିବା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ମଧ ବୈଠକରୁ ଉଠି ଯାଇଥିଲେ । ଫଳରେ ଆଜିର ବୈଠକକୁ ଜିଲ୍ଲା ପରିଷଦ ଅଧକ୍ଷ ସ୍ଥଗିତ କରିଥିବା ବେଳେ ଖୁବଶୀଘ୍ର ଦଶମ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ଏଫ୍ଏମ୍ ପୀଡିତାଙ୍କ ପାଇଁ ଏବିଭିପିର ଶ୍ରଦ୍ଧାଞ୍ଜଳି ସଭା

**ନାଉଗାଁ,୧୮।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆତ୍ମହତ୍ୟା କରିଥିବା ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ଏବିଭିପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସୌମ୍ୟାଶ୍ରୀ ବିଶିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀମାନେ କ୍ୟାଣ୍ଡେଲ ଜାଳି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

ଆଲୋକ ପାଳ ଓ ସାଗର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ସ୍ୱାଇଁ, ସନ୍ତୋଷ ଦାସ, ମାନସ ବାରିକ, ସୌମ୍ୟଜିତ ନାୟକ, ଲିଙ୍କନ ସାହୁ, ସନ୍ତୋଷ ସାହୁ, ସାହିଲ କୁମାର ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଛାତ୍ରନେତା ତୁଷାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ୧୯ ବର୍ଷରେ ପାଦ ଥାପିଲା ସୋଆ, ସମାଜକୁ ଅଧିକ ସେବା ପ୍ରଦାନ ପାଇଁ ରହିଛି ଲକ୍ଷ୍ୟ: କୁଳପତି

**ଭୁବନେଶ୍ୱର,୧୮।୭ (ସଂଚାର ବ୍ୟୁରୋ):** ଗୁଣବତା ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଗବେଷଣାକୁ ଅଗ୍ରାଧିକାର ଓ ସର୍ବାଧିକ ଗୁରୁତ୍ୱ ଦେଉଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ୧୮ ବର୍ଷ ପୂରଣ କରି ୧୯ରେ ପାଦ ଥାପିଥିବା ବେଳେ ଭବିଷ୍ୟତରେ ଦେଶର ଆଗଧାଡ଼ିର ଶିକ୍ଷାନୁଷ୍ଠାନ ତାଲିକାରେ ନିଜକୁ ସାମିଲ କରିବାର ଲକ୍ଷ୍ୟ ରଖିଛି।

ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁସ୍ନାଲ୍ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍ଆଇଆର୍ଏଫ୍) ରାଙ୍କିଙ୍ଗସ ୨୦୨୪ରେ ସୋଆ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧରେ ୧୪ ତମ ସ୍ଥାନ ହାସଲ କରିଥିବା ବେଳେ ୟୁଜିସି ପକ୍ଷରୁ କ୍ୟାଟେଗୋରୀ ୱାନ୍ର ମାନ୍ୟତା ପାଇଥିବା କହିଛନ୍ତି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ଶୁକ୍ରବାର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଫେସର ନନ୍ଦ।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ୧୮ ବର୍ଷ ପରେ ସୋଆ ବର୍ତ୍ତମାନ କେଉଁ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ ଦେବ ସେ ନେଇ ଆତ୍ମଚିନ୍ତନ କରିବାର ସମୟ ଆସିଛି। ଡକ୍ଟର ଦାସ କହିଥିଲେ ଯେ ଗବେଷକମାନେ ଏଭଳି ପ୍ରକଳ୍ପରେ କାର୍ଯ୍ୟ କରିବା ଉଚିତ୍ ଯାହାକି ସମାଜର ବିଭିନ୍ନ ହିତ ନିମନ୍ତେ ଉପଯୋଗୀ ହୋଇପାରିବ।



ସମାଜକୁ ନିଜର ଅବଦାନ ଦେବା ନିମନ୍ତେ ସବୁ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିବା ସୋଆର ଲକ୍ଷ୍ୟ ରହିଛି ବୋଲି ପ୍ରଫେସର ନନ୍ଦ କହିଥିଲେ। ବିଶ୍ୱବିଦ୍ୟାଳୟର ଗବେଷଣା ସନ୍ଦର୍ଭର ସଂଖ୍ୟା କିଛି ବର୍ଷ ତଳେ ମାତ୍ର ୩୦୦ ଥିବା ବେଳେ ଏହା ବୃଦ୍ଧି ପାଇଁ ବର୍ତ୍ତମାନ ୧୫, ୮୦୦ରେ ପହଞ୍ଚିଛି। ପ୍ରତ୍ୟେକ ବର୍ଷ ୩୦୦ ପିଏଚ୍ଡି ଗବେଷକ ସୋଆରେ ନିଜ ନାମ ପଞ୍ଜିକୃତ କରୁଛନ୍ତି ବୋଲି ପ୍ରଫେସର ନନ୍ଦ କହିଥିଲେ।

୨୦୨୦ ମସିହାରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଓଡ଼ିଶା ସରକାରଙ୍କ ସହଯୋଗରେ ଏହି ପରିସ୍ଥିତିର ମୁକାବିଲା ନିମନ୍ତେ ସୋଆ ପକ୍ଷରୁ ରାଜ୍ୟରେ ୫ଟି କୋଭିଡ୍ ହସ୍ପିଟାଲ ଆରମ୍ଭ କରାଯିବା ସହ ଏହାର ଡାକ୍ତର, ନର୍ସ ଓ ପାରାମେଡିକ ଅବିରତ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଅନେକ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ। କୋଭିଡ ମହାମାରୀ ବେଳେ ପ୍ରାୟ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧରେ ୫୦, ୦୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସଫଳ ଚିକିତ୍ସା କରାଯାଇଥିଲା।

କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ବିଶିଷ୍ଟ ନ୍ୟୁରୋସର୍ଜନ୍ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ବକ୍ତବ୍ୟ ରଖିଥିଲେ। ସୋଆ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ର ଡିନ୍ ପ୍ରଫେସର ଦିବ୍ୟଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧାରେ ସାଂସଦ ଓ ବିଧାୟକଙ୍କ ମାରାଥନ କାର୍ଯ୍ୟକ୍ରମ

# ୨୨ କୋଟିର ରାସ୍ତା ନବୀକରଣ ପାଇଁ ଶିଳାନ୍ୟାସ



**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଆଜି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ କାର୍ଯ୍ୟାଳୟଠାରେ ୫୦୦ରୁ ଊର୍ଦ୍ଧ୍ୱ ଅଭିଯୋଗକୁ ନେଇ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ଶ୍ରୀ ଜଗଦ୍ଦେବଙ୍କ ସହ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ଉପଜିଲ୍ଲାପାଳ, ପୌରନିର୍ବାହୀ ଅଧିକାରୀ, ବିଡିଓ, ତହସିଲଦାର, ରାଜସ୍ୱ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ଏକାଧିକ ମାମଲାର ତ୍ୱରିତ ସମାଧାନ ହୋଇଛି। ସାଧୁସନ୍ଥ, କ୍ରୀଡାବିତ୍‌ଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଖୋର୍ଦ୍ଧା ଗଡ଼ଦ୍ୱାର ସାହି ପାଇଁ ମଶାଣି, ବିଭିନ୍ନ ଜମି ଚିହ୍ନଟ ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଡ୍ରେନ, ଲାଇଟ୍, ପାଣି ଆଦି ମୌଳିକ ସମସ୍ୟା ଉପସ୍ଥାପିତ ହୋଇଥିଲା। ସମସ୍ତ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି ଶିବିରରେ ଉପସ୍ଥିତ ସାଂସଦ ଓ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

ଏଥିସହ ଖୋର୍ଦ୍ଧା ଟାଉନ୍ ହଲ୍‌ଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ୍)ର ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟ ଆଧାରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀ ଜଗଦ୍ଦେବ ଯୋଗଦେଇ ୯୯ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀଚାଳିତ ଗାଡ଼ି ସହ ୧୭ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରିଥିଲେ। ଆଇଓସିଏଲ୍ ଡିଜିଏମ ସିଏସ୍‌ଆର ପିକେ ପଣ୍ଡାଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଅଞ୍ଚଳର ୧୧୬ ଜଣ ଦିବ୍ୟାଙ୍ଗଙ୍କୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏହି ସେବା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏହିଭଳି କାର୍ଯ୍ୟ ଜାରି ରହିବ ବୋଲି ସାଂସଦ ଓ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

**ଦିବ୍ୟାଙ୍ଗଙ୍କୁ ୫୦ ଲକ୍ଷର ସାମଗ୍ରୀ ବଣ୍ଟନ**

ଏହି ଅବସରରେ ଖୋର୍ଦ୍ଧାବାସୀଙ୍କ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ନିକଟସ୍ଥ ଜାତୀୟ ରାଜପଥରୁ ଖୋର୍ଦ୍ଧା ସହରକୁ ସଂଯୋଗ କରୁଥିବା ରାସ୍ତା ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନକୁ ସଂଯୋଗ କରୁଥିବା ୧୨ଟି ପ୍ରମୁଖ ରାସ୍ତାର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଏହା ସ୍ଥାପନ କରିଥିବା ବେଳେ ଏ ବାବଦରେ ୧୦ କୋଟି ଓ ଅନ୍ୟ ୧୨ଟି ରାସ୍ତା ପାଇଁ ଅନ୍ୟୂନ ୧୨ କୋଟି ଏହିପରି ମୋଟ ୨୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହିସବୁ ରାସ୍ତା ଆସନ୍ତା ୯ ମାସ ମଧ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପନ୍ନ ହେବ ବୋଲି ସାଂସଦ ଓ ବିଧାୟକ ଘୋଷଣା କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପରୋକ୍ତ ରାସ୍ତାଗୁଡ଼ିକର କାମ ସମ୍ପୂର୍ଣ୍ଣ ହେବା ପରେ ଖୋର୍ଦ୍ଧାବାସୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

## ମଦ ଦୁର୍ନୀତି ମାମଲା

# ଜନ୍ମଦିନରେ ବନ୍ଧାହେଲେ ବାଘେଲ୍ଙ୍କ ପୁଅ



**ରାୟପୁର,୧୮।୭(ସଂଚାର ବ୍ୟୁରୋ):** ଆଜି ସକାଳେ ମଦ ଦୁର୍ନୀତି ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ୍‌ଙ୍କ ପୁତ୍ର ଚୈତନ୍ୟଙ୍କୁ ଗିରଫ କରାଯାଇଛି। ତେବେ ଆଜି ଚୈତନ୍ୟଙ୍କ ଜନ୍ମଦିନ ଥିଲେ ହେଁ ତାଙ୍କ ଭିଲାଇସ୍ଥିତ ବାସଭବନରେ ପହଞ୍ଚି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସଦସ୍ୟମାନେ ପଚରାଉଚରା କରିବା ସହ କିଛି ସମୟ ପରେ ତାଙ୍କୁ ଗିରଫ କରିଥିଲେ। ସେମାନେ ଚୈତନ୍ୟଙ୍କୁ ରାୟପୁରକୁ ନେଇଯାଇଥିବା ଜଣାପଡ଼ିଛି। ଅବଶ୍ୟ ଗିରଫଦାରୀକୁ ବାଘେଲଙ୍କ ସମର୍ଥକମାନେ ବିରୋଧ କରିବା ଫଳରେ ପୁଲିସ୍ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଗିରଫ ପରେ ଚୈତନ୍ୟଙ୍କୁ ରାୟପୁରସ୍ଥିତ ଏକ କୋର୍ଟରେ ହାଜର କରାଯିବା ପରେ ସେଠାରୁ ତାଙ୍କୁ ଇଡି ୫ ଦିନ ପାଇଁ ରିମାଣ୍ଡରେ ନେଇଛି। ତେବେ ଏପରି ଗିରଫଦାରୀ ପାଇଁ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ବାଘେଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ପ୍ରତିଶୋଧ ମୂଳକ ରାଜନୀତିକୁ ଦାୟୀ କରିଛନ୍ତି। ସେ ଉଭୟଙ୍କୁ କଟାକ୍ଷ କରିବାକୁ ଯାଇ ତାଙ୍କ ପୁଅକୁ ଜନ୍ମଦିନରେ ହାତକଡ଼ି ଉପହାର ଦେଇଥିବା ଶ୍ରୀ ବାଘେଲ୍ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ରାଇଗଡ଼ ଜିଲ୍ଲାର ଟେମନାର ତହସିଲ ଅଞ୍ଚଳରେ ଆଦାନୀ ଗ୍ରୁପ୍‌କୁ ଏକ କୋଇଲା ଖଣି ଲିଜ୍ ଦେବା ସକାଶେ ଶହ ଶହ ସଂଖ୍ୟାରେ ଗଛ କଟାଯାଇଥିବା ବେଳେ ଏହି ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ଶ୍ରୀ ବାଘେଲ୍ ଘୋଷଣା କରିବା ପରେ ତାଙ୍କ ମନୋବଳ ଭାଙ୍ଗିବା ସକାଶେ ଉଦ୍ଦେଶ୍ୟମୂଳକ ଭାବେ ପୁଅ ଚୈତନ୍ୟଙ୍କୁ ଗିରଫ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ଏଥିରେ ସେ ଆଦୌ ଦବିଯିବେ ନାହିଁ ଓ ଚଳିତ ବିଧାନସଭା ଅଧିବେଶନରେ ସେ ନିଶ୍ଚିତ ଭାବେ ପ୍ରସଙ୍ଗ ଉପସ୍ଥାପନ କରିବେ ବୋଲି କହିଛନ୍ତି। ସେହିପରି ଆଜି ଚୈତନ୍ୟଙ୍କ ଗିରଫଦାରୀ ପ୍ରତିବାଦରେ ବିଧାନସଭା ଅଧିବେଶନକୁ ଶ୍ରୀ ବାଘେଲ୍ ଓ ଅନ୍ୟାନ୍ୟ କଂଗ୍ରେସ ନେତାମାନେ ବର୍ଜନ କରିଥିଲେ। କକ୍ଷତ୍ୟାଗ ସମୟରେ କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀଙ୍କ 'ଏକ ପେଡ୍ ମା' କେ ନାମ୍' ସ୍ଲୋଗାନ୍‌କୁ କଟାକ୍ଷ କରି 'ଏକ ପେଡ୍ ମା' କେ ନାମ୍, ବାକି ସବ୍ ବାପ୍ କେ ନାମ୍' ବୋଲି ସ୍ଲୋଗାନ ଦେଇଥିଲେ।

## ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତି ସଂକ୍ରାନ୍ତ କର୍ମଶାଳା ଉଦ୍‌ଘାଟିତ

# ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶା ନେଉଛି ନେତୃତ୍ୱ




**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସରକାରଙ୍କ ବିଭିନ୍ନ ବିଭାଗ, ଶିଳ୍ପ ଓ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନର ବିଶିଷ୍ଟ ବ୍ୟକ୍ତିବିଶେଷ ଏକାଠି ହୋଇଥିବା ବେଳେ କର୍ମଶାଳା ଏକ ସ୍ଥାୟୀ, କମ୍ କାର୍ବନ ଭବିଷ୍ୟତ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି। କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରୀଡ୍‌କୋ ଏମ୍‌ଡି ସତ୍ୟପ୍ରିୟ ରଥ, ଏଡିବିର ଦକ୍ଷିଣ ଏସିଆ (ଶକ୍ତି) ନିର୍ଦ୍ଦେଶିକା ସୁଜାତା ଗୁପ୍ତା, ଶକ୍ତି ସଷ୍ଟେନେବଲ୍ ଏନର୍ଜି ଫାଉଣ୍ଡେସନ୍‌ର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରେୟସ୍ସ ବୈରିଗଞ୍ଜନ ଓ ପିଡବ୍ଲ୍ୟୁସି ପାର୍ଟନର୍ ପଦମ ପ୍ରକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଜାତୀୟ ଶକ୍ତି ପରିବର୍ତ୍ତନରେ ଓଡ଼ିଶା ନେତୃତ୍ୱ ନେଉଛି। ଶକ୍ତି ପରିବର୍ତ୍ତନ ନୀତି ଆପଣେଇବାରେ ଓଡ଼ିଶା ପ୍ରଥମ ରାଜ୍ୟ। ଏହି ନୀତି ଏକ ରଣନୈତିକ ରୋଡମ୍ୟାପ୍ ଯାହା ନବସୃଜନ ଓ ପ୍ରଗତିକୁ ଆଗେଇ ନେବା ପାଇଁ ଡିଜାଇନ୍ କରାଯାଇଛି। ଶକ୍ତି ବିଭାଗର ପ୍ରମୁଖ ସଚିବ ଶ୍ରୀ ଦେବ କହିଥିଲେ ଯେ ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତିର ଡ୍ରାଫ୍ଟ ଏକ ଭବିଷ୍ୟତମୁଖୀ ଢାଞ୍ଚା ଯାହା ନବୀକରଣୀୟ ଶକ୍ତି, ଶକ୍ତି ଦକ୍ଷତା ଏବଂ ସବୁଜ ନିଯୁକ୍ତିକୁ ସମନ୍ୱିତ କରିଥାଏ। ଡ ସତ୍ୟପ୍ରିୟ ରଥ, ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ, ଶକ୍ତି ପରିବର୍ତ୍ତନରେ ଗ୍ରୀଡକୋର କେନ୍ଦ୍ରୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଡ଼ିବିର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀମତୀ ସୁଜାତା ଗୁପ୍ତା, ଓଡ଼ିଶାର ଦୃଷ୍ଟିକୋଣ ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଏଡ଼ିବି ବିଭିନ୍ନ ଦେଶରେ ବିଭିନ୍ନ ଶକ୍ତି ପରିବର୍ତ୍ତନ ପଦକ୍ଷେପକୁ ସମର୍ଥନ କରିଛି ଏବଂ ଓଡ଼ିଶାକୁ ସମାନ ସମର୍ଥନ ଦେବାକୁ ଆଗ୍ରହୀ ବୋଲି କହିଥିଲେ। ଶକ୍ତି ସଷ୍ଟେନେବଲ୍ ଏନର୍ଜି ଫାଉଣ୍ଡେସନ୍‌ର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ବୈରିଗଞ୍ଜନ୍ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ପିଡବ୍ଲ୍ୟୁସିର ପାର୍ଟନର ପଦମ୍ ପ୍ରକାଶ ତଥ୍ୟଚାଳିତ ଯୋଜନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପିଡବ୍ଲ୍ୟୁସି ଏକ ବ୍ୟାପକ ଉପସ୍ଥାପନା ପ୍ରଦାନ କରିଥିଲା, ଯେଉଁଥିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥିତ, ଫଳାଫଳମୁଖୀ ହସ୍ତକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅଧିବେଶନ ପରେ ଅଂଶୀଦାରମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ପାରସ୍ପରିକ ଆଲୋଚନା ହୋଇଥିଲା । ବିତ୍ତପରାମର୍ଶ ଦାତା ତଥା ଅତିରିକ୍ତ ଶାସନ ସଚିବ ଡ ଦେବୀଦତ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରୁ ସୁଦୀପ୍ତ ସ୍ୱାଇଁ ନିଲମ୍ବିତ

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ଅନୁଗୁଳ ଜିଲ୍ଲା ବିଜେପି ସମ୍ପାଦକ ସୁଦୀପ୍ତ ସ୍ୱାଇଁଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ତାଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟ ସହ ଦଳୀୟ ଅନୁଶାସନ ଭଙ୍ଗ ଅଭିଯୋଗ ରହିଥିବା ବେଳେ ଏହା ଉପରେ ବିଚାର କରି ଆଜି ଶ୍ରୀ ସାମଲ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଶ୍ରୀ ସ୍ୱାଇଁଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବଳବତ୍ତର ରହିବ ବୋଲି କୁହାଯାଇଛି।

## ରେଭେନ୍ସାରେ ମହିଳାଙ୍କ କାର୍ଯ୍ୟ ସମୟ ସଂକ୍ରାନ୍ତ କଟକଣା ପ୍ରତ୍ୟାହୃତ



**କଟକ,୧୮।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫଏମ୍ କଲେଜରେ ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ଆତ୍ମାହୁତି ଦେବା ପରେ ଏମ୍ସ ଭୁବନେଶ୍ୱରରେ ମୃତ୍ୟୁବରଣ କରିଛନ୍ତି। ତେବେ ଏହି ଘଟଣା ପରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବା ସକାଶେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବିଶେଷକରି ସରକାର ଏକାଧିକ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ଏହି କ୍ରମରେ ଆଜି କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ନିର୍ଦ୍ଦେଶନାମାରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ମହିଳାଙ୍କ କାର୍ଯ୍ୟ ସମୟ ନେଇ କେତେକ କଟକଣା ଲଗାଯାଇଥିଲା। ଏଥିରେ ଅପରାହ୍ନ ସାଢ଼େ ୫ଟା ପରେ କୌଣସି ମହିଳା କର୍ମଚାରୀ କିମ୍ବା ରିସର୍ଚ୍ଚର ଅଫିସରେ କାର୍ଯ୍ୟ କରିବେ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ମାତ୍ର ଘଣ୍ଟାଏ ମଧ୍ୟରେ କର୍ତ୍ତୃପକ୍ଷ ତାଙ୍କ ନିଷ୍ପତ୍ତି ବଦଳାଇ ତୁରନ୍ତ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି। ଏଥିସହ ପରବର୍ତ୍ତୀ ସମୟରେ ପୁନର୍ବାର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ଲୋକସମ୍ପର୍କ ଅଧିକାରୀ କହିଛନ୍ତି। କିନ୍ତୁ ପ୍ରଥମ ବିଜ୍ଞପ୍ତି ପ୍ରତ୍ୟାହାର ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଠୋସ୍ କାରଣ ସ୍ପଷ୍ଟ କରାଯାଇନାହିଁ।

## ପାଣିରେ ମୃତଦେହ ସହ ଚାଲିଲେ ୫ କିମି



**ବାଲେଶ୍ୱର,୧୮।୭ (ସଂଚାର ବ୍ୟୁରୋ) :** ରାସ୍ତା ଉପରେ ମାଡ଼ି ଆସିଛି ବନ୍ୟା ପାଣି, ସେଇ ବନ୍ୟା ସ୍ରୋତ ଭିତରେ କାନ୍ଧରେ କାନ୍ଧେଇ ମୃତଦେହ ନେଲେ ପରିବାର ଲୋକେ। ବାଲେଶ୍ୱରରେ ବନ୍ୟା ବିଭୀଷିକା ଭିତରେ ଏମିତି କିଛି ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱର ବାଲିଆପାଳ ବ୍ଲକ ଚୌଧୁରୀକିଦ୍ ଗାଁର ମଧୁ ପରମାଣିକଙ୍କ ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ପାଇଁ ନେବାକୁ ନିଷ୍ପତ୍ତି ନେଇଥିଲେ ପରିବାର ଲୋକେ। କିନ୍ତୁ ଚାରିଆଡ଼େ ପାଣି ଆଉ ପାଣି ଥିବାରୁ କିପରି ମୃତଦେହକୁ ପୁରୀ ନେବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। କିନ୍ତୁ ଶେଷରେ ପରିବାର ଲୋକେ ବାଧ୍ୟ ହୋଇ ୫ କିମି ଦୂର ପର୍ଯ୍ୟନ୍ତ ବନ୍ୟା ପାଣିରେ କାନ୍ଧେଇ ନେବା ପରେ ସ୍ୱର୍ଗରଥକୁ ମୃତଦେହକୁ ଅଣାଯାଇଥିଲା। ସେପଟେ ବନ୍ୟା ବିଭୀଷିକାରେ ଫସିଥିବା ଗ୍ରାମବାସୀଙ୍କ ପାଇଁ କୁମ୍ଭୀର ଭୟ ବିପଦ ସାଜିଛି। ବନ୍ୟା ପାଇଁ ବ୍ରାହ୍ମଣୀ ନଦୀ ପାଣି ଗାଁ ଭିତରକୁ ପଶିଥିବାରୁ ଏକାଧିକ କୁମ୍ଭୀର ଗାଁ ଭିତରେ ବୁଲୁଥିବା ନଜର ଆସିଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ରାତି ହେଲେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି।

## ବଡ଼ମା' ମାଡ଼ରେ ନାବାଳକ ପୁତୁରା ଗୁରୁତର

**ସାଲେପୁର,୧୮।୭(ସଂଚାର ବ୍ୟୁରୋ):** ବଡ଼ମା' ମାଡ଼ରେ ନାବାଳକ ପୁତୁରା ଗୁରୁତର। ପୁଅକୁ ଉଦ୍ଧାର କରିବାକୁ ଆସି ମା' ମଧ୍ୟ ହେଲେ ମାଡ଼ର ଶିକାର। ଏଭଳି ଅଭାବନୀୟ ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ଅଲ୍ଲିପୁର ଗାଁରେ । ସିସିଟିଭିରେ ମାଡ଼ର ଦୃଶ୍ୟ କଏଦ ହୋଇଛି । ଏନେଇ ବଡ଼ ମା ନାମରେ ଥାନାରେ ମାମଲା ରୁଜୁ କରାଯାଇଛି। ଗୁରୁତର ନାବାଳକ ଜଣକ ହେଲେ ଅଲ୍ଲିପୁର ଗାଁର ଶିଲ୍ପା ମହାନ୍ତିଙ୍କ ନାବାଳକ ପୁତ୍ର ସାଇସ୍ୱୟଂ ଖିଲାର(୧୩) । ଏନେଇ ଶିଲ୍ପା ମହାନ୍ତି ସାଲେପୁର ଥାନାରେ ଅଭିଯୋଗ କରିବା ସହ ପୁଅକୁ ମେଡିକାଲରେ ଚିକିତ୍ସା କରାଇଥିଲେ । ସୂଚନା ମୁତାବକ ସାଇସ୍ୱୟଂ ସାଇକେଲରେ ଆସୁଥିବା ବେଳେ ବଡ଼ ମା ସ୍ୱର୍ଣ୍ଣପ୍ରଭା ଖିଲାର ଆକ୍ରମଣ କରିଥିଲେ । ପୂର୍ବ ଶତ୍ରୁତାକୁ ନେଇ ଗାଳି ଦେବା ସହ ଏକ ପିଢ଼ା ପଟାରେ ଗୋଡ଼କୁ ବାଡେଇଥିଲେ । ଯାହା ଫଳରେ ସାଇସ୍ୱୟଂ ସାଇକେଲରୁ ପଡିଯାଇ ଚିତ୍କାର କରିଥିଲେ। ପୁଅର ଚିତ୍କାର ଶୁଣି ମା ଉଦ୍ଧାର କରିବାକୁ ଆସି ମାଡ଼ର ଶିକାର ହୋଇଥିଲେ। ଏହି ସମସ୍ତ ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଶିଲ୍ପା ମହାନ୍ତିଙ୍କ ଅଭିଯୋଗ ପରେ ସାଲେପୁର ପୋଲିସ ଏକ ମାମଲା ରୁଜୁ କରିଛି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପମାରି ବସିଯାଇଛି। ଅନ୍ୟପଟେ ସ୍ୱର୍ଣ୍ଣପ୍ରଭା ଏସ୍‌ଏଚ୍‌ଜିରେ ସିଆରପି ଭାବେ କାର୍ଯ୍ୟ କରନ୍ତି। ତେଣୁ ରାଜନେତାଙ୍କ ଛାତ୍ରଛାୟା ରହିଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## 'ସୁଶାସନ ଅଭ୍ୟାସ' ସଂକ୍ରାନ୍ତ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# ଅଭିନବ ଓ ନାଗରିକ କୈନ୍ଦ୍ରିକ ସଂସ୍କାର ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ଏଠାରେ ଗତକାଲି ଆରମ୍ଭ ହୋଇଥିବା 'ସୁଶାସନ ଅଭ୍ୟାସ' ସଂକ୍ରାନ୍ତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆରପିଜି) ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀର ଉଦ୍‌ଘାଟନୀ ଦିବସରେ କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଆଜି ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ସମ୍ମିଳନୀର ଚତୁର୍ଥ ଅଧିବେଶନରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ଅଭିନବ ବର୍ଗରେ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାରପ୍ରାପ୍ତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା। ଏହି ଅଧିବେଶନରେ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଏନବିଏସ ରାଜପୁତ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ଅଗ୍ରଣୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀର ଅନ୍ତିମ ବୈଷୟିକ ଅଧିବେଶନରେ ପ୍ରଯୁକ୍ତ ଆଧାରିତ ଓ ସାମାଜିକ ସ୍ତରରେ ପ୍ରଭାବୀ ପ୍ରଶାସନ ଉପରେ ଧ୍ୟାନ ଦିଆଯାଇ ଓଡ଼ିଶା ସରକାରଙ୍କ ଅଭିନବ କାର୍ଯ୍ୟକ୍ରମଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ଉଦଯାପନୀ ଅଧିବେଶନ ବେଶ ବିଚାରପୂର୍ଣ୍ଣ ଏବଂ ପ୍ରେରଣାଦାୟୀ ଥିଲା। ଡିଏଆରପିଜିର ଅତିରିକ୍ତ ସଚିବ ପୁନିତ ଯାଦବ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ସାରାଂଶ ଉପସ୍ଥାପନ କରିଥିଲେ। ସେ ପ୍ରଶାସନ କ୍ଷେତ୍ରରେ ଅଭିନବ କାର୍ଯ୍ୟକ୍ରମ, ସହଯୋଗ ଓ ନାଗରିକ କୈନ୍ଦ୍ରିକ ଆଭିମୁଖ୍ୟର ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ରାଜ୍ୟର ପ୍ରଶାସନିକ ସଂସ୍କାର ଉପରେ ବିଚାର ବ୍ୟକ୍ତ କରିବା ସହ ଏଭଳି ଏକ ଜାତୀୟ ମଞ୍ଚର ସହ-ଆୟୋଜନ ସୁଯୋଗ ମିଳିଥିବାରୁ ଖୁସି ପ୍ରକଟ କରିଥିଲେ। 'ସୁଶାସନ ଅଭ୍ୟାସ' ଉପରେ ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀ ଜ୍ଞାନ ବିନିମୟ, ସହଭାଗୀ ଶିକ୍ଷା ଓ ସାରା ଭାରତରୁ ଦୃଷ୍ଟାନ୍ତମୂଳକ ଜନସେବା କାର୍ଯ୍ୟକ୍ରମକୁ ସ୍ୱୀକୃତି ଦେବା ପାଇଁ ଏକ ପ୍ରଭାବଶାଳୀ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା।



# ରଙ୍ଗିଲା ତାନ୍ତ୍ରିକର କେଳେଙ୍କାରୀ



**ମୟୁରଭଞ୍ଜ,୧୮।୭ (ସଂଚାର ବ୍ୟୁରୋ) :** ସାମ୍ନାକୁ ଆସିଲା ରଙ୍ଗିଲା ତାନ୍ତ୍ରିକଙ୍କ କେଳେଙ୍କାରୀ । ମୟୁରଭଞ୍ଜରେ ଚଳାଇଥିଲେ ବାଘଛାଲ ଚୋରା ଚାଲାଣ ରାକେଟ୍ । ଅନ୍ତଃରାଜ୍ୟ ବାଘଛାଲ ରାକେଟ୍ର ଚେର ଖୋଳୁ ଖୋଳୁ ମିଳିଲା ସାଙ୍ଘାତିକ ତଥ୍ୟ । ଫିଟୁଛି ଗୋଟିଏ ପରେ ଗୋଟିଏ ଗୁମର । ଗିରଫ ହୋଇଥିବା ମୁଖ୍ୟ କାର୍ପଟଦାର ଶିକ୍ଷକ ଓ ତାନ୍ତ୍ରିକଙ୍କ ମୋବାଇଲରୁ ମିଳି ପାରେ ଚମକେଇ ଦେଲା ଭଳି ତଥ୍ୟ। ଧରା ପଡ଼ିଛି ଏକ ୭ ଜଣିଆ ରାକେଟ୍ । ଅଭିଯୁକ୍ତମାନଙ୍କ ମଧ୍ୟରେ ୨ ଜଣ ବାଲେଶ୍ୱର ଜିଲ୍ଲାର ଓ ଅନ୍ୟ ୨ ଜଣ ମୟୁରଭଞ୍ଜ ଜିଲ୍ଲା ଉଦଲା ବନାଞ୍ଚଳର ଏବଂ ୩ ଜଣ ବେତନଟୀ ବନାଞ୍ଚଳର ବୋଲି ଶିମିଳିପାଳ ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ ସୂଚନା ଦେଇଥିଲେ । ଗତ ମଙ୍ଗଳବାର ଦିନ ୩ଟି କଲରାପତରିଆ ବାଘଛାଲ ଜବତ କରିଥିଲା ବନ ବିଭାଗ। ଏହି ମାମଲାରେ ଜଣେ ତାନ୍ତ୍ରିକ ଓ ଜଣେ ଶିକ୍ଷକଙ୍କ ସମେତ ୭ ଜଣ ଅଭିଯୁକ୍ତ ଧରାପଡ଼ିଥିଲେ । ତେବେ ବାଘଛାଲ ରାକେଟରେ ସାମିଲ ଥିବା ଶିକ୍ଷକ ଓ ତାନ୍ତ୍ରିକଙ୍କୁ ନେଇ ଅନେକ ଚର୍ଚ୍ଚା। କୁଆଡ଼େ ଉଭୟ ବଶୀକରଣ ଆଳରେ ଶତାଧିକ ମହିଳାଙ୍କ ଶୋଷଣ କରିଥିବା କୁହାଯାଉଛି । ଏମିତିକି ଅଭିଯୁକ୍ତ ତାନ୍ତ୍ରିକର ମୋବାଇଲ୍ରୁ ମହିଳାମାନଙ୍କ ଶତାଧିକ ଆପତ୍ତିଜନକ ଫଟୋ ଓ ଭିଡିଓ ମିଳିଛି ବୋଲି ଆଲୋଚନା ହେଉଛି । ଗିରଫ ବେଳେ ସେମାନଙ୍କ ପାଖରୁ ମୋବାଇଲ୍ ଜବତ ହୋଇଥିଲା । ସେପଟେ ମୋବାଇଲରୁ ଅଶ୍ଳୀଳ ଫଟୋ ଓ ଭିଡିଓ ମିଳିବା କଥାକୁ ଖଣ୍ଡନ କରିଛନ୍ତି ବାରିପଦା ବନଖଣ୍ଡ ଅଧିକାରୀ । ଜବତ ମୋବାଇଲରେ କୌଣସି ଅଶ୍ଳୀଳ ଭିଡିଓ ନଥିବା ସେ କହିବା ସହିତ ଅଭିଯୁକ୍ତଙ୍କ ଫୋନ୍ ଗୁଡ଼ିକୁ ଫରେନସିକ ଯାଞ୍ଚ ପାଇଁ ପଠାଯାଇଥିବା ସୂଚନା ଦେଇଛନ୍ତି । ତେବେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଗୋଟିଏ ପରେ ଗୋଟିଏ କେଳେଙ୍କାରୀର ପର୍ଦ୍ଦାଫାଶ କରୁଛି ପୋଲିସ । ଅନ୍ୟପଟେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ସତର୍କତାର ସହ ବନ ବିଭାଗ ଏହାର ତଦନ୍ତ କରୁଛି ।

- **ମୋବାଇଲରେ ରଖିଥିଲା ୪ ଶହ ମହିଳାଙ୍କ ଅଶ୍ଳୀଳ ଫଟୋ**
- **ମୟୁରଭଞ୍ଜରେ ଚଳାଇଥିଲେ ବାଘଛାଲ ଚୋରା ଚାଲାଣ ରାକେଟ୍**

## ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର କର୍ମଶାଳା

# ଉନ୍ନତ ବଜାର ସୃଷ୍ଟି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ଚନ୍ଦ୍ରଶେଖରପୁର ବନ ବିଭାଗ ମୁଖ୍ୟ କାର୍ଯ୍ୟାଳୟ, ଅରଣ୍ୟ ଭବନର ସମ୍ମିଳନୀ କକ୍ଷଠାରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ବାଉଁଶ ଚାଷକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟ ନେଇ ବାଉଁଶ ଉଦ୍ୟୋଗୀ, ବାଉଁଶ ଶିଳ୍ପୀ, ବାଉଁଶ କାରିଗର ତଥା ବାଉଁଶ ଚାଷୀମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ କର୍ମଶାଳାକୁ ଉଦ୍‌ଘାଟନ କରି କହିଛନ୍ତି ଯେ ଏହି କର୍ମଶାଳା ଉତ୍ପାଦକମାନଙ୍କୁ ଗ୍ରାହକଙ୍କ ସହ ଯୋଡ଼ିବା ଉଦ୍ଦେଶ୍ୟ ନେଇ ଆୟୋଜିତ ହୋଇଛି। ଏଥିସହ ରାଜ୍ୟରେ ବାଉଁଶ ଉତ୍ପାଦଗୁଡିକ ପାଇଁ ଉନ୍ନତ ବଜାର ସୃଷ୍ଟି କରାଯିବା ସହ ବାଉଁଶ କାରିଗରମାନେ କିପରି ଅଧିକ ଲାଭ ପାଇପାରିବେ, ତା' ଉପରେ ମଧ୍ୟ ଶ୍ରୀ ପନ୍ଥ ଗୁରୁତ୍ୱାରୋପ କରିଥିଲେ।



କର୍ମଶାଳାରେ କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି. ରାଜେଶ, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କାର୍ତ୍ତିକ ଭି. ଯୋଗଦେଇଥିଲେ। କର୍ମଶାଳାରେ ମୋଟ ୩୪ଟି ସଂସ୍ଥା ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ କାରିଗର ବାଉଁଶ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏକ ମୂଲ୍ୟ ଶୃଙ୍ଖଳିତ ବ୍ୟବସ୍ଥା ସୃଷ୍ଟି କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ବାଉଁଶ ଶିଳ୍ପରେ ସହଯୋଗ ଓ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ଏକକ ମଞ୍ଚରେ ସମ୍ମିଳିତ କରିବ ଉପରେ ଆଲୋଚନା ହୋଇଛି। ବାଉଁଶ କ୍ଷେତ୍ରକୁ ଆଗକୁ ନେବା ପାଇଁ ଅଂଶୀଦାରମାନଙ୍କର ଦୃଷ୍ଟିକୋଣ ଓ ସୁଚିନ୍ତିତ ମତାମତ ପ୍ରକାଶ କରିବା ପାଇଁ ମଧ୍ୟ ସୁଯୋଗ ଦିଆଯାଇଥିଲା। ଏହି କର୍ମଶାଳାର ମୁଖ୍ୟ ଆକର୍ଷଣ ମଧ୍ୟରେ ନୂତନ ବଜାର ସୁଯୋଗ, ଅନୁସନ୍ଧାନ, ଉତ୍ପାଦ ଗୁଣବତ୍ତା ବୃଦ୍ଧି ଓ ବାଉଁଶର ଉପଯୋଗ ମାଧ୍ୟମରେ ପରିବେଶକୁ ଅଙ୍ଗାରକାମ୍ଳମୁକ୍ତ କରାଯିବା ଆଦି ଥିଲା। କାର୍ଯ୍ୟକ୍ରମଟି ବାଉଁଶ କ୍ଷେତ୍ରର ବିକାଶ ପାଇଁ ଏକାଠି କାମ କରିବା, ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କ ସାମୂହିକ ବିଶେଷଜ୍ଞତା ଓ ସମ୍ବଳର ଉପଯୋଗ ପାଇଁ ଏକ ନୂତନ ପ୍ରତିବଦ୍ଧତା ସହ ଶେଷ ହୋଇଥିଲା। ପରିଶେଷରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ଉପସଂଯୋଜିକା କିରଣବାଳା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଓଡ଼ିଶା ବନ୍ଦ ପ୍ରଭାବ

# ୧୫୦୦ କୋଟି କ୍ଷତି

ଭୁବନେଶ୍ୱର, ୧୮।୭: ବାଲେଶ୍ୱର ଏଫ୍ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ମାମଲାରେ ଆଜି କଂଗ୍ରେସ ଓ ବାମଦଳଗୁଡ଼ିକ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଥିଲା। ଏହି ବନ୍ଦ ଯୋଗୁ କେବଳ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି ଅର୍ଥନୀତିକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ଦୋକାନ ବଜାର ବନ୍ଦ ଠାରୁ ଆରମ୍ଭ କରି ଗାଡ଼ି ବସ, ଟ୍ରକ, ଟ୍ୟାକ୍ସି, ଅଟୋ ଆଦିର ଚକା ନଗଡ଼ିବା କାରଣରୁ ଓଡ଼ିଶା ଅର୍ଥନୀତିକୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ରାଜ୍ୟ ସରକାରଙ୍କ ୨୦୨୪-୨୫ର ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶା ଅର୍ଥନୀତିର ମୋଟ ଘରୋଇ ଉତ୍ପାଦ ବା ଜିଏସ୍‌ଡିପି ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କା ରହିଛି। ଅର୍ଥାତ୍ ରାଜ୍ୟର ଗୋଟିଏ ଦିନର ଜିଏସ୍‌ଡିପି ପ୍ରାୟ ୨୬୦୦ କୋଟି ଟଙ୍କା ହେବ। ସେହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ବନ୍ଦର ବଡ଼ ପ୍ରଭାବ ଅର୍ଥନୀତି ଉପରେ ପଡ଼ିଥିଛି। ରାଜ୍ୟ ଅର୍ଥନୀତିକୁ ଏଥିପାଇଁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା ମତ ଦେଇଛନ୍ତି।




### କେଉଁଥିରେ କେତେ କ୍ଷତି

| କ୍ଷେତ୍ର | କ୍ଷତି (ଟଙ୍କାରେ) |
|---|---|
| ଟ୍ରକ୍ | ୨୦୦ କୋଟି |
| ମିନି ଟ୍ରକ୍ | ୪୦ କୋଟି |
| ବସ୍ | ୮ କୋଟି |
| ଅଟୋ, ଟାକ୍ସି | ୮ କୋଟି |
| ପେଟ୍ରୋଲ୍, ଡିଜେଲ୍ | ୫୦ କୋଟି |

ବନ୍ଦ ପାଇଁ ପରିବହନ କ୍ଷେତ୍ରରେ ସବୁଠୁ ଅଧିକ କ୍ଷତି ହୋଇଛି। ବସ, ଟ୍ରକ, ଟ୍ୟାକ୍ସି, ଅଟୋ ଆଦି ଗଡ଼ି ପାରିନାହିଁ। ରାଜ୍ୟରେ ଅଢ଼େଇ ଲକ୍ଷ ଟ୍ରକ ଠିଆ ହେବା କାରଣରୁ ସେମାନଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର କ୍ଷତି ହୋଇଛି ବୋଲି ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସଂପାଦକ ରବି ଶତପଥୀ କହିଛନ୍ତି। ମିନିଟ୍ରକଗୁଡ଼ିକ ମଧ ପ୍ରାୟ ୪୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବୋଲି ନିଖିଳ ଓଡ଼ିଶା ମିନିଟ୍ରକ ମାଲିକ ମହାସଂଘର ସଭାପତି ଗଣେଶ ମାହାରୀ ସୂଚନା ଦେଇଛନ୍ତି। ତେଣୁ ଟ୍ରକ ଶିଳ୍ପକୁ ୨୪୦ କୋଟି ଟଙ୍କାର କ୍ଷତି ହୋଇଛି। ରାଜ୍ୟରେ ପ୍ରାୟ ୧୬ ହଜାର ସରକାରୀ ଏବଂ ଘରୋଇ ବସ ଚଳାଚଳ ବନ୍ଦ ରହିବା ଫଳରେ ୮ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି ବୋଲି ଓଡ଼ିଶା ଘରୋଇ ବସ୍ ମାଲିକ ମହାସଂଘର ସଭାପତି ଲୋକନାଥ ପାଣି କହିଛନ୍ତି। ଅଟୋ ଏବଂ ଟ୍ୟାକ୍ସି ଚଳାଚଳ କରି ନ ପାରିବା କାରଣରୁ ପ୍ରାୟ ୮ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି ବୋଲି ଓଡ଼ିଶା ଅଟୋ ଏବଂ ଟ୍ୟାକ୍ସି ମହାସଂଘର ସାଧାରଣ ସଂପାଦକ ପଦ୍ମନ ସାମଲ କହିଛନ୍ତି। କେବଳ ସେତିକି ନୁହେଁ, ଆଜି ବନ୍ଦ ପାଇଁ ପାଖାପାଖି ୪୦ ପ୍ରତିଶତ ପେଟ୍ରୋଲ ଓ ଡିଜେଲ ବିକ୍ରି ବାଧାପ୍ରାପ୍ତ ହୋଇଛି। ବନ୍ଦ ପାଇଁ ରାଜ୍ୟରେ ୫୦ କୋଟି ଟଙ୍କାର ପେଟ୍ରୋଲ ଓ ଡିଜେଲ ବିକ୍ରି ଠପ୍ ହୋଇଥିବା ଓଡ଼ିଶା ପେଟ୍ରୋଲିୟମ ଡିଲର ମହାସଂଘର ସାଧାରଣ ସଂପାଦକ ସଞ୍ଜୟ ଲାଠ ମତ ଦେଇଛନ୍ତି। କେବଳ ଗାଡ଼ି କିମ୍ବା ପେଟ୍ରୋଲ, ଡିଜେଲ ନୁହେଁ ବନ୍ଦ ପାଇଁ କଳ କାରଖାନାର ଉତ୍ପାଦନ ବନ୍ଦ, ଶ୍ରମିକମାନଙ୍କ କାର୍ଯ୍ୟ ସମୟ ନଷ୍ଟ ଆଦି କାରଣରୁ ମଧ ବଡ଼ଧରଣର କ୍ଷତି ରାଜ୍ୟ ସହିବାକୁ ପଡ଼ିଛି।

# ଆଇପିଏଲରୁ ମୋଟାଅଙ୍କର ରୋଜଗାର କରିଛି ବିସିସିଆଇ




ନୂଆଦିଲ୍ଲୀ, ୧୮।୭: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) କେବଳ ଯେ ବିଶ୍ୱ କ୍ରିକେଟରେ ଶୀର୍ଷରେ ଅଛି ତାହା ନୁହେଁ ଆର୍ଥିକ କ୍ଷେତ୍ରରେ ମଧ ଆଗୁଆ ଅଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ବିସିସିଆଇ ମୋଟ ୯୭୪୧.୭ କୋଟି ଟଙ୍କା ରାଜସ୍ୱ ରୋଜଗାର କରିଥିଲା। ଏହି ରୋଜଗାରର ୫୭୬୧ କୋଟି ଟଙ୍କା କେବଳ ଆଇପିଏଲରୁ ରୁ ଆସିଛି। ଯାହା ବୋର୍ଡର ମୋଟ ଆୟର ପ୍ରାୟ ୫୯% ରହିଛି। ଆଇପିଏଲର ସଫଳତା ପରେ ବିସିସିଆଇ ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ଆରମ୍ଭ କରିଥିଲା। ଡବ୍ଲୁପିଏଲରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩୭୮ କୋଟି ଟଙ୍କାର ରାଜସ୍ୱ ଆୟ କରିଥିଲା ବିସିସିଆଇ। ଆଇପିଏଲ ବ୍ୟତୀତ ବିସିସିଆଇର ଅନେକ ଆୟର ଉତ୍ସ ଅଛି। ଯେମିତି କି ବୋର୍ଡ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ପ୍ରସାରଣ ଅଧିକାର ଏବଂ ଅଣ-ଆଇପିଏଲ ମିଡିଆ ଡିଲରୁ ବିସିସିଆଇ ୩୬୧ କୋଟି ଟଙ୍କା ରୋଜଗାର କରିଥାଏ। କେବଳ ଏତିକି ନୁହେଁ ବୋର୍ଡ ତାର ନିବେଶ ଉପରେ ସୁଧ ଭାବରେ ୯୮୭ କୋଟି ଟଙ୍କା ରୋଜଗାର କରିଥିବା ବେଧଳେ ପ୍ରାୟ ୩୦ହଜାର କୋଟି ଟଙ୍କା ଗଚ୍ଛିତ ରହିଛି।

# ରୁପା ଦାମ୍ ବଢ଼ିବ, ସୁନା କମିବ

ନୂଆଦିଲ୍ଲୀ, ୧୮।୭: ଅନ୍ତର୍ଜାତୀୟ ଖ୍ୟାତନାମା ସଂସ୍ଥା ସିଟି ଗ୍ରୁପ୍ ପକ୍ଷରୁ ଆକଳନ କରାଯାଇଛି ଯେ ଆଗାମୀ ଦିନରେ ରୁପା ଦାମ୍‌ରେ ବୃଦ୍ଧି ଘଟିବ ଓ ସୁନା ଶସ୍ତା ହେବ। ଅନ୍ତର୍ଜାତୀୟ ବଜାରରେ ଦର କମ୍ ହେଲେ ଦେଶ ଭିତରେ ତାହା ଶସ୍ତା ହେବ। ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୫୦୦ ଟଙ୍କା ବଢ଼ି ୯୧,୦୫୦ ଟଙ୍କା ହୋଇଛି। ୨୪ କ୍ୟରେଟ୍ ଦାମ୍ ୯୯,୩୩୦ ଟଙ୍କାକୁ ବୃଦ୍ଧି ପାଇଛି। ରୁପା କେଜି ୧,୨୪,୦୦୦ ଟଙ୍କା ରହିଛି। ସିଟି ଗ୍ରୁପ୍ କହିଛି ଯେ ରୁପାର ଯୋଗାଣ କମ୍ ରହିବା ସହ ନିବେଶ ଚାହିଦା ବଢୁଥିବାରୁ ଏହାର ଆଉନ୍ସ ପିଛା ଦାମ୍ ୪୦ ଡଲାରକୁ ବୃଦ୍ଧି ପାଇବ। ଗତବର୍ଷ ରୁପା ଦାମ୍ ୨୪ ପ୍ରତିଶତ ବଢ଼ିବା ପରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ମହଙ୍ଗା ହୋଇସାରିଲାଣି। ଏହି ମୂଲ୍ୟ ଗତ ୧୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଆସନ୍ତା ୬-୧୨ ମାସ ମଧ୍ୟରେ ରୁପା ଦର ୪୩ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ସିଟି ଗ୍ରୁପ୍ ଆକଳନ କରିଛି। ବିଶ୍ୱ ରୁପା ବଜାରର ଆକାର ୩୦୦୦ କୋଟି ଡଲାର ରହିଛି। ଏକ୍ଷେତ୍ରରେ ଯୋଗାଣ କମ୍ ରହୁଥିବାରୁ ଚାହିଦାରେ ସାମାନ୍ୟ ପରିବର୍ତ୍ତନ ହେଲେ ତାହା ଦରକୁ ପ୍ରଭାବିତ କରିଥାଏ। ୨୦୨୫ରେ ଲଗାତାର ପଞ୍ଚମ ବର୍ଷ ପାଇଁ ରୁପାର ଚାହିଦା ଯୋଗଣଠାରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। ରୁପା ହେଉଛି ଏଭଳି ଏକ ମୂଲ୍ୟବାନ ଧାତୁ ଯାହାକୁ ଗହଣା, ଉପହାର ସାମଗ୍ରୀ ଏବଂ ସୌର ଶକ୍ତି, ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ୍ ଏବଂ ଅନ୍ୟାନ୍ୟ ଶିଳ୍ପରେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। ସୁନା ସମ୍ପର୍କରେ ସିଟି ଗ୍ରୁପ୍ କହିଛି ଯେ ୨୦୨୫ରେ ଏହାର ଦାମ୍ ୨୭ ପ୍ରତିଶତ ବଢ଼ିଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ସୁନା କିଣୁଥିବାରୁ ଦାମ୍ ବଢୁଛି। କିନ୍ତୁ ଦରବୃଦ୍ଧିର ଏହି ଧାରା ଆଗାମୀ ଦିନରେ ବଦଳିବ। ଆସନ୍ତା କିଛି ଦିନ ଭିତରେ ସୁନାର ଆଉନ୍ସ ପିଛା ଦାମ୍ ୩୦୦୦ ଡଲାର ତଳକୁ ଖସିବ। ୨୦୨୬ ମଧଭାଗ ସୁଦ୍ଧା ଏହି ଦର ୨୫୦୦-୨୭୦୦ ଡଲାର ସ୍ତରକୁ ଖସିଆସିବ ବୋଲି ଆକଳନ କରାଯାଇଛି।



ସିଟି ଗ୍ରୁପ୍ ଆକଳନ

# ଆସନ୍ତା ସପ୍ତାହରେ ବ୍ରିଟେନ୍ ସହ ରାଜିନାମା

ନୂଆଦିଲ୍ଲୀ, ୧୮।୭: ତିନି ବର୍ଷ ଆଲୋଚନା କରିବା ପରେ ଭାରତ ଓ ବ୍ରିଟେନ୍ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବାକୁ ମନ ସ୍ଥିର କରିଛନ୍ତି। ଆସନ୍ତା ସପ୍ତାହରେ ଏହି ଐତିହାସିକ ରାଜିନାମା ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ଏହି ଚୁକ୍ତି ପରେ ଭାରତର ଚମଡ଼ାରୁ ପ୍ରସ୍ତୁତ ସାମଗ୍ରୀ, ଜୋତା, ବୟନ ସାମଗ୍ରୀ, ଖେଳନା, ଗହଣା ଓ ରତ୍ନପଥର ଆଦି ଉପରେ ବ୍ରିଟେନ୍ ଲଗାଇଥିବା ଟିକସ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଯିବ। ଏଥି ସହିତ ବ୍ରିଟେନ୍‌ରୁ ଆସୁଥିବା ହ୍ୱିସ୍କି ଓ ଅନ୍ୟାନ୍ୟ ଉତ୍ପାଦ ଭାରତରେ ଶସ୍ତା ହେବ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ କାରବାରକୁ ୨୦୩୦ ସୁଦ୍ଧା ୧୨,୦୦୦ କୋଟି ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥି ସହିତ ଦୁଇ ଦେଶ ମଧ୍ୟରେ ଡିଜିଟାଲ୍, ଇଞ୍ଜିନିୟରିଂ ଓ ମାର୍କେଟିଂ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ମଧ ରହିଛି। ଭାରତ ଓ ବ୍ରିଟେନ୍ ମଧ୍ୟରେ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେଲେ ତାହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରାୟ ଏକ ବର୍ଷ ସମୟ ଲାଗିଯିବ। କାରଣ ତାହାକୁ ଉଭୟ ଦେଶର ସଂସଦରେ ଅନୁମୋଦନ ଆବଶ୍ୟକ ହେବ। ଭାରତରେ କ୍ୟାବିନେଟ୍ ମଞ୍ଜୁରି ଦରକାର।

**ବ୍ରିଟେନ୍ ଜିନିଷ ଶସ୍ତା ହେବ**

ବ୍ରିଟେନ୍ ସହ ରାଜିନାମା ହେଲେ ଜାଗୁଆର ଲ୍ୟାଣ୍ଡରୋଭର ଗାଡ଼ି ଶସ୍ତା ହେବ। ବ୍ରିଟେନ୍‌ରୁ ଆସୁଥିବା ସ୍କଚ୍, ହ୍ୱିସ୍କି ଓ ୱାଇନ୍ ଦାମ୍ କମିବ। ଫ୍ୟାସନ୍ ଓ ପୋଷାକ ଦାମ୍‌ରେ ହ୍ରାସ ହେବ। ବ୍ରିଟେନ୍‌ର ଆସବାବପତ୍ର ଓ ଇଲେକ୍ଟ୍ରିକାଲ୍ ଜିନିଷ ମଧ ଶସ୍ତାରେ ମିଳିବ। ତେବେ ଏହି ସବୁ କ୍ଷେତ୍ରରେ କାରବାର କରୁଥିବା ଭାରତୀୟ କମ୍ପାନିଗୁଡ଼ିକୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ସାମ୍ନା କରିବାକୁ ପଡ଼ିବ। ଚଳିତ ବର୍ଷ ମେ’ ମାସରେ ଉଭୟ ଭାରତ ଓ ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ସହିତ ଡବଲ୍ କଣ୍ଟ୍ରିବ୍ୟୁସନ୍ କନ୍‌ଭେନ୍‌ସନ୍‌କୁ ନେଇ ସହମତି ପ୍ରକାଶ କରିଥିଲେ। ସେଥିପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃତଜ୍ଞତା ମଧ ଜଣାଇଥିଲେ।

## କୋଲକାତାରେ ଅଜନ୍ତା ସୁଜ୍‌ର ଡିଲର୍ ସମ୍ମିଳନୀ

କୋଲକାତା, ୧୮।୭: ଅଜନ୍ତା ସୁଜ୍ ଇଣ୍ଡିଆର ଡିଲର୍ ସମ୍ମିଳନୀ କୋଲକାତା ଓ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର ଡିଲର୍‌ମାନେ ଯୋଗ ଦେଇଥିଲେ। ୨୦୨୬ ଜାନୁଆରିରେ କମ୍ପାନି ୭୦ତମ ବାର୍ଷିକୀ ପାଳନ କରିବାକୁ ପ୍ରସ୍ତୁତ ହେଉଛି। ଏଥି ସହିତ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ଲାଗି ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଆଣିବା ଉପରେ ବିଚାର କରୁଚି। ଚକ୍ରବୃଦ୍ଧି ହାରରେ ବାର୍ଷିକ ୩୫ ପ୍ରତିଶତ ଅଭିବୃଦ୍ଧି ସହ ୨୦୨୮ ସୁଦ୍ଧା କମ୍ପାନି ୧୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ପଶ୍ଚିମବଙ୍ଗରେ ହାୱାଇ ଚପଲ ବର୍ଗରେ କମ୍ପାନିର ବଜାର ଅଂଶ ୪୦ ପ୍ରତିଶତ ରହିଛି। ଏହା ପଶ୍ଚିମବଙ୍ଗ ସହିତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଅନ୍ୟ ଦକ୍ଷିଣ ଭାରତୀୟ ଅଞ୍ଚଳଗୁଡ଼ିକରେ ନିଜ ଉପସ୍ଥିତି ବଢ଼ାଇବା ଉପରେ ଜୋର୍ ଦେଉଛି।

# ଆଇସିଏଆର-ସିଟିସିଆରଆଇ ସହ ବେଦାନ୍ତର ବୁଝାମଣା

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରତୀୟ କୃଷି ଗବେଷଣା ପରିଷଦ - କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର-ସିଟିସିଆରଆଇ) ସହ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି ସହଭାଗୀତା ବକ୍ସାଇଟ୍ କୁ ଆଲୁମିନା ପାଉଡରରେ ବିଶୋଧନ କରିବା ପ୍ରକ୍ରିୟାରେ ପ୍ରାପ୍ତ ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ, ଲାଲ ମାଟିର ଅଭିନବ ବ୍ୟବହାର ମାଧ୍ୟମରେ ସ୍ଥାୟୀ କୃଷି ଏବଂ ବନୀକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏହି ଅଗ୍ରଣୀ ପଦକ୍ଷେପର ଲକ୍ଷ୍ୟ ହେଉଛି ଲାଲ ମାଟିକୁ ଏକ ପୁଷ୍ଟିକର-ସମୃଦ୍ଧ ବୃଦ୍ଧି ମାଧ୍ୟମରେ ପରିଣତ କରିବା, ଚାଷ, ଜମି ପୁନରୁଦ୍ଧାର ଏବଂ ପୂର୍ବ ଲାଲ ମାଟି ସଂରକ୍ଷଣ କ୍ଷେତ୍ରର ବନୀକରଣ ପାଇଁ ଏହାର ସମ୍ଭାବନାକୁ ଉନ୍ମୁକ୍ତ କରିବା। ବୈଜ୍ଞାନିକ ଏବଂ ଶିଳ୍ପ ବିଶେଷଜ୍ଞତାକୁ ବ୍ୟବହାର କରି, ଏହି ପଦକ୍ଷେପ ମାଟି ସ୍ୱାସ୍ଥ୍ୟ ବୃଦ୍ଧି କରିବା, ଫସଲ ଉତ୍ପାଦନ ବୃଦ୍ଧି କରିବା ଏବଂ ବୃହତ ପରିମାଣର ପରିବେଶଗତ ପୁନରୁଦ୍ଧାରକୁ ସମର୍ଥନ କରିବା ପାଇଁ ଚେଷ୍ଟା କରେ, ଏକ ପରିବେଶଗତ ଚ୍ୟାଲେଞ୍ଜକୁ ସମଗ୍ର ଭାରତରେ ସବୁଜ ଅଭିବୃଦ୍ଧି ପାଇଁ ଏକ ସୁଯୋଗରେ ପରିଣତ କରେ। ନିର୍ମାଣ ଏବଂ ସିମେଣ୍ଟ ଭଳି କ୍ଷେତ୍ରରେ ଲାଲ ମାଟି ପୂର୍ବରୁ ପୁନଃଉଦ୍ୟୋଗିତ ହୋଇଥିବାବେଳେ, ବେଦାନ୍ତ ଆଲୁମିନିୟମ ଏବେ ଏହାକୁ ସମୃଦ୍ଧ କୃଷି ଇକୋସିଷ୍ଟମରେ ରୂପାନ୍ତରିତ କରିବା ଆରମ୍ଭ କରିଛି। କେରଳର ମାନ୍ୟବର ରାଜ୍ୟପାଳ ଶ୍ରୀ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ଉପସ୍ଥିତିରେ ଏହି ବୁଝାମଣା ହୋଇଥିଲା। ଏଥିରେ ଆଇସିଏଆର-ସିଟିସିଆରଆଇ ବୈଜ୍ଞାନିକଙ୍କର ଏକ ଟିମ୍ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଆଇସିଏଆର-ସିଟିସିଆରଆଇ ନିର୍ଦ୍ଦେଶକ ଡକ୍ଟର ବାଇଜୁ ନେତୃତ୍ୱ ନେଇଥିବା ବେଳେ ଡକ୍ଟର ଭି. ରମେଶ, ଡକ୍ଟର ଏମ୍. ନେଦୁଚେନଝିୟାନ୍ ଏବଂ ଡକ୍ଟର ପି. ସେତୁରାମନ୍ ଶିବକୁମାର ସାମିଲ ଥିଲେ। ଦୀର୍ଘକାଳୀନ ଦୃଷ୍ଟିରୁ ଏହାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି, ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀ ରାଜୀବ କୁମାର କହିଛନ୍ତି, ‘ବେଦାନ୍ତର ଅନ୍ୟାନ୍ୟ ଅନେକ ବୃତାକାର ଅର୍ଥନୀତି ମାର୍ଗ ମଧ୍ୟରେ ଏହି ଉଦ୍ୟମ ସ୍ଥାୟୀତ୍ୱ ଏବଂ ପରିବେଶଗତ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ। ଏହି ସହଯୋଗ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ଏବଂ ଆଇସିଏଆର-ସିଟିସିଆରଆଇ ଏକ ପରିବେଶଗତ ସୁଯୋଗ ସୃଷ୍ଟି କରୁଛନ୍ତି ଯାହା ଦର୍ଶାଉଛି ଯେ ବୈଜ୍ଞାନିକ ଏବଂ ଶିଳ୍ପ ସମନ୍ୱୟ କିପରି ପରିବେଶଗତ ଏବଂ ଶିଳ୍ପ ଚ୍ୟାଲେଞ୍ଜକୁ ସମାଧାନ କରିପାରିବ। ଆମେ ଏକ ଭବିଷ୍ୟତ ପାଇଁ ମୂଳଦୁଆ ସ୍ଥାପନ କରୁଛୁ ଯେଉଁଠାରେ ଲାଲ ମାଟି ଭଳି ଶିଳ୍ପ ଉପ-ଉତ୍ପାଦକୁ ପରିବେଶଗତ ସମ୍ମତି ଭାବରେ ପ୍ରଭାବଶାଳୀ ଭାବରେ ପୁନଃଉଦ୍ୟୋଗ କରାଯିବ, ଏକ ପ୍ରକୃତ ‘ଲାଲରୁ ସବୁଜ’ ବିପ୍ଳବ।



# ସପ୍ତାହର ଶେଷ ଦିନରେ ଖସିଲା ପୁଞ୍ଜି ବଜାର

ନୂଆଦିଲ୍ଲୀ, ୧୮।୭: ଭାରତୀୟ ସେୟାର ବଜାର ସପ୍ତାହର ଶେଷ କାରବାରରେ ବଡ଼ ହ୍ରାସ ଦେଖିଛି। ବିଏସ୍‌ଇ ସେନ୍‌ସେକ୍ସ ୫୦୧.୫୨ ଅଙ୍କ ବା ୦.୬୧ ପ୍ରତିଶତ ଖସି ୮୧,୭୫୭.୭୩ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୧୪୩.୦୫ ଅଙ୍କ ବା ୦.୫୭ ପ୍ରତିଶତ ଖସି ୨୪,୯୬୪.୪୦ ସ୍ତରରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ବ୍ୟାଙ୍କିଂ ଓ ଏଫ୍‌ଏମ୍‌ସିଜି ସେୟାରରେ ଦେଖିବାକୁ ମିଳିଛି। ବ୍ରଡର ମାର୍କେଟରେ ବି ଚାପ ଦେଖିବାକୁ ମିଳିଥିଲା। ଏହି କାରଣରୁ ନିବେଶକଙ୍କୁ ଆଜି ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗ୍ଲୋବାଲ୍ ବଜାରରେ ଦୁର୍ବଳ ସଂକେତ ଓ ଆକ୍ସିସ୍ ବ୍ୟାଙ୍କ ସମେତ ଅନେକ କମ୍ପାନିର ଦୁର୍ବଳ ପରିଣାମ ନିବେଶକଙ୍କ ସେଣ୍ଟିମେଣ୍ଟ ଉପରେ ପ୍ରଭାବ ପକାଇଛି। ଏବେ ନିବେଶକଙ୍କ ନଜର ସୋମବାର ଜୁଲାଇ ୨୧ରେ କିଛି ବଡ଼ କମ୍ପାନିର ପରିଣାମ ଉପରେ ରହିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ଦିନ ନିଜର ଜୁନ୍ ତ୍ରୈମାସର ପରିଣାମ ଘୋଷଣା କରିବେ। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁଲାଇ ୧୮ରେ ହ୍ରାସ ପାଇଁ ୪୮୦.୩୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ଜୁଲାଇ ୧୭ରେ ଏହା ୪୬୦.୮୭ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ ଆଜି ୨.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସରଳ ଶବ୍ଦରେ ରହିବାକୁ ଗଲେ ନିବେଶକଙ୍କୁ ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୭ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ଏଥିରେ ବଜାଜ ଫାଇନାନ୍ସର ସେୟାରରେ ସବୁଠୁ ଅଧିକ ୧.୯୪ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପଟେ ୨୩ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ଏଥିରେ ଆକ୍ସିସ୍ ବ୍ୟାଙ୍କ ସେୟାର ୫.୨୪ ପ୍ରତିଶତ ହ୍ରାସ ସହ ଟପ୍ ଲୁଜର ହୋଇଛି।

**ନିବେଶକଙ୍କ କ୍ଷତି ୨.୫୭ ଲକ୍ଷ କୋଟି**

# ମହିନ୍ଦ୍ରାର ନୂଆ ଏକ୍ସୟୁଭି ୩ଏକ୍ସଓ ଆର୍‌ଇଭିଏକ୍ସ




ମୁମ୍ବାଇ, ୧୮।୭: ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ପକ୍ଷରୁ ନୂଆ ଏକ୍ସୟୁଭି ୩ଏକ୍ସଓ ଆର୍‌ଇଭିଏକ୍ସ ସିରିଜ୍ ଉନ୍ମୋଚନ କରାଯାଇଛି। ଏହି ଏସ୍‌ୟୁଭିର ଦାମ୍ ୮.୯୪ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏକ୍ସୟୁଭି ୩ଏକ୍ସଓ ସିରିଜ୍ ବର୍ଷରୁ କମ୍ ସମୟ ଭିତରେ ୧ ଲକ୍ଷରୁ ଅଧିକ ବିକ୍ରି ମାଇଲଖୁଣ୍ଟ ହାସଲ କରିଛି। ଆର୍‌ଇଭିଏକ୍ସ ସିରିଜ୍ ଜରିଆରେ ଏହାର ପୋର୍ଟଫୋଲିଓ ଆହୁରି ବଢ଼ିଛି। ଆର୍‌ଇଭିଏକ୍ସର ତିନିଟି ଭାରିଆଣ୍ଟ ରହିଛି। ଆର୍‌ଇଭିଏକ୍ସ ଏମ୍‌ର ଏକ୍ସ ସୋ’ରୁମ୍ ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହଛି। ଏଥିରେ ୧.୨ ଲିଟର ଏମ୍‌ଷ୍ଟାଲିୟନ୍ ଟିସିଏମ୍‌ପିଏଫ୍‌ଆଇ ଇଞ୍ଜିନ ରହିଛି ଯାହା ୮୨ କିଲୋୱାଟ୍‌ର ଶକ୍ତି ଓ ୨୦୦ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି। ଏଥିରେ ଏଲ୍‌ଇଡି ଡିଆର୍‌ଏଲ୍, ୨୬.୦୩ ସେମି ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍, ଡିସ୍କବ୍ରେକ୍ ଭଳି ସୁବିଧା ରହିଛି। ଆର୍‌ଇଭିଏକ୍ସ ଏମ୍ (ଓ) ମଡେଲ୍‌ର ଏକ୍ସ ସୋ’ରୁମ୍ ଦାମ୍ ୯.୪୪ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏଥିରେ ସିଙ୍ଗଲ୍ ପେନ୍ ସନ୍‌ରୁଫ୍ ରହିଛି ଯାହା କ୍ୟାବିନ୍ ଅନୁଭୂତିରେ ଉନ୍ନତି ଆଣିବ। ଆର୍‌ଇଭିଏକ୍ସ ଏ ମଡେଲ୍‌ର ଏକ୍ସ ସୋ’ରୁମ୍ ଦାମ୍ ୧୧.୭୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ସମସ୍ତ ମଡେଲ୍ ଗାଲାକ୍ସି ଗ୍ରେ, ଟାଙ୍ଗୋ ରେ୍, ନେବୁଲା ବ୍ଲୁ, ଏଭରେଷ୍ଟ ହ୍ୱାଇଟ୍ ଓ ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଉପଲବ୍ଧ ହୋଇଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୩୩୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୦୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୩୩୦ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୩୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୯୯, ୩୩୦ ଓ ୯୧ ହଜାର ୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୪ ,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।

# ଶିଳ୍ପାଞ୍ଚଳ ବିକାଶର ବିକଳ ଚିତ୍ର

## ରାସ୍ତା ଉପରେ ଅଣ୍ଟେ ଅଣ୍ଟେ ପାଣି




**କଳିଙ୍ଗନଗର,୧୮।୭ (ସଂଚାର ବ୍ୟୁରୋ):** ଦୀର୍ଘ ୩ଦଶନ୍ଧି ରୁ ଊର୍ଦ୍ଧ୍ୱ ହେବ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପ ନଗରୀ ବିଶ୍ୱ ଦରବାର ରେ ଷ୍ଟିଲ ହବ ବୋଲି ପରିଚୟ ଲାଭ କରିଛି। କିନ୍ତୁ ଦୁଃଖ ଦୁର୍ଭାଗ୍ୟ ର କଥା ସାଧାରଣ ସର୍ବ ନିମ୍ନ ଭିତ୍ତି ଭୂମି ଅସଜଡ଼ା ହୋଇ ପଡ଼ିଛି। ଜରୁରୀ କାଳୀନ ସମୟରେ ଏହି ଶିଳ୍ପାଞ୍ଚଳ ଭିତରୁ କୌଣସି ରାସ୍ତାରୁ ଶୀଘ୍ର ବାହାରି ହେବ ନାହିଁ। ଗୋଟେ ବଡ଼ ସମସ୍ୟା ବ୍ୟାସନଗର ରୁ ଡୁବୁରୀ ରାଜ ରାସ୍ତା ର ଜୀବନ ରେଖା ମାନପୁର ର ୱାନ ୱେ ଓଭର ବ୍ରିଜ ରାସ୍ତା। ଟ୍ରାଫିକ ଜାମ ହୋଇ ପ୍ରତି ମୁହୁର୍ତରେ। ସମସ୍ତେ ଙ୍କୁ ଅଣ ନିଶ୍ୱାସୀ କରୁଥିବା ବେଳେ, ଓଭର ବ୍ରିଜ ପାଖ ଜିନ୍ଦଲ ରୁ କେ. ଜେ. ଇସ୍ପାତ ଦେଇ ଯଖପୁରା ଭିସା କାରଖାନା ପ୍ରଯ୍ୟନ୍ତ ଯେଉଁ କମନ କରିଡର ରାସ୍ତା ଟି ହୋଇଛି କେ. ଜେ ଇସ୍ପାତ ପାଖରେ ଅଣ୍ଟେ ଉଚ୍ଚା ର ପାଣିରେ ଯାଉଛନ୍ତି ଗାଡି ମଟର, ବାଇକ ବାଲା ଯିବା ବହୁତ କଷ୍ଟକର ହୋଇ ପଡ଼ିଛି। ସେହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଛି କିନ୍ତୁ ଜନସାଧାରଣ କିଛି ସୁଫଳ ପାଉ ନାହାନ୍ତି। ସେହିପରି ଭିସା ପାଖରେ ମାନତିରା ଆଡକୁ ଯିବା ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ଯେଉଁ ରାସ୍ତା ଗୁଡିକ ମରାମତି ହେଉଛି ଅଢେଇ ଦିନ ଯାଉନାହିଁ ପିଚୁ ଉଠି ଗାଡ଼ ହେଇ ମରଣ ଯନ୍ତା ପାଲଟୁଛି। ତେଣୁ ଦୁଃଖ ଦୁର୍ଭାଗ୍ୟ ର କଥା ଶିଳ୍ପ ନଗରୀ ରେ ଯାତାୟାତ ପାଇଁ ଆଜି ପ୍ରଯ୍ୟନ୍ତ ଗମନା ଗମନା ର ସୁବିଧା ହୋଇ ପାରିଲା ନାହିଁ। ଯାହା ଫଳରେ ଦୁର୍ଘଟଣା ବଢ଼ି ଧନ ଜୀବନ କ୍ଷତି ହେଉଛି। ପ୍ରଶାସନ କି ଶିଳ୍ପ କର୍ତୃପକ୍ଷ ଙ୍କ ତରଫରୁ କୌଣସି ବ୍ୟବସ୍ଥା ନାହିଁ, ସବୁ ରାସ୍ତା ରାତିହେଲେ ଅନ୍ଧକାର।

# ୪ ବର୍ଷର ଶିଶୁକୁ ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**ଫୁଲବାଣୀ,୧୮।୭ (ସଂଚାର ବ୍ୟୁରୋ):** ଜଣେ ୪ ବର୍ଷର ଶିଶୁଙ୍କୁ ଦୁଷ୍କର୍ମ ଏବଂ ତାଙ୍କ ମାଙ୍କୁ ଅସଦାଚାରଣ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ପୋକସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୩୦ ହଜାର ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୧୩ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଅଞ୍ଚଳର ଶଙ୍କର ପ୍ରଧାନ(୨୬)। ଘଟଣା ଅନୁଯାୟୀ, ୨୦୨୪ ମସିହା ଜାନୁଆରୀ ୩୦ ତାରିଖ ଦିନ ଅଭିଯୁକ୍ତ ଶଙ୍କର ପ୍ରଥମେ ପିଡିତାଙ୍କ ଘରକୁ ଯାଇ ତାଙ୍କ ମାଙ୍କୁ ଅସଦାଚାରଣ କରିଥିଲେ। ଏହି ବିଷୟରେ ମହିଳା ଜଣକ କାହାକୁ କିଛି କହି ନଥିଲେ। ଏହାର ଠିକ ୭ ଦିନ ପରେ ଅଭିଯୁକ୍ତ ଜଣକ ପୁଣି ତାଙ୍କ ଘରକୁ ଯାଇଥିଲେ। ତେବେ ମହିଳା ଜଣଙ୍କ ତାଙ୍କ ଦୋକାନରେ ଥିବା ବେଳେ ଘର ଭିତରେ ଥିବା ୪ ବର୍ଷର ଝିଅକୁ ଏକୁଟିଆ ପାଇ ଶଙ୍କର ତାଙ୍କ ସହ ଦୁଷ୍କର୍ମ କରି ଚାଲି ଯାଇଥିଲା। ଏନେଇ ପରେ ପିଡିତା ଶିଶୁ ଜଣଙ୍କ ତାଙ୍କ ମାଙ୍କୁ କହିଥିଲେ। ହେଲେ ମହିଳା ଜଣଙ୍କ ଏନେଇ କାହାକୁ କହି ନ ଥିଲେ। ପୁଣି ଫେବୃୟାରୀ ୧୫ ତାରିଖରେ ଅଭିଯୁକ୍ତ ଶଙ୍କର ଗ୍ରାମର



ଆଉ ଜଣେ ମହିଳାଙ୍କୁ ଅସଦାଚାରଣ କରିଥିଲେ। ସମ୍ପୃକ୍ତା ମହିଳା ଘଟଣା ବିଷୟରେ ଜଣାଇବାରୁ ୧୬ ତାରିଖରେ ଗ୍ରାମରେ ସଭା ବସିଥିଲା। ସେହି ସଭାରେ ପୂର୍ବରୁ ଅସଦାଚାରଣ ହୋଇଥିବା ମହିଳା ନିଜ କଥା ଏବଂ ଝିଅକୁ ବଳାତ୍କାର ହୋଇଥିବା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ମହିଳା ୧୯ ତାରିଖରେ ରାଇକିଆ ଥାନାରେ ଏନେଇ ଏତଲା ଦେଇଥିଲେ। ପୋଲିସ ୨୦/୨୪ରେ ଏକ ମାମଲା ରୁଜୁ କରି ଶଙ୍କରଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ଶୁଣାଣୀ କରି ବିଚାରପତି ମନୋରଞ୍ଜନ ଦାସ ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଦେବା ସହ ପିଡୀତାଙ୍କୁ କ୍ଷତି ପୁରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ନିବାରଣ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା




**ବରଗଡ଼,୧୮।୭ (ସଂଚାର ବ୍ୟୁରୋ):** କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ ୨୦୧୩ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଏକ ଦିବସୀୟ କର୍ମଶାଳା ସ୍ଥାନୀୟ ଜଳ ବିଭାଜିକା ପ୍ରକଳ୍ପ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଛି। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ କର୍ମଶାଳରେ ଆଇନଜୀବୀ ଶ୍ରୀମତୀ ଭୈରବୀ ସାହୁ ଏବଂ ଶ୍ରୀ ସୀତାରାମ ମେହେର ସାଧନ କର୍ମୀ ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ ୨୦୧୩ର ମୂଳ ଲକ୍ଷ୍ୟ ବୁଝାଇ କହିବା ସହ କର୍ମସ୍ଥଳରେ ମହିଳାଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନ ରୋକିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ସ୍ଥାନୀୟ ଅଭିଯୋଗ କମିଟିର ଗଠନ ଓ କାର୍ଯ୍ୟ ପ୍ରକ୍ରିୟା ତଥା କମିଟିର ସଦସ୍ୟ ଚୟନ ପ୍ରକ୍ରିୟା ସଦସ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୁଝାଇ ଯୌନ ନିର୍ଯ୍ୟାତନା ନିବାରଣ ଜିଲ୍ଲା ଅଧିକାରୀ ଏବଂ ନୋଡାଲ ଅଧିକାରୀଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ଡ଼ିଏସଡ଼ବ୍ଲୁଓ ଶ୍ରୀମତୀ ସନ୍ଧ୍ୟାରାଣୀ ନେପାକଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ଅଗ୍ରଣୀ ସାମଜସେବା ଅନୁଷ୍ଠାନ ତଥା ଏନଜିଓ କର୍ମୀଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ନୀଳଗିରି ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ



**ନୀଳଗିରି,୧୮।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳନି କକ୍ଷ ପରିସରରେ ସୁକ୍ରବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳଗିରି ବ୍ଲକର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନିଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ଶ୍ରୀମତୀ ସୋନମ୍ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ଉପାଧ୍ୟାୟ, ସମିତି ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ସଦସ୍ୟା ରଞ୍ଜିତା ସିଂ ଓ ସୁବର୍ନାମଞ୍ଜରୀ ସିଂ ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ବରେଣ୍ୟ ଅତିଥି ଗଣ ସଭା ପୂର୍ବରୁ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦିବ୍ୟଂଗତ ଛାତ୍ରୀ ସୁମ୍ୟାଶ୍ରୀ ବିଶି ଆମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ୫ମ ସାଧାରଣ ବୈଠକରେ ଅଧ୍ୟକ୍ଷତା କରୁଥିବା ପଞ୍ଚାୟତ ସମିତିର ଅଧକ୍ଷା ଶ୍ରୀମତୀ ମାଝୀ ଉପସ୍ଥିତ ବରେଣ୍ୟ ଅତିଥି ସମେତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ସ୍ୱାଗତ ସମ୍ଭାଷଣ କରିବାପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡାଙ୍କୁ ବିଗତ ବୈଠକର ବିବରଣୀ ସହିତ ଚଳିତ ବୈଠକର ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ। ଏଥିରେ ନୀଳଗିରି ପଞ୍ଚାୟତ ସମିତିର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧି ଯୋଗ ଦେଇ ନିଜ ନିଜର ଅଞ୍ଚଳର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ଏବଂ ପ୍ରସ୍ତାବ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସ୍ଥିତ ସଭ୍ୟାସଭ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ବାର୍ଦ୍ଧକ୍ୟ ଭତ୍ତା, ଖାଉଟି କାର୍ଡ, ଜଙ୍ଗଲ ଜମି ପଟ୍ଟା, ମହିଳା ଓ ଶିଶୁ ବିକାଶ, ପ୍ରଧାନ ମନ୍ତ୍ରୀ ଆବାସ ଗୃହ, ରାସ୍ତା ଘାଟ, ବିଦ୍ୟୁତ୍ ସେବା ଉପରେ ସମୀକ୍ଷା କରାଯାଇଥିଲା।

## ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ

**ବେତନଟୀ,୧୮।୭ (ସଂଚାର ବ୍ୟୁରୋ):** ବେତନଟୀର ଏମ.ପି.ସି. ହାଇସ୍କୁଲରେ ଜୁଭେନାଇଲ ଜଷ୍ଟିସ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ ଏବଂ ଶିକ୍ଷା ଅଧିକାର ଆଇନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେତନଟୀ କୋର୍ଟର ବିଚାରପତି ସୁଶ୍ରୀ ରଶ୍ମିନାରାୟଣୀ ମିଶ୍ର ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ.ପି.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଅର୍ଜୁନ ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ମହେଶ୍ୱର ପଣ୍ଡା, ଓକିଲ ସଙ୍ଘର ସଭାପତି ଶ୍ରୀ ଦେବବ୍ରତ ପରିଡା ଏବଂ ସମ୍ପାଦକ ଶ୍ରୀ ପ୍ରବୀର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଶିଶୁ ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ସମାଜକୁ ସଚେତନ କରାଇବାରେ ସମଷ୍ଟିଗତ ପ୍ରୟାସର ମହତ୍ତ୍ୱକୁ ଦର୍ଶାଇଥିଲା।ବିଚାରପତି ସୁଶ୍ରୀ ରଶ୍ମିନାରାୟଣୀ ମିଶ୍ର ତାଙ୍କ ଅଭିଭାଷଣରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ଅଧିକାର ସୁରକ୍ଷା ଏବଂ ଆଇନ ସହ ଛନ୍ଦି ଥିବା ଶିଶୁମାନଙ୍କ ପାଇଁ ଜୁଭେନାଇଲ ଜଷ୍ଟିସ ଆଇନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଏହି ଆଇନର ମୁଖ୍ୟ ଧାରାଗୁଡିକ ବିଷୟରେ ଆଲୋଚନା କରି ଦୁର୍ବଳ ଓ ଅବହେଳିତ ଶିଶୁମାନଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କର ପୁନର୍ବାସନ ଓ ସମାଜରେ ପୁନଃ ସଂଯୋଗୀକରଣ ପାଇଁ ଆଇନଗତ ପ୍ରଣାଳୀ ବୁଝିବାକୁ ସଭିଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାର ଅଧିକାର ଆଇନ ଉପରେ ଆଲୋଚନାରେ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କ ପାଇଁ ମାଗଣା ଏବଂ ବାଧତାମୂଳକ ଶିକ୍ଷା ପ୍ରଦାନ କରିବାର ଏହାର ଆଦେଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଚାରପତି ମିଶ୍ର ଆର୍ଥ-ସାମାଜିକ ବାଧା ହେତୁ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେବା ପାଇଁ ସମୁଦାୟର ଭାଗିଦାରୀର ମହତ୍ତ୍ୱ ଉପରେ ଜୋର ଦେଇଥିଲେ।

# କୋର୍ଟ ଆଦେଶ ନମିଳିବା ପର୍ଯ୍ୟନ୍ତ ମାଛଧରା ବାରଣ

**ନୀଳଗିରି,୧୮।୭ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ଅଧୀନସ୍ଥ କହାଳିଆ ଗ୍ରାମର ଶ୍ରୀ ଶ୍ରୀ ରାହାସବିହାରୀ ଜୀଉ ଠାକୁରଙ୍କ ନାମରେ ଥିବା ପୋଖରୀରୁ ମାଛମାରିବାକୁ ନେଇ ଗ୍ରାମର ଦୁଇଟି ସାହି ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟୁଥିବା ବେଳେ, ଆଜି ନୀଳଗିରି ପୋଲିସ ହସ୍ତକ୍ଷେପ କରି କୋର୍ଟଆଦେଶ ପର୍ଯ୍ୟନ୍ତ ପୋଖରୀରୁ କେହି ମାଛ ଧରିପାରିବେ ନାହିଁ ବୋଲି ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ଉଭୟପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ସୂଚନାରୁ ଜଣାଯାଇଛି, ୧୮୬୬ମସିହା ନଅଙ୍କଦୁର୍ଭିକ୍ଷ ବେଳେ, ଉକ୍ତ ପୋଖରୀକୁ ନୀଳଗିରି ରାଜା ଖୋଳାଇ ଥିଲେ। ଏ ୦୧.୭୬ ଡିସିମିଲ ଜମିରେ ଜଳାଶୟ ଓ ୪୦କଡି ଓସାରର ଆଡି ଥିଲା। ଏହା ସର୍ବସାଧାରଣଙ୍କ ପାନୀୟ ଜଳପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ଚକ୍ରଧର ପୁର ସାହିର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ଲୋଲୁପ ଦୃଷ୍ଟିପକାଇ ୨୦୧୫ ମସିହାରେ, ଉକ୍ତ ପୋଖରୀରେ ମାଛ ଚାଷକରି, ପାଣିକୁ ନଷ୍ଟକରିବା ସହିତ ଆଡି୪୦ କଡିକୁ ହାଣି ପୋଖରୀରେ ମିଶାଇ ଦେଇଥିଲେ। ଫଳରେ ଏହି ଆଡିକୁ ରାସ୍ତାରୂପେ ବ୍ୟବହାର କରୁଥିବା ପ୍ରାୟ୩ଶହ ଲୋକ ପାଣି ଘେରରେ ରହିଥିଲେ। ଏଥିପାଇଁ ଉକ୍ତ ପୋଖରୀକଡ଼ରେ ବସବାସ କରୁଥିବା ପୋଖରୀସାହି ଲୋକମାନେ ନୀଳଗିରି ସବଜଜ୍ କୋର୍ଟରେ କେସ ନମ୍ବର ୧୭/୨୦୨୫ ଓ ୧୦୬/୨୦୨୫ ଦେୱାନି ମକଦ୍ଦମା କରିଥିବା ବେଳେ କୋର୍ଟ ସ୍ଥିତାବସ୍ଥାବଜାୟ ରଖିବାପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପୌର ପରିଷଦରେ ନୂତନ ଇଓଙ୍କ ଦାୟିତ୍ୱ ଗ୍ରହଣ




**ହିଂଜିଳିକାଟୁ,୧୮।୭ (ସଂଚାର ବ୍ୟୁରୋ):** ହିଂଜିଳିକାଟୁ ପୌରପରିଷଦର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସୁକାନ୍ତ ଚନ୍ଦ୍ର ବେଉରା ଶୁକ୍ରବାର ସନ୍ଧ୍ୟାରେ ଦାୟିତ୍ୱ ଗ୍ରହଣ କରିଛନ୍ତି।ଏହା ପୂର୍ବରୁ ଶ୍ରୀ ବେଉରା ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ।ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।ଆଜି ପ୍ରଥମ ଦିନରେ ସମସ୍ତ କର୍ମଚାରୀ ଓ ଅଧିକାରୀ ମାନେ ତାଙ୍କୁ ସ୍ୱାଗତ କରିଥିଲେ।

## ଦୋକାନରୁ ଚୋରି ମାମଲାରେ ଅଭିଯୁକ୍ତ ଗିରଫ



**ନୀଳଗିରି,୧୮।୭ (ସଂଚାର ବ୍ୟୁରୋ):** କିଛି ଦିନ ଧରି ନିଳଗିରି ସହରରେ ଥିବା ବିଭିନ୍ନ ଦୋକାନରୁ ହଜାର ହଜାର ଟଙ୍କା ଚୋରି ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଗତ ୨୩/୬/୨୫ରିଖ ରାତିରେ ନିଳଗିରି ଦୁର୍ଗାମଣ୍ଡପ ଛକରେ ଥିବା ରଘୁନାଥ ମେଡିସିନ ଷ୍ଟୋରରୁ ସ୍କାଇ ଲାଇଟ୍ ଭାଙ୍ଗି ଦୋକାନରେ ଥିବା ୪୫ହଜାର ଟଙ୍କା ଚୋରି ହୋଇଥିବା ନେଇ ନିଳଗିରି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଜଗଦ୍ଧାତ୍ରୀ ବଜାରରୁ ଅନୁରୂପ ଭାବେ ଏକ ଗ୍ରୋଷୋରୀ ଦୋକାନରୁ ୧୫ହଜାର ଟଙ୍କା ଚୋରି ହୋଇଥିଲା। କିଏ ଚୋରି କରୁଛି ବୋଲି ଦୋକାନୀଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ପୋଡାସୁଲ ଡେଙ୍ଗାସାହି ଗ୍ରାମର ଚୈତନ୍ୟ ସରେନ ବୋଲି। ସେ ନିଳଗିରିରେ ବିଭିନ୍ନ ଦୋକାନରେ କାମ କରୁଥିବା ବେଳେ ବିଭିନ୍ନ ଦୋକାନ ଉପରେ ନଜର ରଖୁଥିଲା। ନିଶବ୍ଦ ରାତ୍ରିରେ ବିଭିନ୍ନ ଦୋକାନର ସ୍କାଲାଇଟ୍ ଭାଙ୍ଗି ଟଙ୍କା ଚୋରି କରୁଥିଲା। ଗତ ଗୁରୁବାର ଦିନ କିଛି ଦୋକାନୀ ଚୈତନ୍ୟକୁ ବଜାର ରୁ ଧରିଥିବା ବେଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ନିଳଗିରି ପୋଲିସ ଦୋକାନୀ ଚୋର ଚୈତନ୍ୟ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଜିତେନ୍ ନାୟକ ପ୍ରକାଶ କରିଛନ୍ତି। ଏନେଇ ନିଳଗିରି ଥାନାରେ ୨୩୨/୨୫ରେ ମାମଲା ରୁଜୁ ହୋଇଥିବାର ଜଣାପଡ଼ିଛି।

## ତିଗିରିଆରେ ବାଘର ପାଦ ଚିହ୍ନ, ଲୋକେ ଭୟଭୀତ

**ତିଗିରିଆ,୧୮।୭ (ସଂଚାର ବ୍ୟୁରୋ):** ଆଠଗଡ଼ ରେଞ୍ଜ ତିଗିରିଆ ଥାନା ଅନ୍ତର୍ଗତ ଭେଜିଆଠାରେ ବାଘର ପାଦ ଚିହ୍ନ । ଲୋକମାନେ ଏହାକୁ ନେଇ ଛାନିଆ ହୋଇଛନ୍ତି ।ସୂଚନା ଅନୁସାରେ ଆଜି ସ୍ଥାନୀୟ ଅଞ୍ଚଳର କିଛି ଲୋକ ପଙ୍କାଳ ନିକଟରେ ଥିବା ଜଙ୍ଗଲକୁ ଯାଉଥିବାବେଳେ ଏହା ମଧ୍ଯ ଦେଇ ଯାଇଥିବା ରେଙ୍ଗାଲି କେନାଲ ନିକଟରେ ଅଜଣା ବନ୍ୟ ଜନ୍ତୁର ପାଦ ଚିହ୍ନ ଦେଖିବାକୁ ପାଇଥିଲେ । ଏ ନେଇ ସ୍ଥାନୀୟ ଲୋକ ବନବିଭାଗକୁ ଖବର ଦେଇଥିଲେ । ବନ ବିଭାଗ ଖବର ପାଇବା ପରେ ଏସିଏଫ୍ ନୀଳମାଧବ ସାହୁଙ୍କ ତତ୍ତ୍ୱାବଧାନରେ ଆଠଗଡ଼ ଡିଏଫ୍ଓ ଯଜ୍ଞଦତ୍ତ ପତି, ତିଗିରିଆ ବନପାଳ ପ୍ରଶାନ୍ତ ପରିଡ଼ା ପ୍ରମୁଖଙ୍କ ସହିତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ ।

# ଧର୍ମଗଡ଼ରେ ଦେଶୀ କାଙ୍କଡ଼ କିଲୋ ୪୦୦ ଟଙ୍କା

## ମାଛ, ମାଂସଠୁ ବଳିଗଲା ପରିବା ଦର

**କଳାହାଣ୍ଡି,୧୮।୭(ସଂଚାର ବ୍ୟୁରୋ):** କଟା ବଡ଼ମାଛ କିଲୋ ୨୪୦ ଟଙ୍କା ଓ ଚିକେନ କିଲୋ ୨୨୦ ଟଙ୍କା। ହେଲେ ଦେଶୀ କାଙ୍କଡ଼ ୨୫୦ ଗ୍ରାମ୍‌କୁ ୧୦୦ ଟଙ୍କା ଅର୍ଥାତ କିଲୋ ୪୦୦ ଟଙ୍କା ଦରରେ ଧର୍ମଗଡ଼ ଶୁକ୍ରବାର, ସୋମବାର ସପ୍ତାହିକ ହାଟରେ ବିକ୍ରି ହେଉଥିବା ଦେଖାଯାଉଛି। ଲୋକେ ଆଗ୍ରହ କରି ପାଖକୁ ଯାଆନ୍ତି।କିନ୍ତୁ ଦର ଶୁଣି କାନମୁଣ୍ଡ ଆଉଁଶି ଫେରି ଯାଉଥିବା ଦେଖାଯାଇଛି। ତେଣୁ ଦେଶୀ ଛୋଟ କାଙ୍କଡ଼କୁ ପରିବା ବଜାରର ରାଜା ଆଖ୍ୟା ଦିଆଯାଇଛି। ଶ୍ରାବଣ ମାସକ ପାଇଁ ଅଧିକାଂଶ ଲୋକ ଆମିଷ ଖାଦ୍ୟ ବର୍ଜନ କରୁଥିବା ବେଳେ ପରିବା ଦର ଆମିଷଠାରୁ ବଳି ଯାଇଛି। ଆଳୁ, ପିଆଜକୁ ବାଦ୍ ଦେଲେ ଅନ୍ୟ



ସମସ୍ତ ପନିପରିବା ଦାମ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି।ଶୁକ୍ରବାର ଧର୍ମଗଡ଼ ସାପ୍ତାହିକ ହାଟ ଶ୍ରାବଣ ମାସର ପ୍ରଥମ ହାଟରେ ପରିବା ଦର ଆକାଶଛୁଆଁ ମାସ ଶେଷ ହେବା ବେଳକୁ ସ୍ଥିତି କ'ଣ ହେବ ବୋଲି ଲୋକେ ଚିନ୍ତା ପ୍ରକଟ କଲେଣି। ହାଟରେ ସବୁଠୁ ଶସ୍ତା ପରିବା ହେଉଛି ଆଳୁ ୨୦ ଟଙ୍କା କିଲୋରେ ବିକ୍ରି ହେଉଥିବା ବେଳେ ତା' ଉପରକୁ ରହିଛି ୪୦ ଟଙ୍କା କିଲୋରେ ବିକ୍ରି ହେଉଥିବା ଟମାଟୋ ଓ ଅମୃତଭଣ୍ଡା ଅନ୍ୟ ପରିବା ମଧ୍ୟରେ କଖାରୁ(ମାଖନ) କିଲୋ ୩୦ ଟଙ୍କା, ବନ୍ଧାକୋବି ୪୦ ଟଙ୍କା, ଗାଜର, ବିଟ ଆଦି କିଲୋ ୫୦ ଟଙ୍କା, ସାରୁ ଓ କାକୁଡ଼ି ୬୦ ଟଙ୍କା ଦରରେ ବିକ୍ରି ହୋଇଛି। ଅନ୍ୟ ସବୁ ପରିବା କିଲୋରେ ନୁହେଁ ବରଂ ଗ୍ରାମ୍‌ରେ ବିକ୍ରି ହେଉଥିବା ଦେଖାଯାଇଛି। ଅର୍ଥାତ ଦର ପଚାରିଲେ ବେପାରୀମାନେ ପାଏ (୨୫୦ଗ୍ରାମ୍)ର ଦାମ କହୁଥିବା ଲକ୍ଷ୍ୟ କରାଯାଇଛି।

## ବାଇକକୁ ଧକ୍କା ଦେଲା ଟ୍ରାକ୍ଟର, ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା,୧୮।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ରେଙ୍ଗାଳପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମ ନିକଟରେ ବେପରୁଆ ଟ୍ରାକ୍ଟର ଚାଳକ ର ଅସାବଧାନତା ଯୋଗୁଁ ଟ୍ରାକ୍ଟର ପଛ ପଟ ଟ୍ରାକ୍ଟର ଡାଲା ପଲଟି ପଡ଼ିବାରୁ ଡାଲା ରେ ଥିବା ସେଣ୍ଟ୍ରିଙ୍ଗ ପାଇଁ ଯାଉଥିବା ସାମଗ୍ରୀ ବାଇକ ଚାଳକ ଉପରେ ଚାପି ହୋଇ ପଡ଼ିବାରୁ ସ୍ଥାନୀୟ ଛିଲିପାମାଲ ଗ୍ରାମ ର ଯୁବକ ସୁନିଲ କୁମାର ଖର୍ସେଲ(୧୮) ଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ହୋଇ ପଡ଼ିଥିବା ଅନ୍ୟ ଜଣେ ନାବାଳକ ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଗ୍ରାମ ର ବଳରାମ ଗହୀର, ବିକାଶ ପୁଞ୍ଜି ଓ ଲକ୍ଷ୍ମଣ ଗହୀର ଗୁରୁତର କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ପ୍ରାଥମିକ ଚିକିତ୍ସା ପରେ ଯୁବକ ଙ୍କ ଅବସ୍ଥା ଜଟିଳ ଥବାରୁ ଜିଲ୍ଲା ମୁଖ୍ୟାଳୟ ମେଡ଼ିକାଲ କୁ ନେଉଥିବା ବାଟରେ ଯୁବକ ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା।

● ରାଜସ୍ଥାନରୁ ଯୁବତୀକୁ ଉଦ୍ଧାର ଘଟଣା

## ପୁଲିସ ଥାନାରେ ପରିବାରକୁ ହସ୍ତାନ୍ତର କଲେ ଉପାଧ୍ୟକ୍ଷ



**ଭବାନୀପାଟଣା,୧୮।୭ (ସଂଚାର ବ୍ୟୁରୋ):** ସୋସିଆଲ ମିଡିଆ ରେ ବନ୍ଧୁତା ସ୍ଥାପନ ପରେ ରାଜସ୍ଥାନ ର ଜଣେ ଯୁବକ ଙ୍କ ପ୍ରଲୋଭନ ରେ ଆସି ରାଜସ୍ଥାନ କୁ ନିଯୁକ୍ତି ପାଇଁ ଯାଇଥିବା କୋକସରା ଥାନାଞ୍ଚଳ ର ଜଣେ ଶିକ୍ଷିତା ଯୁବତୀ ଙ୍କୁ ସେଠି ପହଞ୍ଚିବା ପରେ ଯୁବକ ନିର୍ଯ୍ୟାତନା ନେଇ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ର ସହଯୋଗ ରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ରାଜସ୍ଥାନ ରାଜ୍ୟ ପ୍ରତାପ ନଗର ଥାନା ରୁ ସୁରକ୍ଷିତ ଭାବେ ଯୁବତୀ ଙ୍କୁ ଉଦ୍ଧାର କରି ଶୁକ୍ରବାର କୋକସରା ପୋଲିସ ଷ୍ଟେସନରେ ପହଞ୍ଚି ଯୁବତୀଙ୍କୁ ତାଙ୍କ ମା ଭାନୁମତି ବାଗ ଙ୍କୁ ପୋଲିସ ଜିମା ରେ ହସ୍ତାନ୍ତର କରିଥିଲେ। ଜଣେ ଜନ ପ୍ରତିନିଧି ଭାବେ ନିଜର କର୍ତ୍ତବ୍ୟ ଓ ମାନବିକତା ଦେଖାଇ ଅନ୍ୟଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ମତେ କଳାହାଣ୍ଡି ଜିଲ୍ଲା କୋକସରା ଥାନାଞ୍ଚଳ ର ଜଣେ ଯୁବତୀଙ୍କ ସହ ଫେସବୁକରେ ସମ୍ପର୍କ ସ୍ଥାପନ କରି ପରବର୍ତ୍ତୀ ସମୟରେ ନିଯୁକ୍ତି ପ୍ରଲୋଭନ ଦେଖାଇ ରାଜସ୍ଥାନ ଉଦୟପୁର ଜିଲ୍ଲା ପ୍ରତାପନଗର ଥାନାଞ୍ଚଳ ର ଯୁବକ ରତନ ଶର୍ମା ରାଜସ୍ଥାନ ଆସିବାକୁ କହିଥିଲା। ଯୁବତୀ ନିଜ ଘର ର ଆର୍ଥିକ ସ୍ଥିତିକୁ ଦେଖି ରାଜସ୍ଥାନ ଗଲାପରେ ସେଠାରେ ତାକୁ ଯୁବକ ରତନ ଶର୍ମା ଗୃହବନ୍ଦି ରଖି ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲା। କୌଣସି ମତେ ଯୁବତି ବନ୍ଦ କୋଠରୀ ରୁ ଝରକା ଦେଇ ଖସି ତାଙ୍କ ମାଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସ୍ଥାନୀୟ ପ୍ରତାପ ନଗର ପୁଲିସରେ ପହଞ୍ଚି ଜୀବନ ରକ୍ଷା କରିବା ପାଇଁ କହିଥିଲା। ଯୁବତୀ ନିଜ ଘର କୁ ଖବର ଦେବାପରେ ତାଙ୍କ ମା ଭାନୁମତି ବାଗ ଗତ ୧୫ ତାରିଖରେ କୋକସରା ବ୍ଲକ ଉପାଧ୍ୟକ୍ଷ ଙ୍କୁ ଏ ସମ୍ପର୍କରେ କହିବା ସହ ଝିଅ କୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ।

## ସୁବର୍ଣ୍ଣରେଖା ଚତୁର୍ଥ ବନ୍ୟା ବିପ୍ରାତରେ କଲବଲ ୬ ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ

# ବୋଟ୍ ଦେଇ ଦାୟିତ୍ୱ ସାରିଦେଇଛି ପ୍ରଶାସନ

**ବାଲିଆପାଳ,୧୮।୭ (ସଂଚାର ବ୍ୟୁରୋ):** ଗୋଟିଏ ମାସ ମଧ୍ୟରେ ସୁବର୍ଣ୍ଣରେଖା ନଦୀର ଚାରି ଚାରି ଥର ବନ୍ୟା ବନ୍ୟା ବିପନ୍ନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବାରମ୍ବାର ବନ୍ୟା ତାଡନାରେ ବିପନ୍ନଙ୍କ ପେଟର ଭୋକ ଆଖିରୁ ଲୁହ ଥମିବାର ନା ନେଉନାହିଁ। ତେବେ ବନ୍ୟା ବିପନ୍ନଙ୍କ ପାଇଁ ପ୍ରଶାସନ ଏବଂ ରାଜନେତାଙ୍କ ଦରଦ କେବଳ ଯେ ଲୋକ ଦେଖାଣିଆ ତାହା ସମସ୍ତେ ବୁଝିଗଲେଣି। ପ୍ରଥମ ବନ୍ୟାରେ କିଛି ପରିବାରଙ୍କୁ ଚୁଡାଗୁଡ ଦେଇ ପ୍ରଶାସନ ଦାୟିତ୍ୱ ସାରିଦେଇଥିବା ବେଳେ ଜୁଲାଇ ୩ ତାରିଖରେ ଦ୍ୱିତୀୟ ବନ୍ୟା ସମୟରେ ଓଡିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଆପାଳ ଓ ଭୋଗରାଇ ଗସ୍ତ କରି ବନ୍ୟା ବିପନ୍ନଙ୍କ ଦୁଃଖଦୁର୍ଦ୍ଦଶା ନିଜ ଆଖିରେ ଦେଖିବା ସହ ୭ ଦିନର ରିଲିଫ ପାଇଁ ଘୋଷଣା କରିଥିଲେ। ବାଲିଆପାଳ ବ୍ଲକର ଅସ୍ତି ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ବାଲିଆପାଳ, ନିଖିରା, କୁମ୍ଭାରୀ, ଘଣ୍ଟୁଆ ଓ ଦେଭୋଗ ପଞ୍ଚାୟତର ଜଳ ଘେରରେ ଥିବା ଲୋକଙ୍କୁ ବୟସ୍କଙ୍କ ପାଇଁ ଏକ କିଲୋଗ୍ରାମ ଚାଉଳ ଓ ଡାଲିପାଇଁ ୨୦ଟଙ୍କା। ୧୨ ବର୍ଷ କମ ପିଲାଙ୍କୁ ଦୈନିକ ୫୦୦ ଗ୍ରାମ ଚାଉଳ ଓ ଡାଲି ପାଇଁ ୧୫ ଟଙ୍କା ଲେଖାଁଏ ଦିଆଯିବ ବୋଲି ବିଡିଓ ରାଧାରଞ୍ଜନ ଦାସ ସୂଚନା ଦେଇଥିଲେ। ତେବେ ଏହା ଭିତରେ ଆହୁରି ଦୁଇଟି ବନ୍ୟା ଆସିଥିଲା ବେଳେ ଉକ୍ତ ରିଲିଫ ବିପନ୍ନଙ୍କ ପାଖରେ ପହଂଚିବା ଦୂରର କଥା ଅଦ୍ୟାବଧି ବ୍ଲକ ପଏଣ୍ଟରେ ପହଂଚିନଥିବା ଜଣାଯାଇଛି। ଭୋକ ଉପାସରେ ଦିନ କାଟୁଥିବା ଏହି ରିଲିଫଙ୍କୁ ଚାହିଁ ବସିଥିବା ବେଳେ ଚତୁର୍ଥ ବନ୍ୟା ଯନ୍ତ୍ରଣାରେ କଲବଲ ହେଉଥିବା ଲୋକେ ବନ୍ୟା ଅଞ୍ଚଳରେ ଜନ୍ମ ହେବା ତାଙ୍କ ପାଇଁ ଅଭିଶାପ ବୋଲି କହିଲେଣି। ମଙ୍ଗଳବାରଠାରୁ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତର ୩୦ରୁ ଉଦ୍ଧ୍ୱର୍ ଗ୍ରାମରେ ପ୍ରବେଶ କରିଛି।






# ଦୁଇରୁ ଚାରିଥର ବିବାହ କଲେ ଏହି ସାଉଥ ଷ୍ଟାର

ଫିଲ୍ମ ଇଣ୍ଡଷ୍ଟ୍ରିରେ ବିବାହ ବିହୀନ ସମ୍ପର୍କ ବା ଏକରୁ ଅଧିକ ବିବାହ ବହୁତ ସାଧାରଣ କଥା। କିଛି କଳାକାରଙ୍କର ଦୁଇରୁ ଅଧିକ ବିବାହ ହୋଇଥିବାବେଳେ କିଛି ଲୋକ ପ୍ରେମ ପାଇଁ ଧର୍ମ ବଦଳାଇ ବିବାହ କରିଥିଲେ। କେବଳ ବଲିଉଡ୍ ନୁହେଁ, ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଏମିତି ଅନେକ ଷ୍ଟାର ଅଛନ୍ତି ଯେଉଁମାନେ ଥରେ କି ଦୁଇଥର ନୁହେଁ ବରଂ ଅନେକ ଥର ପ୍ରେମରେ ପଡ଼ି ବିବାହ କରିଛନ୍ତି। କେହି ଦୁଇଥର ବିବାହ କରିଥିଲେ ତ ଆଉ କିଏ ତିନିଥର ବିବାହ କରିଥିଲେ। ଏମିତି କିଛି ଲୋକ ଥିଲେ ଯେଉଁମାନେ ଚାରିଥର ବିବାହ କରିଥିଲେ। ରେଖାଙ୍କ ପିତା ଜେମିନି ଗଣେଶନ୍ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି।


## ଦୁଇଥର ବିବାହ କରିଥିଲା ଅଭିନେତା




**କମଲ ହାସନ:** କମଲ ହାସନ ଦୁଇଥର ବିବାହ କରିଥିଲେ। ୨୪ ବର୍ଷ ବୟସରେ ସେ ପ୍ରଥମେ ବାଣୀ ଗଣପତିଙ୍କୁ ବିବାହ କରିଥିଲେ। ଏକ ଫିଲ୍ମ ସେଟରେ ଦୁହିଁଙ୍କ ସାକ୍ଷାତ୍ ହୋଇଥିଲା। ବିବାହ ପରେ ବାଣୀ ଗଣପତି କମଲ ହାସନଙ୍କ କିଛି ଫିଲ୍ମରେ କଷ୍ଟିଚ୍ୟୁମ ଡିଜାଇନର ଥିଲେ। ବିବାହର ୧୦ ବର୍ଷ ପରେ କମଲ ହାସନ ଓ ବାଣୀଙ୍କ ଛାଡ଼ପତ୍ର ହୋଇଥିଲା। ଏହାପରେ କମଲ ହାସନ ସାରିକାଙ୍କୁ ଭଲ ପାଉଥିଲେ ଏବଂ ତାଙ୍କ ସହ ରହିବା ଆରମ୍ଭ କରିଥିଲେ। ତା'ପରେ ସେମାନଙ୍କୁ ବିବାହ କରିଥିଲେ।

**ନାଗାର୍ଜୁନ ଦୁଇଥର**

ନାଗାର୍ଜୁନ ମଧ୍ୟ ଦୁଇଥର ବିବାହ କରିଥିଲେ। ତାଙ୍କର ପ୍ରଥମ ବିବାହ ୧୯୮୪ ରେ ଚଳଚ୍ଚିତ୍ର ନିର୍ମାତା ଡି ଦଗ୍ଗୁବତୀ ଏବଂ ଅଭିନେତା ଭେଙ୍କଟେଶଙ୍କ ଭଉଣୀ ଲକ୍ଷ୍ମୀ ଦଗ୍ଗୁବତୀଙ୍କ ସହ ହୋଇଥିଲା। ବିବାହ ପରେ ସେ ପୁଅ ନାଗା ଚୈତନ୍ୟଙ୍କ ପିତା ହୋଇଥିଲେ। କିନ୍ତୁ ୧୯୯୦ରେ ନାଗାର୍ଜୁନ ଓ ଲକ୍ଷ୍ମୀଙ୍କର ଛାଡ଼ପତ୍ର ହୋଇଯାଇଥିଲା ଏବଂ ଏହାର ଦୁଇ ବର୍ଷ ପରେ ଅର୍ଥାତ୍ ୧୯୯୨ରେ ସେମାନେ ଅଭିନେତ୍ରୀ ଅମଲାଙ୍କୁ ବିବାହ କରିଥିଲେ।




## ତିନିଥର ବିବାହ କରିଥିଲା ଅଭିନେତା/ଅଭିନେତ୍ରୀ



**ପୱନ କଲ୍ୟାଣ:** ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସାଉଥର ପାୱାର ଷ୍ଟାର ପୱନ କଲ୍ୟାଣ ୩ ଥର ବିବାହ କରିଛନ୍ତି। ଫିଲ୍ମରେ ଡେବ୍ୟୁ କରିବାର ବର୍ଷକ ପରେ ସେ ପ୍ରଥମେ ବିବାହ କରିଥିଲେ। ପତ୍ନୀଙ୍କ ନାମ ନନ୍ଦିନୀ। ବିବାହର କିଛିବର୍ଷ ପରେ ପବନ କଲ୍ୟାଣ ନନ୍ଦିନୀଙ୍କୁ ଛାଡ଼ପତ୍ର ଦେଇ ରେଣୁ ଦେଶାଇଙ୍କୁ ବିବାହ କରିଥିଲେ। କିନ୍ତୁ ପୱନ କଲ୍ୟାଣ ମଧ୍ୟ ଦ୍ୱିତୀୟ ପତ୍ନୀଙ୍କଠାରୁ ଛାଡ଼ପତ୍ର ନେଇଥିଲେ ଏବଂ ସେ ୨୦୧୧ରେ ଆନ୍ନା ଲେଜନେଭାଙ୍କୁ ବିବାହ କରିଥିଲେ।



**ରାଧିକା ଶରତକୁମାର:** ଅଭିନେତ୍ରୀ ରାଧିକା ଶରତ କୁମାର ମଧ୍ୟ ୩ ଥର ବିବାହ କରିଥିଲେ। ୧୯୮୫ମସିହାରେ ସେ ପ୍ରତାପ ପୋଥାନଙ୍କୁ ବିବାହ କରିଥିଲେ ଏବଂ ଏକ ବର୍ଷ ପରେ ଛାଡ଼ପତ୍ର ନେଇଥିଲେ। ରାଧିକା ୧୯୯୦ରେ ରିଚାର୍ଡ ହାର୍ଡିଙ୍କୁ ଦ୍ୱିତୀୟ ବିବାହ କରିଥିଲେ ଏବଂ ଦୁଇବର୍ଷ ପରେ ଛାଡ଼ପତ୍ର ନେଇଥିଲେ। ଏହାପରେ ୨୦୦୧ ମସିହାରେ ଅଭିନେତା ଶରତକୁମାରଙ୍କ ସହ ତାଙ୍କର ତୃତୀୟ ବିବାହ ହୋଇଥିଲା। ବିବାହ ପୂର୍ବରୁ ଦୁହେଁ ଭଲ ବନ୍ଧୁ ଥିଲେ ଏବଂ କିଛି ଫିଲ୍ମରେ ଏକାଠି କାମ ମଧ୍ୟ କରିଥିଲେ।



**ବିଜୟ କ୍ରିଷ୍ଣା ନରେଶ:** ତେଲୁଗୁ ଚଳଚ୍ଚିତ୍ର ଅଭିନେତା ବିଜୟ କ୍ରିଷ୍ଣା ନରେଶ ୪ ଥର ବିବାହ କରିଥିଲେ। ସେ ସାଉଥ୍‌ର ପ୍ରସିଦ୍ଧ ଅଭିନେତ୍ରୀ ବିଜୟ ନିର୍ମଳାଙ୍କ ପୁଅ। ନରେଶ ପ୍ରଥମେ ସାଉଥ୍ ଡ୍ୟାନ୍ସ ମାଷ୍ଟର ଶ୍ରୀନୁଙ୍କ ଝିଅଙ୍କୁ ବିବାହ କରିଥିଲେ। ସେମାନଙ୍କର ନବୀନ ବିଜୟ କ୍ରିଷ୍ଣା ନାମକ ଏକ ପୁତ୍ର ସନ୍ତାନ ଅଛି। ଏହାପରେ ନରେଶ ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେଇ ପ୍ରସିଦ୍ଧ କବି ତଥା ଦେବୁଳାପଲ୍ଲୀ କୃଷ୍ଣଶାସ୍ତ୍ରୀଙ୍କ ଝିଅ ରେଖା ସୁପ୍ରିୟାଙ୍କୁ ବିବାହ କରିଥିଲେ। ନରେଶଙ୍କର ଦ୍ୱିତୀୟ ପତ୍ନୀଙ୍କଠାରୁ ଏକ ପୁତ୍ର ସନ୍ତାନ ଥିଲା। ଏହାପରେ ସେ ଦ୍ୱିତୀୟ ପତ୍ନୀଙ୍କୁ ଛାଡ଼ପତ୍ର ଦେଇ ୧୫ ବର୍ଷ ସାନ ରମ୍ୟା ରଘୁପତିଙ୍କୁ ବିବାହ କରିଥିଲେ। ତୃତୀୟ ପତ୍ନୀଙ୍କଠାରୁ ନରେଶ ମଧ୍ୟ ଗୋଟିଏ ପୁଅର ପିତା ହୋଇଥିଲେ। ୨୦୨୩ ରେ ନରେଶ କନ୍ନଡ ଅଭିନେତ୍ରୀ ପବିତ୍ର ଲୋକେଶଙ୍କୁ ବିବାହ କରିଥିଲେ।

### ରେଖାଙ୍କ ପିତା ତଥା ତାମିଲ ଷ୍ଟାର ଜେମିନି ଗଣେଶନ ଚତୁର୍ଥ ବିବାହ କରିଥିଲେ

ରେଖାଙ୍କ ପିତା ଜେମିନି ଗଣେଶନଙ୍କର ୪ଟି ବିବାହ ହୋଇଥିଲା। ୧୯ ବର୍ଷ ବୟସରେ ତାଙ୍କର ପ୍ରଥମ ବିବାହ ହୋଇଥିଲା ଏବଂ ତାଙ୍କ ପତ୍ନୀଙ୍କୁ 'ବବଜୀ' କୁହାଯାଉଥିଲା। ଜେମିନି ଗଣେଶନ୍ ଅଭିନେତ୍ରୀ ସାବିତ୍ରୀଙ୍କୁ ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ଥର ପାଇଁ ବିବାହ କରିଥିଲେ। ବିବାହ ପରେ ମଧ୍ୟ ମିଥୁନଙ୍କର ଅନେକ ସମ୍ପର୍କ ଥିଲା। ଜେମିନି ଗଣେଶନ୍ ପୁଷ୍ପାବଲ୍ଲୀଙ୍କୁ ତୃତୀୟ ଏବଂ ଜୁଲିଆନା ଆଣ୍ଡ୍ରିୟୁଙ୍କୁ ଚତୁର୍ଥ ବିବାହ


# ଭ୍ୟାନିଟି ଭ୍ୟାନ୍ ପ୍ରଥମେ ଆରମ୍ଭ କରିଥିଲେ ପୁନମ ଧିଲୋନ



ପୁନମ ଧିଲୋନ ପ୍ରାୟ ୪୬ ବର୍ଷ ଧରି ଫିଲ୍ମରେ କାମ କରୁଛନ୍ତି। ସେ ପାଖାପାଖି ୯୦ଟି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ଏବଂ ପରେ ଚଳଚ୍ଚିତ୍ର ଦୁନିଆରୁ ଦୂରେଇ ଯାଇଥିଲେ। ଯଦିଓ ସେ ଏବେବି ଫିଲ୍ମ କରୁଛନ୍ତି, କିନ୍ତୁ ବହୁତ କମ୍। ପୁନମ ଧିଲୋନ ଏବେ ଜଣେ ବ୍ୟବସାୟୀ ମହିଳା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପୁନମ ଧିଲୋନ ଭାରତରେ ଭ୍ୟାନିଟି ଭ୍ୟାନ ଆରମ୍ଭ କରିଥିଲେ। ଏହିପରି ଭାବରେ ପୁନମ ଧିଲୋନ ଭ୍ୟାନିଟି ଭ୍ୟାନର ଧାରଣା ଆଣିଲେ ପୂର୍ବରୁ ସୁଟିଂ ସମୟରେ ଅଭିନେତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଶ୍ରାମ ନେବାକୁ ପଡ଼ିଲେ ବି ସେମାନଙ୍କୁ ଛତା ଧରି ଖୋଲାରେ ବସିବାକୁ ପଡୁଥିଲା। ଯଦି ପୋଷାକ ବଦଳାଇବାକୁ ପଡ଼େ କିମ୍ବା ଶୌଚାଳୟକୁ ଯିବାକୁ ପଡ଼େ, ତା'ହେଲେ ବୁଦା ବା ବସ୍‌ର ଆଶ୍ରୟ ନେବାକୁ ପଡୁଥିଲା। ନଚେତ୍ ହୋଟେଲକୁ ଫେରି ଯାଆନ୍ତୁ, ଗାଧୋଇବେ ଓ ପୋଷାକ ବଦଳାନ୍ତୁ। ମାଧୁରୀ ଦୀକ୍ଷିତଙ୍କଠାରୁ ଆରମ୍ଭ କରି ଜୟା ବଚ୍ଚନ ଏବଂ ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ପର୍ଯ୍ୟନ୍ତ ଅନେକ ଥର ସୁଟିଂ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କହିଛନ୍ତି। ଏହାପରେ ପୁନମ ଧିଲୋନ ଭ୍ୟାନିଟି ଭ୍ୟାନର କନସେପ୍ଟ ବିଷୟରେ ଚିନ୍ତା କଲେ। ତା'ପରେ ପୁନମ ଧିଲୋନ୍ ଏକ ବସ୍‌କୁ ଭ୍ୟାନିଟି ଭ୍ୟାନ୍ କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ ବସରେ ଏସି ଲଗାଇବା ସହ ମେକଅପ୍ ରୁମ୍ ଓ ଶୌଚାଳୟ ମଧ୍ୟ ନିର୍ମାଣ କରିଥିଲେ। ପୁନମ ଧିଲୋନ ଥରେ ବିଦେଶରେ ଏକ ଫିଲ୍ମର ସୁଟିଂ କରୁଥିବାବେଳେ ଭ୍ୟାନିଟି ଭ୍ୟାନର ଆଇଡିଆ ପାଇଥିଲେ। ସେଠାରେ ପୁନମ ଧିଲୋନ ଦେଖିଲେ ଯେ ସେଟରେ ଥିବା ତାରକାମାନଙ୍କ ପାଖରେ ଏକ ଭ୍ୟାନ୍ ଅଛି, ଯାହାକୁ ସେମାନେ ଟ୍ରେଲର ଭ୍ୟାନ୍ ବା ମେକଅପ୍ ଭ୍ୟାନ୍ ବୋଲି କୁହନ୍ତି। ତା'ପରେ ପୁନମ ଧିଲୋନ୍ ଏହାର ନାମ ଭ୍ୟାନିଟି ରଖିଥିଲେ। ପୁନମ ଧିଲୋନ ୧୯୭୮ ମସିହାରେ ଫିଲ୍ମ 'ତ୍ରିଶୁଲ'ରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ 'ନୁରୀ', 'କାଲା ପଥର', 'ତୱାଇଫ୍', 'ସୋନି ମହିୱାଲ', 'କର୍ମା' ଏବଂ 'ତେରି ମେହେରବାନିଆଁ' ଭଳି ଅନେକ ସ୍ମରଣୀୟ ଓ ହିଟ୍ ସିନେମା ଦେଇଥିଲେ। ପ୍ରଥମ ସିନେମା 'ତ୍ରିଶୁଲ'ରେ ପୁନମ ଧିଲୋନ ଏକ ସୁଇମସୁଟ୍ ପିନ୍ଧିଥିଲେ, ଯାହାକୁ ନେଇ ଫିଲ୍ମ କରିଡ଼ରରେ ଚର୍ଚ୍ଚା ହୋଇଥିଲା।


# ଓଡ଼ିଶା ଘଟଣାକୁ ଭୁଲିପାରୁନାହାନ୍ତି ଅର୍ଚ୍ଚନା ଯୋଗଲେକର

ବଲିଉଡ୍ ଓ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚନା ଯୋଗଲେକରଙ୍କ ବିଷୟରେ କହିବାକୁ ଯାଉଛୁ। ବାସ୍ତବରେ ୨୭ ବର୍ଷ ତଳେ ଅଭିନେତ୍ରୀଙ୍କ ଜୀବନରେ ଏମିତି ଏକ ଦୁଃଖଦାୟକ ଦୁର୍ଘଟଣା ଘଟିଥିଲା। ଯାହା ତାଙ୍କ ଜୀବନ ଓ କ୍ୟାରିୟରକୁ ନଷ୍ଟ କରିଦେଇଥିଲା। ୯୦ ଦଶକର ସୁନ୍ଦରୀ ଅଭିନେତ୍ରୀ ଅର୍ଚ୍ଚନା ଜୋଗଲେକର ୧୯୮୫ ମସିହାରେ ମରାଠୀ କଥାଚିତ୍ର ଜରିଆରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ବଲିଉଡ୍ ସିନେମାର ଟାଇଟଲ୍ ଥିଲା 'ସଂସାର'। ଏହି ଫିଲ୍ମରେ ଜବରଦସ୍ତ ଅଭିନୟ କରି ସେ ଦର୍ଶକଙ୍କ ହୃଦୟରେ ନିଜର ସ୍ଥାନ ତିଆରି କରିଥିଲେ। ଏହି ଅଭିନେତ୍ରୀ ବଲିଉଡ୍‌ରେ ଆଧିପତ୍ୟ ବଜାୟ ରଖିଥିବାବେଳେ ଅନ୍ୟପଟେ ଓଡ଼ିଆ ସିନେମାରେ ମଧ୍ୟ ପାଦ ଥାପିବାରେ ଲାଗିଥିଲେ। ଏହି ସମୟରେ ତାଙ୍କ ସହ ଏକ ଦୁର୍ଘଟଣା ଘଟିଥିଲା, ଯାହାକୁ ନେଇ ସେ ବହୁତ ଭୟଭୀତ ହୋଇପଡ଼ିଥିଲେ। ୧୯୯୭ ମସିହାରେ ଅଭିନେତ୍ରୀ ଅର୍ଚ୍ଚନା ଜୋଗଲେକର ଏହି ଫିଲ୍ମର ସୁଟିଂ ପାଇଁ ଓଡ଼ିଶା ଯାଇଥିଲେ। ଏହାପରେ ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଲୋକମାନେ ସେମାନଙ୍କୁ ବଞ୍ଚାଇଥିଲେ। ୧୯୯୭ ମସିହା ନଭେମ୍ବର ୩୦ ତାରିଖରେ ଏହି ଘଟଣା ଘଟିଥିଲା। ଅର୍ଚ୍ଚନା ସେଠାରେ ସରକାରୀ 'ପାନ୍ଥ ନିବାସ'ରେ ଥିଲେ। ଫିଲ୍ମର ସୁଟିଂ ପରେ ଅର୍ଚ୍ଚନା ଜୋଗଲେକର ରୁମକୁ ଫେରିବା ପରେ ଭୁବନା ନାମକ ଜଣେ ବ୍ୟକ୍ତି ଅଟୋଗ୍ରାଫ୍ ପାଇଁ ଅର୍ଚ୍ଚନାଙ୍କ ରୁମରେ ପହଞ୍ଚିଥିଲେ। ଏହାପରେ ଅଭିନେତ୍ରୀ ନିଜ ପ୍ରତିରକ୍ଷା ପାଇଁ ଖରାପ ଚିତ୍କାର କରିବା ଆରମ୍ଭ କରିଥିଲେ। ସ୍ୱର ଶୁଣିବା ମାତ୍ରେ କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ସାହାଯ୍ୟ କରିଥିଲେ। ତେବେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏନେଇ ଅଭିନେତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହାପରେ ୧୩ ବର୍ଷ ପରେ ଭୁବନେଶ୍ୱର ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତଙ୍କୁ ଦେଢ଼ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଆପଣଙ୍କୁ କହିରଖୁଛୁ ଯେ ଏହି ଘଟଣା ପରେ ଅଭିନେତ୍ରୀ ଫିଲ୍ମଠାରୁ ଦୂରତା ରଖିଥିଲେ।



# 'ଶୋଲେ'ର ଠାକୁର ମୃତ୍ୟୁର ଆଗୁଆ ପୂର୍ବାନୁମାନ କରିଥିଲେ

**ଶୋଲେ'ର ଠାକୁରଙ୍କୁ ସମସ୍ତେ ମନେ ରଖିଥିବେ! ସଞ୍ଜୀବ କୁମାରଙ୍କ ମୃତ୍ୟୁକୁ ନେଇ ଆଜି ବି ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଚିନ୍ତା କରିବାର କଥା ହେଉଛି ସେ ବହୁ ପୂର୍ବରୁ ତାଙ୍କ ମୃତ୍ୟୁର ପୂର୍ବାନୁମାନ କରିଥିଲେ। ତାଙ୍କ ପରିବାରର କୌଣସି ବ୍ୟକ୍ତି ୫୦ ବର୍ଷ ବୟସରୁ ଅଧିକ ରହୁନଥିଲେ।**



### ସଞ୍ଜୀବ କୁମାରଙ୍କ ମୃତ୍ୟୁ ଖବର ଥିଲା

ଯେତେବେଳେ ହିନ୍ଦୀ ସିନେମା ରାଜେଶ ଖାନ୍ନା, ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ବିନୋଦ ଖାନ୍ନା, ଶଶି କପୁର, ଜିତେନ୍ଦ୍ର ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ଭଳି ସୁପରଷ୍ଟାରଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା, ସେତେବେଳେ ସଞ୍ଜୀବ କୁମାର ହିଁ ବିଭିନ୍ନ ପ୍ରକାରର ଚଳଚ୍ଚିତ୍ର ଆଣି ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିଥିଲେ। ତାଙ୍କ ମୃତ୍ୟୁକୁ ଆଜି ବି ସବୁଠାରୁ ଅଧିକ ମନେରଖାଯାଇଛି କାରଣ ଅଭିନେତା ମୃତ୍ୟୁ ପୂର୍ବରୁ ହିଁ ତାଙ୍କ ମୃତ୍ୟୁର ଭବିଷ୍ୟବାଣୀ କରିଥିଲେ। ଖାଲି ସେତିକି ନୁହେଁ ଅନେକ ଆଶ୍ଚର୍ଯ୍ୟଜନକ କଥା ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ।

### ଛୋଟ ବୟସରେ ବୟସ୍କଙ୍କ ଭୂମିକାରେ କାହିଁକି ଅଭିନୟ କଲେ?

ହିନ୍ଦୀ ସିନେମାର ଅନ୍ୟତମ ଶ୍ରେଷ୍ଠ ଅଭିନେତା ସଞ୍ଜୀବ କୁମାରଙ୍କୁ କେବଳ ତାଙ୍କ ଅଭିନୟ ପାଇଁ ନୁହେଁ ବରଂ ତାଙ୍କ ମୃତ୍ୟୁ ବିଷୟରେ ଏକ ଭୟଙ୍କର ଭବିଷ୍ୟବାଣୀ ପାଇଁ ମଧ୍ୟ ସ୍ମରଣ କରାଯାଏ। ସଞ୍ଜୀବ କୁମାର ତାଙ୍କ ବୟସକୁ ମାତ୍ ଦେଉଥିବା ଚରିତ୍ରରେ ଅଭିନୟ କରିଥିଲେ। ସେ ନିର୍ଭୟରେ ବୟସ୍କଙ୍କ ଭୂମିକା ନିର୍ବାହ କରିଥିଲେ, ଏପରିକି ତାଙ୍କ ବୟସର ମହିଳାଙ୍କ ଜେଜେବାପା କିମ୍ବା ପିତା ମଧ୍ୟ ହୋଇଥିଲେ।

### ସଞ୍ଜୀବଙ୍କୁ ହରି ଭାଇ ବୋଲି କୁହାଯାଉଥିଲା

ଇଣ୍ଡଷ୍ଟ୍ରିରେ ସେ ହରି ଭାଇ ନାମରେ ପରିଚିତ। ସେ କେବଳ ଜଣେ ଅଭିନେତା ନୁହଁନ୍ତି ବରଂ ବହୁତ ସୃଜନଶୀଳ ବୋଲି ବିବେଚନା କରାଯାଉଥିଲା ଯିଏ କି ପୂର୍ବରୁ ତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିସାରିଥିଲେ। 'ଆନ୍ ଆକ୍ଟର ଆକ୍ଟର: ଦ ଅଥୋରାଇଜ୍‌ଡ଼ ବାୟୋଗ୍ରାଫି ଅଫ୍ ସଞ୍ଜୀବ କୁମାର'ର ଲେଖକ ହନିଫ୍ ଜାଭେରୀ ସଞ୍ଜୀବ କୁମାର ଏବଂ ତବସୁମଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଲୋକଲୋଚନକୁ ଆଣିଛନ୍ତି। ସେ ତାଙ୍କୁ ପଚାରିଥିଲେ ଯେ ସେ ଛୋଟ ଥିବାବେଳେ କାହିଁକି ସହଜରେ ବୃଦ୍ଧଙ୍କ ଭୂମିକା ଗ୍ରହଣ କରିଥିଲେ।

### ମୁଁ ୫୦ ବର୍ଷରୁ ଅଧିକ ବଞ୍ଚିବି ନାହିଁ

ସଞ୍ଜିବ କୁମାରଙ୍କ ପ୍ରତିକ୍ରିୟା ଉଭୟ ଆଶ୍ଚର୍ଯ୍ୟଜନକ ଏବଂ ବିବ୍ରତ ଥିଲା। ସେ କହିଥିଲେ, 'ମୁଁ ବୃଦ୍ଧ ହେବି ନାହିଁ, କାରଣ ମୁଁ ମୋ ପରିବାରର ଅନ୍ୟ ପୁରୁଷମାନଙ୍କ ପରି ୫୦ ବର୍ଷରୁ ଅଧିକ ବଞ୍ଚିବି ନାହିଁ। ତେଣୁ ମୁଁ ପରଦାରେ ବୃଦ୍ଧାବସ୍ଥାକୁ ମଧ୍ୟ ଅନୁଭବ କରୁଛି।'

### ୪୭ ବର୍ଷ ବୟସରେ ବିଦାୟ ନେଲେ

ଅଭିନୟ ଜରିଆରେ ଭାରତୀୟ ସିନେମା ଇତିହାସରେ ଲୋକପ୍ରିୟ ସଞ୍ଜୀବ କୁମାର୧୯୮୫ ମସିହା ନଭେମ୍ବର ୬ ତାରିଖରେ ୪୭ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଏହି ଭବିଷ୍ୟବାଣୀ ଏକ ହୃଦୟ ବିଦାରକ ବାସ୍ତବତାରେ ପରିଣତ ହୋଇଥିଲା।

### ସେହି ପରିବାରରେ କେହି ଏହାଠାରୁ ଅଧିକ ବଞ୍ଚିନଥିଲେ

ସୂଚନାଯୋଗ୍ୟ, ତାଙ୍କ ଜେଜେବାପା, ବାପା ଓ ସାନ ଭାଇ ନିକୁଳଙ୍କ ସମେତ ତାଙ୍କ ପରିବାରର ସମସ୍ତ ପୁରୁଷ୫୦ ବର୍ଷ ବୟସରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ। ଏମିତି ଲାଗୁଥିଲା ଯେମିତି ତାଙ୍କ ପରିବାର ଉପରେ ଏକ ଅଶୁଭ ଅଭିଶାପ ଆସୁଥିଲା।

### ପ୍ରଥମ ହୃଦଘାତରୁ ବର୍ତ୍ତିଗଲେ

ପ୍ରଥମ ହୃଦଘାତ ପରେ ସଞ୍ଜୀବ କୁମାରଙ୍କୁ ଆମେରିକାରେ ବାଇପାସ୍ କରିବାକୁ ପଡ଼ିଥିଲା। ମାତ୍ର ୪୭ ବର୍ଷ ବୟସରେ ତାଙ୍କର ଦ୍ୱିତୀୟ ହୃଦ୍‌ଘାତ ହୋଇଥିଲା, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିଲା।

### ୬ ମାସ ପରେ ମୋ ଭାଇର ମୃତ୍ୟୁ ଘଟିଥିଲା

ଛଅ ମାସ ପରେ ତାଙ୍କର ଅନ୍ୟ ଭାଇ କିଶୋରଙ୍କର ମୃତ୍ୟୁ ଘଟିଥିଲା ଏବଂ ସଞ୍ଜୀବ କୁମାର ତାଙ୍କ ପରିବାରର ପୁରୁଷମାନଙ୍କୁ ୫୦ ବର୍ଷ ବୟସ ପୂର୍ବରୁ ମୃତ୍ୟୁବରଣ କରିବା କଥା ମଧ୍ୟ ସତ ହୋଇଥିଲା।

### ଜେଜେବାପା, ବାପା ଓ ଭାଇଙ୍କ ମଧ୍ୟ ଏମିତି ମୃତ୍ୟୁ ଘଟିଥିଲା

ଜାଭେରୀ କହିଛନ୍ତି ଯେ ଅଭିନେତା ମୃତ୍ୟୁକୁ ଭୟ କରନ୍ତି ନାହିଁ ଏବଂ କହିଛନ୍ତି, 'ରେକର୍ଡ ପାଇଁ ତାଙ୍କ ଜେଜେବାପା ଶିବଲାଲ ଜରିୱାଲା, ତାଙ୍କ ପିତା ଜେଠାଲାଲ ଜରିୱାଲା, ତାଙ୍କ ଭାଇ କିଶୋର ଜରିୱାଲା, ତାଙ୍କ ସାନ ଭାଇ ନିକୁଲ ଜରିୱାଲା ୫୦ ବର୍ଷ ବୟସ ପୂର୍ବରୁ ସମସ୍ତଙ୍କର ମୃତ୍ୟୁ ଘଟିଥିଲା।'

### ଭବିଷ୍ୟବାଣୀ ସତ ହେଲା

ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ପରିବାରର ସମସ୍ତ ଲୋକ ୫୦ ବର୍ଷ ବୟସ ପୂର୍ବରୁ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ଜେଜେବାପା, ବାପା ଏବଂ ସାନ ଭାଇ ନିକୁଲଙ୍କ ମୃତ୍ୟୁ ଦେଖି ହରି ଭାଇଙ୍କ ମନରେ ମଧ୍ୟ ନିଜ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ ପାଇଥିଲା।

